

ସବୁ ମଦ୍ରାସାରେ ବୋଲାଯିବ ବନ୍ଦେ ମାତରମ୍

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 60 ଭାଗ ୩୪ | ସଂଖ୍ୟା ୬୦ | Friday 22 May 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୨୨ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଅଚଳ ସଂସ୍ଥାରେ କୋଟି କୋଟି ସରକାରୀ ଟଙ୍କା

## ବନ୍ଦ ହୋଇଥିବା ୭୨ ସଂସ୍ଥାରେ ଅଟକିଛି ୬୮.୫୨ କୋଟି

ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଭିନ୍ନ ନିଗମ ଓ କମ୍ପାନୀରେ କୋଟି କୋଟି ଟଙ୍କା ଗଡୁଛି। ସେସବୁ ସଂସ୍ଥାକୁ ଦିଆଯାଇଥିବା ଋଣ, ଅଗ୍ରୀମ ଓ ଶେୟାର ପୁଞ୍ଜିନିବେଶ ନେଇ

### ହିସାବ ଖୋଜିବାକୁ ଅର୍ଥ ବିଭାଗର ଜରୁରୀ ନିର୍ଦ୍ଦେଶ

ସରକାରଙ୍କ ପାଖରେ ହିସାବ ନାହିଁ। ୨୦୨୫-୨୬ ଆର୍ଥିକ ବର୍ଷର ଫାଇନାନ୍ସ ଆକାଉଣ୍ଟ ପ୍ରସ୍ତୁତି ପୂର୍ବରୁ ଏହି ସମସ୍ତ ତଥ୍ୟ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି) ମାଗିବା ପରେ ଅର୍ଥ ବିଭାଗ ତତ୍ପରତା ପ୍ରକାଶ କରି ସବୁ ବିଭାଗୀୟ ମୁଖ୍ୟଙ୍କୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଚିଠି ଲେଖାଯାଇଛି।

ଏଜି ରିପୋର୍ଟ କହୁଛି, ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୧୫୧ଟି ସଂସ୍ଥାରେ ଥିଲା ରାଜ୍ୟ ସରକାରଙ୍କ ନିବେଶ। ସେଥିରୁ ୭୨ଟି କମ୍ପାନି ଓ ନିଗମ ଏବେ ବନ୍ଦ କିମ୍ବା ଅଚଳ ହୋଇ ପଡ଼ିଛି।





ଏହିସବୁ ଅଚଳ ସଂସ୍ଥାରେ ଅଟକି ରହିଛି ରାଜ୍ୟ ସରକାରଙ୍କ ୬୮ କୋଟି ୫୨ ଲକ୍ଷ ଟଙ୍କା। ଆଉ ଏବେ ଏହି ଟଙ୍କାର ହିସାବ ଖୋଜିବାକୁ ସବୁ ବିଭାଗକୁ ଚିଠି ଲେଖିଛି ଅର୍ଥ ବିଭାଗ। ରାଜ୍ୟ ସରକାର ଯେଉଁ ସମସ୍ତ ସରକାରୀ କମ୍ପାନି ଓ କର୍ପୋରେସନ୍‌ରେ ନିବେଶ କରିଛନ୍ତି, ସେଗୁଡ଼ିକର ସଠିକ ➪ପୃଷ୍ଠା-୬

### ପ୍ରଧାନମନ୍ତ୍ରୀଙ୍କ ଅପିଲ୍‌କୁ କାର୍ଯ୍ୟକାରୀ କଲେ ମୋହନ

# ସରକାରୀ ସ୍ତରରେ ଆରମ୍ଭ ହେଲା ଖର୍ଚ୍ଚକାଟ

- ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ୮-ସୂତ୍ରୀ ନିର୍ଦ୍ଦେଶାବଳୀ
- ଏଣିକି ଭର୍ଚୁଆଲ ମୋଡ୍‌ରେ ସରକାରୀ ବୈଠକ
- ଜୁନ ପହିଲାରୁ କେବଳ ଇଭି ଗାଡ଼ି କିଣାହେବ
- ବରିଷ୍ଠ ଅଧିକାରୀ କାର ପୁଲିଂ କରନ୍ତୁ
- ସରକାରୀ ଗାଡ଼ି ବ୍ୟବହାର ପାଇଁ ମାର୍ଗଦର୍ଶିକା
- ବସ୍ କିମ୍ବା ଟ୍ରେନ୍‌ରେ କରିବେ ଜିଲ୍ଲା ପରିଦର୍ଶନ



ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ସାମ୍ପ୍ରତିକ ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁ ଦେଶରେ ପେଟ୍ରୋଲ ଡିଜେଲ ଖର୍ଚ୍ଚକାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ତାଙ୍କ କାର୍‌କେଡ୍'ର ଗାଡ଼ିସଂଖ୍ୟା ଅଧା କରିଥିବା ବେଳେ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସେ ଏକ ୮-ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ, କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ ଭର୍ଚୁଆଲ ମୋଡ୍‌ରେ କରାଯିବ। ଯେଉଁଠି ପ୍ରତ୍ୟକ୍ଷ ଉପସ୍ଥିତିର ଆବଶ୍ୟକତା ଥିବ, ସେ ସ୍ଥଳରେ ଯେଉଁ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଆବଶ୍ୟକ ଥିବ, ସେମାନେ ପ୍ରତ୍ୟକ୍ଷ ଭାବେ ବୈଠକରେ ଯୋଗ ଦେଇପାରିବେ ଏବଂ ଅନ୍ୟମାନେ ଭର୍ଚୁଆଲ ମୋଡ୍‌ରେ ଯୋଗ ଦେବେ। ସେହିଭଳି, ଜୁନ୍ ୧ ତାରିଖରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଯେତେ ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ (ଇଭି) ହୋଇଥିବା ବାଧ୍ୟତାମୂଳକ। ବିଶେଷ ଆବଶ୍ୟକତା ଭିତ୍ତିରେ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ। ସେହିଭଳି ଜୁନ୍ ପହିଲାରୁ ସରକାରୀ କାର୍ଯ୍ୟାଳୟରେ ବାଧ୍ୟତାମୂଳକ ଭାବେ କେବଳ ଇଭି ଗାଡ଼ି ଭଡ଼ା ସୂତ୍ରରେ ନିଆଯିବ।

ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ସରକାରୀ ଯାନ ପାଇଥିବା ବରିଷ୍ଠ ଅଧିକାରୀମାନେ ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ। ସରକାରୀ ଯାନ ବ୍ୟବହାର ପାଇଁ ରାଶିର ପରିମାଣ ମଧ୍ୟ ତଦନୁଯାୟୀ ଅଧା କରାଯିବ। ➪ପୃଷ୍ଠା-୬

### ଭିଜିଲାନ୍ସ ସ୍କାନରରେ ଯନ୍ତ୍ରୀ | ଦଣ୍ଡବିଧାନ ହାର ୫୦ ପ୍ରତିଶତ

## ଦୁଇ ବର୍ଷରେ ୪୮ ଯନ୍ତ୍ରୀଙ୍କ ଉପରେ ଚଢ଼ାଉ

ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): କ୍ରମାଗତ ଭାବେ ପ୍ରାୟ ପ୍ରତିଦିନ ରାଜ୍ୟର କୌଣସି ନା କୌଣସି ଜିଲ୍ଲାରୁ ଜଣେ ଯନ୍ତ୍ରୀ ଭିଜିଲାନ୍ସ ଜାଲରେ ଫସୁଛନ୍ତି। ଆଜି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରାୟଗଡ଼ା କୋଲନରା ବ୍ଲକ ଗ୍ରାମ୍ୟ ଉନ୍ନୟନ ଜଳ ଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ଉପରେ ପଡ଼ିଛି ଭିଜିଲାନ୍ସ ଛାଟ। ମଳୟଙ୍କ ସମେତ ଗତ ଦେଢ଼ ବର୍ଷ ମଧ୍ୟରେ ୪୮ ଜଣ ଯନ୍ତ୍ରୀଙ୍କ ଉପରେ ହେଲାଣି ଭିଜିଲାନ୍ସ ଚଢ଼ାଉ। ଗତ ୨୦୨୫ରେ ୩୬ ଜଣ ଓ ୨୦୨୬ରେ ଏଯାଏଁ ୧୨ ଜଣ ଯନ୍ତ୍ରୀଙ୍କ ଉପରେ ଭିଜିଲାନ୍ସ ଚଢ଼ାଉ କରିସାରିଲାଣି।

ଚଢ଼ାଉ ସମୟରେ କାହାର ଆଖି ତରାଟି ହୋଇଯିବା ଭଳି ସ୍ଥାବର ସମ୍ପତ୍ତି ଠାବ ହେଲାଣି ତ ପୁଣି କାହାଘରେ ଟଙ୍କାର ପାହାଡ଼ ଦେଖି





କାବା ହୋଇଯାଉଛନ୍ତି ଭିଜିଲାନ୍ସ କର୍ମଚାରୀ। ଗତ ୨୦୨୫ ମେ' ୩୦ ତାରିଖରେ ଭିଜିଲାନ୍ସ ଜାଲରେ ପଡ଼ିଥିବା ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରୁ ଭିଜିଲାନ୍ସ ଜବତ କରିଥିଲା ୨ କୋଟି ୫୬ ଲକ୍ଷର ନଗଦ ଟଙ୍କା। ଚଢ଼ାଉ ବେଳେ ୩୦ ଲକ୍ଷ ଟଙ୍କା ସେ ଝରକା ବାଟେ ବାହାରକୁ ଫିଙ୍ଗି ସାରା ଦେଶରେ ଚର୍ଚ୍ଚାକୁ ଆସିଥିଲେ। ଚଢ଼ାଉ ପରେ ବାବୁଙ୍କର ୯ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ସାମ୍ନାକୁ ଆସିଥିଲା।

ଖାଲି ବୈକୁଣ୍ଠନାଥ ନୁହନ୍ତି, ମାଲକାନଗିରି ଚିତ୍ରକୋଣ୍ଡା ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପବିତ୍ର ମୋହନ ପାଣିଗ୍ରାହୀଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଭିଜିଲାନ୍ସ କାବା ହୋଇଥିଲା। ବାବୁ ଠୁଳ କରିଥିଲେ ୫ କୋଟିରୁ ଅଧିକ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି। ସେହିଭଳି ଦୁଇ ଦିନ ତଳେ ଭବାନୀପାଟଣା କୋଠାବାଡ଼ି ନିର୍ମାଣ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କଠାରୁ ମିଳିଥିଲା ୯୭ଟି ପ୍ଲଟ, ଦୁଇ ଦୁଇଟି ଫାର୍ମ ହାଉସ ସହ ୫ଟି ବହୁତଳ ପ୍ରାସାଦ। ୨୦୨୫ରେ ଭିଜିଲାନ୍ସ ମୋଟ ୨୦୫ଟି ମାମଲା ରୁଜୁ ସହ ୩୩୯ ଦୁର୍ନୀତିଖୋର୍ ଅଫିସରଙ୍କୁ ଗିରଫ କରିଥିଲା, ଯେଉଁଥିରେ ୫୩ ଜଣ କ୍ଲାସ ୱାନ ଅଫିସର ଥିବା ବେଳେ ୩୬ ଜଣ ଯନ୍ତ୍ରୀଙ୍କର ତାଲିକା ବି ରହିଛି। ସେହିପରି ଗତବର୍ଷ ମୋଟ୍ ୧୦୮ଟି ମାମଲାରେ ଦଣ୍ଡବିଧାନ ହୋଇଥିବା ବେଳେ ରୁଜୁ ହୋଇଥିବା ମାମଲାର ଏହା ମାତ୍ର ୫୦ ପ୍ରତିଶତ।

## ଜଳୁଛି ରାଜଧାନୀ

- ଆହୁରି ୨ ଡିଗ୍ରୀ ବଢ଼ିବ
- ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ସପ୍ତାହର ପୂର୍ବଦିନମାନଙ୍କ ପରି ଗୁରୁବାର ମଧ୍ୟ ସମଗ୍ର ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏଥିସହ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନେକ ଜିଲ୍ଲାରେ ଅସହ୍ୟ ଗରମ ସାଙ୍ଗକୁ ଭୀଷଣ ଗୁଳୁଗୁଳି ଜନସାଧାରଣଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିପକାଇଛି। ଗୁରୁବାର ଝାରସୁଗୁଡ଼ାର ପାରଦ ୪୬ ଡିଗ୍ରୀ ଛୁଇଁବା ଫଳରେ ଏହା ରାଜ୍ୟର ସର୍ବାଧିକ ଉତ୍ତପ୍ତ ସହର ହୋଇଛି। ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ଗରମରୁ ତ୍ରାହି ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯିବା ସହ ସାରା ରାଜ୍ୟରେ ତାପମାତ୍ରା ଆହୁରି ୨ ଡିଗ୍ରୀ ବୃଦ୍ଧି ପାଇପାରେ ବୋଲି ମଧ୍ୟ ସତର୍କ କରାଇ ଦିଆଯାଇଛି। ଏଥିସହ ଆସନ୍ତା ୨୬ ➪ପୃଷ୍ଠା-୬

### ମୋଦିଙ୍କ ଉଚ୍ଚସ୍ତରୀୟ ମନ୍ତ୍ରୀ ପରିଷଦ ବୈଠକ

## ବିକଶିତ ଭାରତ-୨୦୪୭ ଏକ ପ୍ରତିବଦ୍ଧତା



ନୂଆଦିଲ୍ଲୀ,୨୧।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୬ଦିନିଆ ପଞ୍ଚରାଷ୍ଟ୍ରୀୟ ଗସ୍ତ ଶେଷକରି ଫେରିବାର ମାତ୍ର କିଛି ଘଣ୍ଟା ପରେ ଗୁରୁବାର ଏକ ଉଚ୍ଚସ୍ତରୀୟ ମନ୍ତ୍ରୀ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଅପରାହ୍ଣ ୪ଟାରୁ ଆରମ୍ଭ ହୋଇ ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଲିଥିବା ମନ୍ତ୍ରୀ ପରିଷଦ ବୈଠକରେ ୯ଟି ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଜନା ସମ୍ପର୍କିତ ରିପୋର୍ଟର ସମୀକ୍ଷା କରିଛନ୍ତି। ଦେଶ 'ବିକଶିତ ଭାରତ-୨୦୪୭' ଆଡ଼କୁ ଗତି କରୁଥିବା ବେଳେ ଭାରତର ବିକାଶ ଯାତ୍ରାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ମୁଖ୍ୟତଃ ତାହା ଉପରେ ୯ଟି ମନ୍ତ୍ରଣାଳୟ ସେମାନଙ୍କର ଯୋଜନାଭିତ୍ତିକ ରିପୋର୍ଟ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଶାସନର ପ୍ରାଥମିକତା, ସଂସ୍କାର ଓ ଭବିଷ୍ୟତର କାର୍ଯ୍ୟଯୋଜନାକୁ ସାମିଲ କରାଯାଇଛି। କୃଷି, ଜଙ୍ଗଲ, ଶ୍ରମ, ସଡ଼କ ପରିବହନ, କର୍ପୋରେଟ୍ ବ୍ୟାପାର, ବହିଃବ୍ୟାପାର, ବାଣିଜ୍ୟ, ଶକ୍ତି ଭଳି ମନ୍ତ୍ରଣାଳୟ ପକ୍ଷରୁ ଏହି ବ୍ୟାପକ ଯୋଜନାଭିତ୍ତିକ ରିପୋର୍ଟ ଉପସ୍ଥାପନା କରିଯାଇଛି।

ବୈଠକ ଅବସରରେ ➪ପୃଷ୍ଠା-୬

## ୨୭ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୧।୫(ସଂଚାର ବ୍ୟୁରୋ): ଝାଡ଼ଖଣ୍ଡରେରେ ଆଜି ୨୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଝାଡ଼ଖଣ୍ଡ ଡିଜିପି ତଦାଶା ମିଶ୍ରାଙ୍କ ଉପସ୍ଥିତିରେ ଏହି ମାଓବାଦୀମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି। ସମସ୍ତ ମାଓବାଦୀ ନିଷିଦ୍ଧ ଘୋଷିତ ସିପିଆଇ(ଏମ୍) ସଂଗଠନର ସଦସ୍ୟ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଜନୈକ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି ଯେ ଆଜି ଆତ୍ମସମର୍ପଣ କରିଥିବା ୨୭ ଜଣ ମାଓବାଦୀଙ୍କ ନାମରେ ବ୍ୟାପକ ପରିମାଣର ମାମଲା ରହିଛି। ସେମାନେ ଅପରେସନ୍ 'ନବଜୀବନ'ରେ ଆତ୍ମସମର୍ପଣ କରିଥିବା ବେଳେ ଅଦ୍ୟାବଧି ଏହି ଅପରେସନ୍ ମାଧ୍ୟମରେ ୨୨ ଜଣ ମାଓବାଦୀଙ୍କୁ ନିପାତ କରାଯାଇଥିବା ବେଳେ ୪୪ ଜଣଙ୍କୁ ଗିରଫ କରାଯାଇଛି ଓ ୨୯ ଜଣ ଆତ୍ମସମର୍ପଣ କରିଛନ୍ତି। ଏଥିସହ ଯେଉଁମାନେ ଏବେ ମାଓବାଦ ସହ ଜଡ଼ିତ ଅଛନ୍ତି, ସେମାନେ ମଧ୍ୟ ତୁରନ୍ତ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଡିଜିପି ଶ୍ରୀ ମିଶ୍ରା କହିଛନ୍ତି ଯେ ରାଜ୍ୟରେ ମାଓବାଦୀଙ୍କ ଦମନ ପାଇଁ କଠୋର ପଦକ୍ଷେପ ଜାରି ରହିବ। ଏଥିସହ ଆଜି ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି, ସେମାନଙ୍କୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପୁନର୍ବାସ ଯୋଜନାରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।





### କାଳବୈଶାଖୀ ହେଲା କାଳ

## ଖସିପଡ଼ିଲା ଟେଣ୍ଟ ସାମଗ୍ରୀ

## ୩ ଜଣ ମୃତ

### ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା



କେନ୍ଦୁଝର,୨୧।୫(ସଂଚାର ବ୍ୟୁରୋ): କେନ୍ଦୁଝର ନରଣପୁରରେ କାଳ ସାଜିଛି କାଳବୈଶାଖୀ। ପ୍ରବଳ ବର୍ଷା ଓ ପବନରେ ଭୁଶୁଡ଼ି ପଡ଼ିଲା ଟେଣ୍ଟ ସାମଗ୍ରୀ। ଟେଣ୍ଟ ସାମଗ୍ରୀ ତଳେ ଚାପି ହୋଇ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ, ଆଜି ଅପରାହ୍ଣରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ସାଙ୍ଗକୁ ବର୍ଷା ହୋଇଥିଲା। ନରଣପୁରଠାରେ ଥିବା ଏକ ଟେଣ୍ଟ ହାଉସର ଲୁହା ସାମଗ୍ରୀ ଆଦି ଜିନିଷପତ୍ର ଘରର ଭାଡାରେ ଥୁଆ ହୋଇଥିଲା। ସେତେବେଳେ ➪ପୃଷ୍ଠା-୬

## ସରି ସରି ଆସୁଛି ବନବାସ!

ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଅବସରପ୍ରାପ୍ତ ଆଇଏଏସ ଅଫିସର ତଥା ଏକଦା ବିଜେଡିର ମାର୍ଗଦର୍ଶକ ସାଜିଥିବା ଭିକେ ପାଣ୍ଡିଆନଙ୍କ ସନ୍ୟାସ ଜୀବନ ଆଉ ଖୁବ କମ୍ ଦିନ ବୋଲି ଚର୍ଚ୍ଚା ହେଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବିଶେଷ କରି ଗାଁଗହଳିରେ ଲାଗୁଥିବା ପୋଷ୍ଟର ଏଭଳି ସଙ୍କେତ ଦେଉଛି। ବିଜେଡିର ସଙ୍କେତ ଥାଇ ଲାଗୁଥିବା ଏହିସବୁ ପୋଷ୍ଟରରେ ପାଣ୍ଡିଆନଙ୍କୁ ପୁଣି ଥରେ ଦଳକୁ ଫେରିଆସିବାକୁ ଅପିଲ କରାଯାଉଛି।

୨୦୨୪ ନିର୍ବାଚନରେ ବିଜେଡି ହାରିଯିବା ପରେ ରାଜନୀତିରୁ ସନ୍ୟାସ ନେଇଥିଲେ ପାଣ୍ଡିଆନ। ପରେ ସେ ଆଉ ପ୍ରତ୍ୟକ୍ଷ ରାଜନୀତିରେ ଦେଖାଯାଉ ନ ଥିଲେ। ସେ କେବଳ ନିଜର ରାଜନୈତିକ ଗୁରୁ ନବୀନ ପଟ୍ଟନାୟକଙ୍କୁ ବ୍ୟକ୍ତିଗତ ଭାବେ ସହଯୋଗ କରୁଥିଲେ। ଏପରିକି ନବୀନ ପଟ୍ଟନାୟକ ଅସୁସ୍ଥ ଥିବା ବେଳେ ସେ ତାଙ୍କ ସହ ରହି ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଇଥିଲେ। କିନ୍ତୁ କୌଣସି ଦଳୀୟ କାର୍ଯ୍ୟକ୍ରମ, ଦଳୀୟ ନିଷ୍ପତ୍ତି, ଦଳୀୟ ବୈଠକ ଏପରିକି ନବୀନ ନିବାସ ମିଟିଂରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳୁ ନ ଥିଲା। ଯଦିଓ ଏବେ ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ଫିଟ ଅଛନ୍ତି ଏବଂ ସେ ନିଜେ ଦଳର ସବୁ ନିଷ୍ପତ୍ତି ନେଉଛନ୍ତି ଏବଂ ନେତାଙ୍କୁ ଭେଟୁଛନ୍ତି, କେଉଁଠି ନା କେଉଁଠି ବରିଷ୍ଠ ଏବଂ ତୃଣମୂଳ ସ୍ତରର ନେତାମାନେ ପାଣ୍ଡିଆନଙ୍କ ଗାଇଡାନ୍ସକୁ ଝୁରୁଛନ୍ତି ବୋଲି ଦଳରେ ଚର୍ଚ୍ଚା ହେଉଛି। ଯେଉଁଥିପାଇଁ





ପରୋକ୍ଷରେ ତାଙ୍କ ଉପରେ ଚାପ ସୃଷ୍ଟି କରାଯାଉଛି। ଗାଁଗହଳିରେ ଲାଗୁଥିବା ପୋଷ୍ଟରରେ କେଉଁଠି ତାଙ୍କୁ ବିକାଶ ପୁରୁଷ ବୋଲି କୁହାଯାଉଛି ତ ଆଉ ➪ପୃଷ୍ଠା-୬

- ଆମେରିକାରେ ଭାରତୀୟଙ୍କୁ ୬୦ ଦିନର କଷ୍ଟ
- ଇସ୍ରୋକୁ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର

ପୃଷ୍ଠା-୬

### ଫଲୋଅର୍ସ ୧୮ ନିୟୁତ

## ଜେନ-ଜି'ଙ୍କ କ୍ରେଜ୍ କକ୍ରୋଚ ଜନତା ପାର୍ଟି

ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଯୁବ ଗୋଷ୍ଠୀଙ୍କର ପ୍ରଥମ ପସନ୍ଦ ହୋଇଥିବା କକ୍ରୋଚ ଜନତା ପାର୍ଟି (ସିଜେପି) ଗୋଟିଏ ପରେ ଗୋଟିଏ ରେକର୍ଡ କରିବାରେ ଲାଗିଛି। ଯୁବକଯୁବତୀଙ୍କୁ ଏହା ଏତେ ଆକୃଷ୍ଟ କରିଛି ଯେ ସେମାନେ ଏଥିରେ ଯୋଡ଼ି ହୋଇ ସରକାର ବିରୋଧରେ ନିଜର ହତାଶା ଭାବ ପ୍ରକାଶ କରିଛନ୍ତି। ଏହାର ଫଲୋଅର୍ସ ସଂଖ୍ୟା ୧୮ ନିୟୁତ ଟପିଛି। ଟ୍ରେଣ୍ଡ କରୁଥିବା ଏହି ସମର୍ଥନକୁ ନେଇ ଏବେ ଆରମ୍ଭ ହୋଇଛି ରାଜନୀତି।

କକ୍ରୋଚ ଜନତା ପାର୍ଟି ଆରମ୍ଭ ପରେ ଯାହାକୁ ଦେଖିଲେ ସିଏ 'କକ୍ରୋଚ', ଯିଏ ଦେଖୁଛି ସିଏ ବି କକ୍ରୋଚ ବୋଲି କହିବାରେ ଲାଗିଛି। ଏବେ ସୋସିଆଲ୍ ମିଡିଆରେ ଟ୍ରେଣ୍ଡ କରୁଛି କକ୍ରୋଚ ଜନତା ପାର୍ଟି ବା ସିଜେପି। ଏହାର କ୍ରେଜ୍ ଏବେ ଚରମ ସୀମାରେ। ହଜାର ହଜାର ସଂଖ୍ୟାରେ ଏହାକୁ ଲୋକେ ପସନ୍ଦ କରୁଛନ୍ତି। ଏହାକୁ ଲକ୍ଷାଧିକ





- ଜାତୀୟ ଦଳକୁ ବି ପଛରେ ପକାଇଲା ସିଜେପି
- ଦଳୀୟ ସଙ୍କେତ ଆବେଦନ ପରେ ତେଜିଲା ରାଜନୀତି

ସଂଖ୍ୟାରେ ଯୁବ ଗୋଷ୍ଠୀ ସମର୍ଥନ କରି ଯୋଡ଼ି ହୋଇଛନ୍ତି। ନାଁ ଦେଇକି ରେଜିଷ୍ଟ୍ରେସନ୍ ବି କରୁଛନ୍ତି। ମାତ୍ର ଦିନ କେଇଟା ଭିତରେ ଜେନ ଜି'ଙ୍କ ପ୍ରଥମ ପସନ୍ଦ ପାଲଟିଛି ଏହି କକ୍ରୋଚ୍ ଜନତା ପାର୍ଟି।

ବେକାର ଯୁବକଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି କକ୍ରୋଚ ଆଖ୍ୟା ଦେଇ ଚର୍ଚ୍ଚାକୁ ଆସିଥିଲେ। ହେଲେ ପର ମୁହୂର୍ତ୍ତରେ ଏହାର ସ୍ପଷ୍ଟୀକରଣ ବି ସେ ଦେଇଥିଲେ। ତେବେ ଏଭଳି ମନ୍ତବ୍ୟ ଯୁବ ଗୋଷ୍ଠୀକୁ ନିଜ ହତାଶା ଭାବର ନିଆଁ ଜାଳିବାକୁ ଖୋରାକ ଯୋଗାଇଛି। ପୂର୍ବରୁ ଆମ ଆଦମୀ ପାର୍ଟିରେ ଥିବା ଅଭିଜିତ ଦିପକେ ଆରମ୍ଭ କରିଛନ୍ତି ଏହି କକ୍ରୋଚ ଜନତା ପାର୍ଟି। ଏହାର ଲୋକପ୍ରିୟତା ଏତେ ପରିମାଣରେ ବଢ଼ିଛି ଯେ ସୋସିଆଲ ମିଡିଆ ଫଲୋଅର୍ସରେ ଏହା ଜାତୀୟ ଦଳଗୁଡ଼ିକୁ ବି ପଛରେ ପକାଇ ସାରିଲାଣି।

ଦରଦାମ ବୃଦ୍ଧି, ବେକାରୀ ପରି ସମସ୍ୟାରେ ସରକାରଙ୍କୁ ଏହା ଘେରିବାରେ ଲାଗିଛି। ଜାତୀୟ ଦଳକୁ ଅନଫଲୋ କରିବାକୁ ଅଭିଜିତ ଦେଇଥିବା ଆହ୍ୱାନରେ ସାମିଲ ହୋଇଛନ୍ତି ଲକ୍ଷ ଲକ୍ଷ ଲୋକ, ଯେଉଁଥିରେ ଅଧିକାଂଶ ଯୁବ ଗୋଷ୍ଠୀ। ସିଜେପି କେତେଗୁଡ଼ିଏ ମତ ରଖିଛି। ଏଥିରେ ଦର୍ଶାଯାଇଛି ଯେ କାହିଁକି ବିଚାର ପ୍ରକ୍ରିୟା ଓ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ରାଜନୈତିକ ଦଳ ଦ୍ୱାରା ରାଜ୍ୟସଭା ଯାଉଛନ୍ତି? ଦଳବଦଳ କରୁଥିବା ନେତା ୨୦ ବର୍ଷ ଯାଏଁ ନିର୍ବାଚନ ଲଢ଼ିପାରିବେ ନାହିଁ। ସତ୍ୟ ଖବର ପଦାକୁ ଆସୁନି। ଶାସନ ବ୍ୟବସ୍ଥା ଗଣମାଧ୍ୟମ ସଂସ୍ଥାକୁ ନିୟନ୍ତ୍ରଣ କରିପାରିବେ ନାହିଁ। ଇଭିଏମ୍ ଉପରେ ଲୋକେ ବିଶ୍ୱାସ ହରାଇ ବସିଲେଣି। ସୀମା ପୁନଃ ନିର୍ଦ୍ଧାରଣ ପୂର୍ବରୁ ମହିଳା ସଂରକ୍ଷଣ କରାଯାଉ।

ତେବେ ଏହାକୁ ନେଇ ଆରମ୍ଭ ହୋଇଛି ରାଜନୀତି। ବିଜେଡି କହିଛି ଯେ ଆଜି କକ୍ରୋଚ ଜନତା ପାର୍ଟି ଯେଉଁ ୫ ସିଦ୍ଧାନ୍ତ ଉପରେ ଅଧିକ ଗୁରୁତ୍ୱ ➪ପୃଷ୍ଠା-୬


SIKSHA 'O' ANUSANDHAN
SAAT-2026
Empowering students for a brighter future

PHARMACY PROGRAMS
- B.Pharm
- M.Pharm in Pharmacology
- M.Pharm in Pharmaceutics
- M.Pharm in Industrial Pharmacy
- M.Pharm in Pharmaceutical Analysis

APPROVAL & RECOGNITIONS
- Approved by UGC and PCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited B.Pharm Program

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ଜୀବିକା ମିଶନ ଅଫିସରେ ଅବ୍ୟବସ୍ଥା



## ଅଚଳ ଶୌଚାଳୟ, ଘୂରୁନି ପଙ୍ଖା

**ମହାକାଳପଡ଼ା,୨୧।୫(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜୀବିକା ମିଶନ ଅଫିସ ଅବହେଳାର ଚରମ ସୀମାରେ ପହଞ୍ଚିଛି। ଶୌଚାଳୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନଥିବାରୁ ମହିଳା କର୍ମଚାରୀ ଓ ଗ୍ରାମରୁ ଆସୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ କାର୍ଯ୍ୟ କରି ଠିକାଦାର ସରକାରୀ ଅର୍ଥ ଲୁଟି ନେଇଥିବା ଅଭିଯୋଗ ମଧ୍ୟ ଉଠିଛି।

ଅଭିଯୋଗ ଅନୁସାରେ, ଶୌଚାଳୟ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପାଣି ସଂଯୋଗ ହୋଇନଥିବାରୁ ଏହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ଫଳରେ ଅଫିସରେ କାର୍ଯ୍ୟରତ ୩ ଜଣ ମହିଳା କର୍ମଚାରୀଙ୍କ ସହ ଦୂରଦୂରାନ୍ତରରୁ ଆସୁଥିବା ମହିଳାମାନେ ଭାରୀ ଅସୁବିଧା ଭୋଗୁଛନ୍ତି। ନିମ୍ନମାନର କାମ ଯୋଗୁଁ ଶୌଚାଳୟର ବହୁ ସାମଗ୍ରୀ ଭାଙ୍ଗିଯାଇଥିବା ମଧ୍ୟ ଦେଖିବାକୁ ମିଳିଛି।

ଖାଲି ଶୌଚାଳୟ ସମସ୍ୟା ନୁହେଁ, ଅଫିସ ଗୃହରେ ଲାଗିଥିବା ୩ଟି ପଙ୍ଖା ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିଲେ ସୁଦ୍ଧା ମରାମତି କରାଯାଉନଥିବା ଅଭିଯୋଗ ହେଉଛି। ଖରାଦିନରେ ଅସହ୍ୟ ଗରମ ଭିତରେ କାମ କରିବାକୁ ପଡୁଥିବାରୁ କର୍ମଚାରୀଙ୍କ ସହ ଗ୍ରାମରୁ ଆସୁଥିବା ମହିଳାମାନେ ଅଧିକ ହଇରାଣ ହେଉଛନ୍ତି।ଏପଟେ ସରକାର ମହିଳାଙ୍କ ସୁରକ୍ଷା ଓ ସୁବିଧାକୁ ନେଇ ବଡ଼ ବଡ଼ ଘୋଷଣା କରୁଥିବା ବେଳେ ଅନ୍ୟପଟେ ମହାକାଳପଡ଼ା ବ୍ଲକରେ ତାହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ମହିଳା କର୍ମଚାରୀଙ୍କ ପାଇଁ ଠିକ୍ ଭାବରେ ବସିବା ଘର କିମ୍ବା ଶୌଚାଳୟ ସୁବିଧା ଯୋଗାଇ ପାରୁନଥିବା ପ୍ରଶାସନ ମହିଳା ସୁରକ୍ଷା ନେଇ କେତେ ସଚେତନ ତାହାକୁ ନେଇ ପ୍ରଶ୍ନ ଉଠିଛି। କେବେ ଅଫିସ ଗୃହର ଅଚଳ ପଙ୍ଖା ମରାମତି ହେବ ଓ ଶୌଚାଳୟ ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ, ତାହାକୁ ନେଇ କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅପେକ୍ଷା ରହିଛି।

# ନିଃଶୁଳ୍କ ଶିକ୍ଷା କେନ୍ଦ୍ରରେ ପିଲାଙ୍କୁ ପାଠ ପଢ଼ାଇଲେ ପ୍ରଫେସର କମଳା କାନ୍ତ ଦାଶ



**ଗରଦପୁର,୨୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧିନ ବ୍ରହ୍ମପୁରସ୍ଥିତ ନିଃଶୁଳ୍କ ଶିକ୍ଷା କେନ୍ଦ୍ରରେ ବୁଧବାର ଏକ ନିଆରା ଶିକ୍ଷାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବିଶେଷଜ୍ଞ ପ୍ରଫେସର କମଳା କାନ୍ତ ଦାଶ କୁନି କୁନି ପିଲାଙ୍କୁ ଇଂରାଜୀ ବିଷୟରେ ପାଠ ପଢ଼ାଇଥିଲେ।

ଇଂରାଜୀ ପ୍ରତି ଛାତ୍ରଛାତ୍ରୀଙ୍କ ମନରେ ଥିବା ଭୟକୁ ଦୂର କରିବା ସହ ଆଗାମୀ ଦିନରେ ଏହି ବିଷୟ ପ୍ରତି ଭଲପାଇବା ଓ ଆଗ୍ରହ ବଢ଼ାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଷଷ୍ଠ ଶ୍ରେଣୀର ପିଲାମାନଙ୍କୁ ସରଳ ଓ ପ୍ରାଞ୍ଜଳ ଭାବରେ ଇଂରାଜୀର ଏକ ବିଷୟ ବୁଝାଇବା ସହ ତାହାର ଓଡ଼ିଆ ଅର୍ଥ ମଧ୍ୟ ବୁଝାଇଥିଲେ।

ଦୈନନ୍ଦିନ ଜୀବନରେ ଇଂରାଜୀ ଶିକ୍ଷାର ମୂଲ୍ୟବୋଧ, କଷ୍ଟ ଶବ୍ଦର ସହଜ ବ୍ୟାଖ୍ୟା ଓ ତାଙ୍କର ଅନନ୍ୟ ପଢ଼ାଇବା ଶୈଳୀ ପିଲାମାନଙ୍କୁ ଆକୃଷ୍ଟ କରିଥିଲା। ଶ୍ରେଣୀକକ୍ଷରେ ପିଲାମାନେ ଆଗ୍ରହର ସହ ପାଠ ଗ୍ରହଣ କରୁଥିବା ଦେଖିବାକୁ ମିଳିଥିଲା। ଗ୍ରାମାଞ୍ଚଳରେ ଏଭଳି ନିଃଶୁଳ୍କ ଶିକ୍ଷା ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

# ଶବ ବ୍ୟବଛେଦ ଗୃହ ନିର୍ମାଣ ଦାବି

**ପଟ୍ଟାମୁଣ୍ଡାଇ, ୨୧।୫ (ସଂଚାର ବ୍ୟୁରୋ):** ଓଡିଶାର ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ ସହର ସର୍ବୋପରି ବିଭିନ୍ନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ପଟ୍ଟାମୁଣ୍ଡାଇ। ପଟ୍ଟାମୁଣ୍ଡାଇ ସହରକୁ ଜିଲ୍ଲାର ବିଭିନ୍ନ ବ୍ଲକର ଲୋକମାନେ ବିଭିନ୍ନ କାମ ପାଇଁ ଆସିଥାନ୍ତି। ଏହି ସହରର ଜନସଂଖ୍ୟା ଆଶାତୀତ ଭାବେ ବଢ଼ି ଚାଲିଛି । ଜନସଂଖ୍ୟା ସାଙ୍ଗକୁ ଯାନବାହନ ଚଳାଚଳ କାହିଁ କେତେ ଗୁଣ ବଢ଼ିଛି। ପ୍ରଶାସନର ସମସ୍ତ ଉଦ୍ୟମ ସତ୍ତ୍ୱେ ସହର ଟ୍ରାଫିକ ସମସ୍ୟାରେ ସୁଧାର ଆସି ପାରିନାହିଁ । ଯାହାଫଳରେ ପ୍ରତ୍ୟହ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି । ଦୁର୍ଘଟଣା ମୃତ୍ୟୁ ଅପମୃତ୍ୟୁ ଓ ସନ୍ଦେହଜନକ ମୃତ୍ୟୁର ରହସ୍ୟ ଫିଟାଇବା ଓ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ମୃତ ଶବ ବ୍ୟବଛେଦ ନିହାତି ଆବଶ୍ୟକ।

ପଟ୍ଟାମୁଣ୍ଡାଇରେ ସବଡିଭିଜନ ହସ୍ପିଟାଲ ଥିଲେ ମଧ୍ୟ ଶବ ବ୍ୟବଛେଦ ଗୃହ ନାହିଁ । ଯାହାଫଳରେ ପଟ୍ଟାମୁଣ୍ଡାଇ ସମେତ ଆଖ ପାଖ ବିଭିନ୍ନ ଅଂଚଳର ଲୋକମାନେ ଶବ ବ୍ୟବଛେଦ ଗୃହ ନିର୍ମାଣ ପାଇଁ ସୁଦୂର ଆଳି ଯିବାକୁ ବାଧ୍ୟ ହେଉଛନ୍ତି। ପଟ୍ଟାମୁଣ୍ଡାଇ ମୁନିସିପାଲିଟି ସାଙ୍ଗକୁ ସବଡିଭିଜନ ହସ୍ପିଟାଲ ଥିଲେ ମଧ୍ୟ ଶବ ବ୍ୟବଛେଦ ଗୃହ ନରହିବା ଦୁର୍ଭାଗ୍ୟଜନକ । ପଟ୍ଟାମୁଣ୍ଡାଇ ଅଂଚଳ ଉପରେ ବିଭିନ୍ନ ବ୍ଲକ ନିର୍ଭର କରୁଥିବାରୁ ପଟ୍ଟାମୁଣ୍ଡାଇ ସହର ମଧ୍ୟରେ ଅବିଳମ୍ବେ ଶବ ବ୍ୟବଛେଦ ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲା ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ, ଯୁବନେତା ପରେଶ ସାହୁ, ରାଜେଶ ବାରିକ(ଲିପୁ) ଓ ଆଇନଜୀବି ଶିଶିର କୁମାର ମଲିକ ପ୍ରମୁଖ ଦାବି କରିଛନ୍ତି।

# ବିଧାୟକଙ୍କ ଦ୍ୱାରା ଦୁଇଟି ରାସ୍ତାର ଶିଳାନ୍ୟାସ



**ଧର୍ମଶାଳା, ୨୧।୫ (ସଂଚାର ବ୍ୟୁରୋ):** ଧର୍ମଶାଳା ବ୍ଲକର ଦୁଇ ଗୋଟି ସ୍ଥାନରେ ରାସ୍ତାର ନବୀକରଣ ଓ ପ୍ରସସ୍ତୀକରଣ ପାଇଁ ଆଜି ଧର୍ମଶାଳା ବିଧାୟକଙ୍କ ଦ୍ୱାରା ଶିଳାନ୍ୟାଶ କରାଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧର୍ମଶାଳା ଜଗନ୍ନାଥ ସଡକ ବ୍ରାହ୍ମଣୀ ଘାଟ ଠାରୁ ଭୁବନ ଓ ନୂଆପାଟଣା ଠାରୁ କୋଟପୁର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଓ ଉନ୍ନତିକରଣ ପାଇଁ ଆଜି ଶିଳାନ୍ୟାଶ କରିଛନ୍ତି। ଏହି ଶିଳାନ୍ୟାଶ ଉତ୍ସବରେ ବିଧାୟକଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟ ଜଳଧର ମହାନ୍ତି, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ଭବାନୀପୁର ସରପଂଚ ଜ୍ୟୋତିର୍ମୟୀ ନାୟକ, ବିଜେପି ନେତା କାହ୍ନୁ ଚରଣ ଦାଶ, ଶରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ । ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଭୁବନ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣ ପାଇଁ ୬କୋଟି ୩୦ ଲକ୍ଷ ଓ ନୂଆପାଟଣା-କୋଟପୁର ରାସ୍ତା କାମ ଲାଗି ୬ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଅଜି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀ ରାଜେଶ୍ୱରୀ ଭୋଳ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମନେ ଶିଳାନ୍ୟାଶ ସ୍ଥଳରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ନବଦମ୍ପତିଙ୍କୁ ସିମେଣ୍ଟ ଚୁଲା ଉପହାର

## ପୁରୁଣା ପରମ୍ପରାକୁ ଫେରିବାର ଅନନ୍ୟ ପ୍ରୟାସ



**କେନ୍ଦ୍ରାପଡ଼ା, ୨୧।୫ (ସଂଚାର ବ୍ୟୁରୋ):** ସମୟ ସହିତ ବଦଳିଛି ଜୀବନଶୈଳୀ । ମାଟି ଚୁଲା, କାଠ ଜାଳ ଓ ଗ୍ରାମ୍ୟ ରୋଷେଇ ର ସୁଗନ୍ଧ ଆଜି ଧୀରେ ଧୀରେ ଅଦୃଶ୍ୟ ହେବାକୁ ବସିଛି । ଏପଟେ ରନ୍ଧନ ଗ୍ୟାସ ଦର ଆକାଶଛୁଆଁ ହୋଇଥିବା ବେଳେ ସାଧାରଣ ଲୋକଙ୍କ ଉପରେ ବଢ଼ିଛି ଆର୍ଥିକ ଭାର । ଏଭଳି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ "ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ" ପକ୍ଷରୁ ଆରମ୍ଭ ହୋଇଛି ଏକ ନିଆରା ପ୍ରୟାସ । ବିବାହ ଉପହାର ଭାବେ ନବଦମ୍ପତିଙ୍କୁ ସିମେଣ୍ଟ ଚୁଲା ଓ କାଠ ଜାଳ ପ୍ରଦାନ କରାଯାଇ ପୁରୁଣା ଓଡ଼ିଆ ସଂସ୍କୃତିକୁ ବଜାୟ ରଖିବାକୁ ଆହ୍ୱାନ କରାଯାଉଛି ।

ଟ୍ରଷ୍ଟର ଉପଦେଷ୍ଟା ପ୍ରମୋଦ ନାୟକ ଙ୍କ କହିବା ଅନୁଯାୟୀ, ପୂର୍ବରୁ ଗାଁ ଘରର ରୋଷେଇ ଘରରେ କାଠ ଚୁଲାରେ ଖାଦ୍ୟ ପକାଯାଉଥିଲା। ସେହି ଖାଦ୍ୟର ସ୍ୱାଦ ସହ ଜଡିତ ଥିଲା ଆମ ମାଟିର ସୁଗନ୍ଧ ଓ ପରମ୍ପରା । ଆଜିର ପିଢ଼ୀ ସେହି ସଂସ୍କୃତିରୁ ଦୂରେଇ ଯାଉଥିବା ବେଳେ ଏହି ପ୍ରୟାସ ଲୋକଙ୍କ ମନରେ ନୂଆ ଚେତନା ସୃଷ୍ଟି କରିଛି । ସୋସିଆଲ ମିଡିଆରେ ମଧ୍ୟ ଏହି ଅଭିନବ ପଦକ୍ଷେପକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା ଆରମ୍ଭ ହୋଇଛି । କେବଳ ଗ୍ୟାସ ସମସ୍ୟାର ବିକଳ୍ପ ନୁହେଁ, ଏହା ଆମ ଓଡ଼ିଆ ଘରୋଇ ପରମ୍ପରାକୁ ଜୀବନ୍ତ ରଖିବାର ଏକ ଛୋଟ କିନ୍ତୁ ସୁନ୍ଦର ପ୍ରୟାସ ବୋଲି ମତ ପ୍ରକାଶ ପାଉଛି। କେନ୍ଦ୍ରାପଡ଼ା ସହରର ସାନ୍ତସାହି ଗ୍ରାମର ରବୀନ୍ଦ୍ର ପାତ୍ରଙ୍କ ପୁତ୍ର ମାନସ କୁମାର ପାତ୍ରଙ୍କ ବିବାହ ଭୋଜିରେ ଏହି ସଚେତନଧର୍ମୀ ଉପହାର ପ୍ରଦାନ କରାଯାଇଛି ।

ଗୋଟିଏ ଲୁହା କଡେଇ ରେ ଏକ ସିମେଣ୍ଟ ଚୁଲା ରେ କାଠ ଜାଳ ପୂର୍ଣ୍ଣ ଏହି ଉପହାର ଥିଲା, ଯାହାକୁ ଦେଖି ସାଧାରଣ ଲୋକେ ବି ଆଚମ୍ବିତ ହୋଇଥିଲେ। ସାମାଜିକ ସଚେତନତା ଓ ସମାଜ ସଂସ୍କାର ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ଏକ ଅଙ୍ଗ ବୋଲି ଟ୍ରଷ୍ଟ ର ପରାମର୍ଶଦାତା ନିମାଇଁ ଚରଣ କର ବାର୍ତ୍ତା ଦେଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି,ବୟସ୍କ ଗୁରୁଜନ ଭଞ୍ଜକିଶୋର ସ୍ୱାଇଁ, ଗୌତମ ସାହୁ ଓ ଶରତ ସାହୁ ଉପସ୍ଥିତ ଥିଲେ ।

# ସର୍ବେଶ୍ୱର କେନ୍ଦ୍ରାପଡ଼ା କଲେଜ ବିଜ୍ଞାନ ଟପ୍ପର



**ଡେରାବିଶ, ୨୧।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅନ୍ତର୍ଗତ ଛକନା ଗ୍ରାମର ସୁଦର୍ଶନ ନାୟକ ଓ ଜ୍ୟୋତ୍ସ୍ନାରାଣୀଙ୍କ ପୁଅ ସର୍ବେଶ୍ୱର ନାୟକ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର +୨ ବିଜ୍ଞାନ ଶ୍ରେଣୀରେ ୫୮୨ (ଶତକଡ଼ା ୯୭%) ନମ୍ବର ରଖି ମହାବିଦ୍ୟାଳୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଆଜି ଏହି ଖବର ଶୁଣିବା ପରେ ସର୍ବେଶ୍ୱରଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସର୍ବେଶ୍ୱର ଘରେ ହରିଅଙ୍କ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ପହଞ୍ଚି ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ସେହିପରି ସର୍ବେଶ୍ୱର କୋଚଂ ନେଇଥିବା ଲକ୍ଷ୍ୟ କୋଚିଂ ସେଂଟରର ମ୍ୟାନେଜିଂ ଡାଇରେକ୍ଟର ରଞ୍ଜନ କୁମାର ପଲେଇଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କ ଘରେ ପହଞ୍ଚି ଶୁଭେଚ୍ଛା ଜଣାଇଛନ୍ତି।

## +୨ ପରୀକ୍ଷାରେ ପଟ୍ଟାମୁଣ୍ଡାଇ କଲେଜ ଛାତ୍ରଛାତ୍ରୀଙ୍କ ସଫଳତା

# ପ୍ରୀତିମୟୀ ବାଣିଜ୍ୟ ଓ ଗୀତାଞ୍ଜଳି କଳା ଟପ୍ପର

**ପଟ୍ଟାମୁଣ୍ଡାଇ, ୨୧।୫ (ସଂଚାର ବ୍ୟୁରୋ):** ରାଜ୍ୟ +୨ କାଉନସିଲ ଆନୁକୂଲ୍ୟରେ ଆୟୋଜିତ +୨ କଳା ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଫଳାଫଳ ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ କଲେଜର ୩୮୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସେଥିରୁ ୩୩୨ଜଣ ପାସ କରି ୮୫. ୫% ସଫଳତା ହାସଲ କରିଛନ୍ତି । ବିଜ୍ଞାନ ବିଭାଗରେ ୧୪୩ଜଣଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୨୨ଜଣ ପାସ କରି ୮୫.୩ % ସଫଳତା ହାସଲ କରିଛନ୍ତି ।

ସେହିପରି ବାଣିଜ୍ୟ ବିଭାଗରେ ୧୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇ ୧୨୨ଜଣ ପାସ କରି ୯୨. ୪% ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷାରେ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀମାନେ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ସଫଳତାରେ ଟପି ଯାଇଛନ୍ତି । ବାଣିଜ୍ୟ ବିଭାଗରେ ୭ଜଣ ୯୫% ମାର୍କ ରଖି ବିଶେଷ ସଫଳତା ହାସଲ କରିଛନ୍ତି ।

ସେମାନଙ୍କ ମଧ୍ୟରେ ପ୍ରୀତିମୟୀ ଜେନା ୫୬୭,ପୂଜା ପ୍ରିୟଦର୍ଶିନୀ ଦାସ ୫୫୯, ଲିପ୍ସା ଘଡେଇ ୫୫୧, ଶୁଭଶ୍ରୀ ନାୟକ ୫୪୩ ଶ୍ରଦ୍ଧାଞ୍ଜଳି ନାୟକ ୫୪୨ ସୁପ୍ରଭା ସେଠୀ ୫୪୦ ସେହିପରି +୨କଳା ବିଭାଗରେ ଗୀତାଞ୍ଜଳି ସାହୁ ୫୫୧ ରଖି ବିଶେଷ ସଫଳତା ହାସଲ କରିବା ସହିତ କଲେଜ ପାଇଁ ଗୌରବ ଆଣିଛନ୍ତି। ପଟ୍ଟାମୁଣ୍ଡାଇ କଲେଜର ୯୦%ରୁ ଉର୍ଦ୍ଧ ନମ୍ବର ରଖି ବିଶେଷ ସଫଳତା ହାସଲ କରିଥିବା ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ପୁଲିସ–ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

# ମିଳିତ ସହଯୋଗରେ କାର୍ଯ୍ୟ କରିବାକୁ ପରାମର୍ଶ



**କେନ୍ଦ୍ରାପଡା,୨୧।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଆଇନ ଶୃଙ୍ଖଳା ପରିଚାଳନା, ପ୍ରଶାସନିକ ସମନ୍ୱୟ ଏବଂ ଲୋକଙ୍କ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗତକାଲି ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରେ ପୁଲିସ- ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ଅତ୍ୟାଚାର ଜନିତ ମାମଲାର ଶୀଘ୍ର ନିଷ୍ପତ୍ତି, ବ୍ଲକ ସ୍ତରରେ ନିୟମିତ ମିଳିତ ସମୀକ୍ଷା ବୈଠକ, ଅବୈଧ ଖଣିଜ ଚୋରି ବିରୋଧରେ ମିଳିତ ଚଢ଼ାଉ, ଏବଂ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ସୁଚାରୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ସହ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ସ୍ଥାପନ, ଟ୍ରାଫିକ ପରିଚାଳନାର ସୁଧାର, ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ) ର ବ୍ୟବସ୍ଥାଗୁଡ଼ିକର ସୁଚାରୁ ଓ ସୁସଂଗଠିତ କାର୍ଯ୍ୟାନୁଷ୍ଠାନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ଜିଲ୍ଲାପାଳ ଶ୍ରୀ ଆୟର କ୍ଷେତ୍ରସ୍ତରରେ ନିୟମିତ ସମୀକ୍ଷା, ପ୍ରଶାସନ- ପୁଲିସ ମଧ୍ୟରେ ଉତ୍ତମ ସହଯୋଗ ମାଧ୍ୟମରେ ଲୋକଙ୍କ ସୁରକ୍ଷା ଓ ସେବା ପ୍ରଦାନକୁ ଆହୁରି ପ୍ରଭାବଶାଳୀ କରିବାକୁ ଗୁରୁତ୍ୱାରୋପ କରିଥିଲେ।

ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ଜିଲ୍ଲାର ସମସ୍ତ ଆଇଆଇସି, ତହସିଲଦାର ମାନେ ଉପସ୍ଥିତ ଥିଲେ।

# ଡେରାବିଶ ତହସିଲସ୍ତରୀୟ ଜନଶୁଣାଣି



## ୨୨ଟି ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ସହ ୨ ଜଣ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ

**ଡେରାବିଶ,୨୧।୫(ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ସ୍ତରୀୟ ଜନଶୁଣାଣୀ ଶିବୀର ବୁଧବାର ତହସିଲ କାଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣା ଜେନା ଯୋଗଦେଇ ୨୨ଟି ଜମିଜମା ସଂକ୍ରାନ୍ତୀୟ ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବସୁନ୍ଧରା ଯୋଜନାରେ ଦୁଇଜଣ ଭୂମିହୀନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜେନା ପଟ୍ଟା ବଣ୍ଟନ କରିଥିଲେ। ଏହି ଶିବୀରରେ ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ସୁପରଭାଇଜର ମାନସ ରଞ୍ଜନ ନାଥ ଓ ଜ୍ୟୋତିର୍ମୟୀ ବେହେରାଙ୍କ ସମେତ ତହସିଲ ଅଧୀନରେ ଥିବା ସମସ୍ତ ସର୍କଲର ରାଜସ୍ୱ ନିରୀକ୍ଷକ ଉପସ୍ଥିତ ଥିଲେ।

# ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ



**କେନ୍ଦ୍ରାପଡ଼ା,୨୧।୫(ସଂଚାର ବ୍ୟୁରୋ):** ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଶିକ୍ଷା କ୍ଷେତ୍ରରେ ଚାଲୁଥିବା ବିଭିନ୍ନ ଯୋଜନା, ଭିତ୍ତିଭୂମି ବିକାଶ କାର୍ଯ୍ୟ, ଲମ୍ବିତ ମାମଲା ଏବଂ ଆଗାମୀ ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଯାଇଥିଲା ।

ବୈଠକ ବିଭିନ୍ନ ଯୋଜନା ଅଧୀନରେ ଚାଲିଥିବା କାର୍ଯ୍ୟ ତାହାର ଅଗ୍ରଗତି ସମୀକ୍ଷା କରିଥିଲେ । ସେହିପରି ପଞ୍ଚାୟତିରାଜ ବିଭାଗ ସହ ସମନ୍ୱୟ, କାର୍ଯ୍ୟର ଅଗ୍ରଗତି ଓ ସମ୍ମୁଖୀନ ଚ୍ୟାଲେଞ୍ଜ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ୟୁନିଫର୍ମ ବଣ୍ଟନର ଅଗ୍ରଗତି ଏବଂ ସମ୍ପୃକ୍ତ ସମସ୍ୟାଗୁଡ଼ିକର ସମୀକ୍ଷା କରାଯାଇଥିଲା। ଲମ୍ବିତ ପେନସନ ମାମଲାର ଶୀଘ୍ର ସମାଧାନ ଏବଂ ପୂର୍ବରୁ ପ୍ରାପ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ନିଷ୍ପତ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ବୈଠକରେ ଆଗାମୀ ବାର୍ଷିକ କାର୍ଯ୍ୟଯୋଜନା ପ୍ରସ୍ତୁତି, ଲକ୍ଷ୍ୟ ନିର୍ଦ୍ଧାରଣ ଏବଂ ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା କରାଯାଇଥିଲା।

ଜିଲ୍ଲାପାଳ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ସହିତ ସମସ୍ତ ଲମ୍ବିତ କାର୍ଯ୍ୟର ଶୀଘ୍ର ସମାପନ, ଭିତ୍ତିଭୂମି ବିକାଶ, ଆନ୍ତଃବିଭାଗୀୟ ସମନ୍ୱୟ ସୁଦୃଢ଼ କରିବା ଏବଂ ଯୋଜନାଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିପିସି ମିଶନ ଶକ୍ତି ଆରତୀ ସାହୁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ,ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଶିକ୍ଷା ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଦାବିରେ ବିଜେଡିର ବିକ୍ଷୋଭ




**ଯୋଡ଼ା,୨୧।୫(ସଂଚାର ବ୍ୟୁରୋ):** ମହିଳାଙ୍କ ପାଇଁ ସରକାରୀ ସ୍ତରରେ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବା ସହ ନାରୀ ନିର୍ଯାତନା ରୋକିବା ଦାବିରେ ଆଜି କେନ୍ଦୁଝର ଜିଲ୍ଲା ଯୋଡ଼ାରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଓ ସଭାଯାତ୍ରା ଆୟୋଜିତ ହୋଇଥିଲା। ଯୋଡ଼ା ପୌରାଞ୍ଚଳର କଲ୍ୟାଣ ମଣ୍ଡପରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ପୌର କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଯୋଡ଼ା ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ମହିଳା ସଭାପତି କାମଲିନି ପାତ୍ର, ରାଜ୍ୟ ମହିଳା ଉପସଭାପତି ମିନା ମାଝୀ, ବିଜୁ ଜନତା ଦଳର ସୁନୀଲ ସାମଲ, ପ୍ରଭୁଦ୍ୟାତ ପ୍ରଧାନଙ୍କ ସହ ଯୋଡ଼ା ପୌରପାଳିକାର କାଉନସିଲର ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଯୋଡ଼ା ପୌର ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ରଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଓ ସଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ଏହି ବିକ୍ଷୋଭ ପ୍ରଦର୍ଶନରେ ଯୋଡ଼ା ପୌରାଞ୍ଚଳର ବହୁ ସଂଖ୍ୟକ ବିଜେଡି କର୍ମୀ ଓ ସମର୍ଥକ ଅଂଶଗ୍ରହଣ କରିଥିବା ଦେଖାଯାଇଥିଲା।

# ବିଦ୍ୟାଳୟ ନିକଟରୁ ଭଙ୍ଗା ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ପାଇଁ ଗ୍ରାମବାସୀଙ୍କ ଦାବି



**ଡେରାବିଶ,୨୧।୫(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଡେରାଡିହ ଗ୍ରାମର ପ୍ରାଥମିକ ବିଦ୍ୟାଳୟ କଡ଼ରେ ରହିଛି ଏକ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ। ମୂଳ ଖାଇ ନଷ୍ଟ ହୋଇଯାଇଥିବା ଏହି ବିଦ୍ୟୁତ୍ ଖୁଣ୍ଟଟି କେତେବେଳେ ଭାଙ୍ଗିପଡ଼ି ଦୁର୍ଘଟଣା ଘଟାଇବ ତାହା କହିହେବ ନାହିଁ। ଏହି ରାସ୍ତା ଦେଇ ଗ୍ରାମର ଶହଶହ ଲୋକ ଚଳପ୍ରଚଳ କରୁଥିବା ବେଳେ ପ୍ରତ୍ୟେକ ଦିନ ୬୦ରୁ ଉର୍ଦ୍ଧ୍ୱ କୁନି କୁନି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ଆସିବା କରିଛନ୍ତି। ଏହି ବିଦ୍ୟୁତ୍ ଖଂଟର ମୂଳ ପାଖାପାଖି ୯୦ ଭାଗ ଖାଇ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଏହି ଭଙ୍ଗା ଖୁଣ୍ଟଟିକୁ ତୁରନ୍ତ ଏଠାରୁ ଉଠାଇ ଏହି ସ୍ଥାନରେ ଏକ ନୂଆ ଖୁଣ୍ଟ ପକାଇବା ପାଇଁ ଗ୍ରାମବାସୀମାନେ ଛତା ବିଦ୍ୟୁତ୍ କାର୍ଯ୍ୟାଳୟରେ ଜଣାଇଥିଲେ ମଧ୍ୟ ଅଧିକାରୀମାନେ ନିଦା ବିଷ୍ଣୁ ସାଜି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବିଦ୍ୟୁତ୍ ବିଭାଗ ଉଚ୍ଚକର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଢେଙ୍କାନାଳ ଟାଉନ୍ ଥାନାରେ 'ମୋବାଇଲ୍ ହସ୍ତାନ୍ତର ମେଳା

# ୪୦ ଜଣ ଫେରିପାଇଲେ ହଜିଯାଇଥିବା ଫୋନ୍




**ଢେଙ୍କାନାଳ,୨୧।୫(ସଂଚାର ବ୍ୟୁରୋ):** ହଜିଯାଇଥିବା ଓ ଚୋରି ହୋଇଥିବା ମୋବାଇଲ୍ ଫୋନ୍ ଗୁଡ଼ିକୁ ଉଦ୍ଧାର କରି ମୂଳ ମାଲିକଙ୍କୁ ଫେରାଇବା ପାଇଁ ଢେଙ୍କାନାଳ ଟାଉନ୍ ଥାନା ପୁଲିସ୍ ପକ୍ଷରୁ ଆଜି 'ମୋବାଇଲ୍ ହସ୍ତାନ୍ତର ମେଳା' ଆୟୋଜନ କରାଯାଇଛି। ଏହି ମେଳାରେ ୪୦ଟି ଆଣ୍ଡ୍ରଏଡ୍ ଓ ସ୍ମାର୍ଟ ଫୋନ୍ ସେମାନଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯାଇଛି। ଢେଙ୍କାନାଳ ପୋଲିସ୍‌ର ଏହି ପଦକ୍ଷେପକୁ ଜିଲ୍ଲାବାସୀ ବହୁ ପ୍ରଶଂସା କରିଛନ୍ତି।

ଆଜି ସନ୍ଧ୍ୟା ୫ଟାରେ ଟାଉନ୍ ଥାନା ପରିସରରେ ଏସ୍‌ପି ଶ୍ରୀ ବେହେରା ଓ ଆଇ ଆଇ ସି ଙ୍କ ଉପସ୍ଥିତିରେ ମେଳା ଅନୁଷ୍ଠିତ ହୋଇଥିଲା। ଗତ ୬ ମାସ ମଧ୍ୟରେ ବିଭିନ୍ନ ଥାନାରେ ହୋଇଥିବା ମୋବାଇଲ୍ ଚୋରି ଓ ହଜିବା ଅଭିଯୋଗକୁ ଭିତ୍ତି କରି ପୋଲିସ୍ ଏକ ସ୍ୱତନ୍ତ୍ର ସାଇବର୍ ସେଲ୍ ଓ ଆଇଏମ୍‌ଇଆଇ ଟ୍ରାକିଂ ଜରିଆରେ ଏହି ୪୦ଟି ଫୋନ୍ ଉଦ୍ଧାର କରିଥିଲା।

ଉଦ୍ଧାର ହୋଇଥିବା ମୋବାଇଲ୍‌ର ଆନୁମାନିକ ମୂଲ୍ୟ ପ୍ରାୟ ୬ ଲକ୍ଷ ଟଙ୍କା ହେବ। କିଛି ଫୋନ୍ ଢେଙ୍କାନାଳ ଜିଲ୍ଲା ବାହାରୁ ମଧ୍ୟ ଟ୍ରାକ୍ କରି ଅଣାଯାଇଛି।

ମୋବାଇଲ୍ ହସ୍ତାନ୍ତର କରି ଅତିରିକ୍ତ ଏସ୍‌ପି ଶ୍ରୀ ବେହେରା କହିଲେ, "ମୋବାଇଲ୍ ଆଜି ସମୟରେ କେବଳ ଫୋନ୍ ନୁହେଁ, ଲୋକଙ୍କ ବ୍ୟାଙ୍କ୍, ଡକୁମେଣ୍ଟ, ସ୍ମୃତି ସବୁ ସେଥିରେ ଥାଏ। ତେଣୁ ହଜିଲେ ଲୋକେ ବହୁତ ହଇରାଣ ହୁଅନ୍ତି। ଆମେ ସିଇଆଇଆର୍ ପୋର୍ଟାଲ ଓ ସାଇବର୍ ଟିମ୍ ଜରିଆରେ ଲଗାତାର କାମ କରୁଛୁ। ଆଗାମୀ ଦିନରେ ଆହୁରି ୫୦ରୁ ଅଧିକ ଫୋନ୍ ଉଦ୍ଧାର କରିବୁ। ଫୋନ୍ ହଜିଲେ ତୁରନ୍ତ ଥାନାରେ ଏଫ୍‌ଆଇଆର୍ ଓ ସିଇଆଇଆର୍ ପୋର୍ଟାଲରେ ବ୍ଲକ୍ କରନ୍ତୁ।"

ମୋବାଇଲ୍ ଫେରିପାଇଥିବା ଜଣେ ଛାତ୍ର କହିଲେ, "୫ ମାସ ତଳେ ମୋ ଫୋନ୍ ବସ୍‌ରେ ଚୋରି ହୋଇଯାଇଥିଲା। ମୁଁ ଆଶା ଛାଡିଦେଇଥିଲି। ଆଜି ପୋଲିସ୍ ଡାକି ଫେରାଇଲା। ବହୁତ ଖୁସି ଲାଗୁଛି। ଧନ୍ୟବାଦ ଢେଙ୍କାନାଳ ପୋଲିସ୍।"

ସେହିପରି କାମାକ୍ଷାନଗରର ଅଟୋ ଚାଳକ କହିଲେ, "ମୋର ରୋଜଗାର ସବୁ ଫୋନ୍ ଉପରେ ନିର୍ଭର କରେ। ୩ ମାସ ହେଲା ହଜିଥିଲା। ଆଜି ଫେରିପାଇଲି। ପୋଲିସ୍ ବାବୁଙ୍କ ଉପରେ ଭରସା ଆହୁରି ବଢିଗଲା। ମୋବାଇଲ୍ ଚୋରି ରୋକିବା ଓ ଉଦ୍ଧାର ପାଇଁ ଢେଙ୍କାନାଳ ପୋଲିସ୍ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ୍ ନିରନ୍ତର କାମ କରୁଛି। ଆଗାମୀ ମାସରେ ଆହୁରି ଏକ ମେଳା ଆୟୋଜନ ହେବ ବୋଲି ପୋଲିସ୍ ସୂଚନା ଦେଇଛି।

# ବ୍ଲକ କାର୍ଯ୍ୟାଳୟରେ ଅପରିଷ୍କାର ପରିବେଶକୁ ନେଇ ଅସନ୍ତୋଷ

**କେନ୍ଦ୍ରାପଡ଼ା,୨୧।୫(ସଂଚାର ବ୍ୟୁରୋ):** ସରକାର ଗୋଟେ ପଟେ "ସ୍ୱଚ୍ଛ ଭାରତ ଅଭିଯାନ" ମାଧ୍ୟମରେ ପରିଷ୍କାର ପରିବେଶର ବାର୍ତ୍ତା ଦେଉଥିବା ବେଳେ ଅନ୍ୟପଟେ କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟର ପରିସର ଅବସ୍ଥା ଦେଖିଲେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାର୍ଯ୍ୟାଳୟ ଭିତରେ ଓ କାନ୍ଥ ସାରା ପାନ ଛିପ ପଡ଼ିଥିବାରୁ ପରିବେଶ ଅପରିଷ୍କାର ହୋଇପଡ଼ିଛି । ଏହାସହ କାର୍ଯ୍ୟାଳୟର ବେସିନ ଅଚଳ ହୋଇଥିବା ବେଳେ ଖରାଦିନରେ ପାଣି ମେସିନ ମଧ୍ୟ ଖରାପ ହୋଇ ପଡ଼ିଛି । ଫଳରେ ବ୍ଲକକୁ ବିଭିନ୍ନ କାମରେ ଆସୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତିଦିନ ଶତାଧିକ ଲୋକ ଆସୁଥିବା ଏହି ସରକାରୀ କାର୍ଯ୍ୟାଳୟରେ ପରିଷ୍କାର ପରିଚ୍ଛନ୍ନତା ଓ ମୌଳିକ ସୁବିଧାର ଅଭାବକୁ ନେଇ ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି ।



ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟ ପୁରସ୍କାର ପ୍ରଦାନ ଉତ୍ସବରେ ରାଜ୍ୟପାଳ

# ସମାଜସେବା ହିଁ ପ୍ରକୃତ ମାନବିକତାର ପବିତ୍ର ପରିପ୍ରକାଶ



ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ସମାଜର ସେବା ହିଁ ପ୍ରକୃତ ମାନବିକତାର ପବିତ୍ର ପରିପ୍ରକାଶ ବୋଲି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଗୁରୁବାର ସ୍ଥାନୀୟ ଲୋକ ଭବନର ନ୍ୟୁ ଅଭିଷେକ ହଲରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରାଜ୍ୟ ପୁରସ୍କାର ପ୍ରଦାନ ସମାରୋହରେ ଯୋଗଦେଇ ରାଜ୍ୟପାଳ ତାଙ୍କ ଉଦ୍‌ବୋଧନରେ ଯୁବପିଢ଼ି ମଧ୍ୟରେ ନିଃସ୍ୱାର୍ଥପର ସେବା, ଶୃଙ୍ଖଳା ଏବଂ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରାଚୀନ ଭାରତୀୟ ଉକ୍ତି 'ସେବା ପରମୋ ଧର୍ମ' ସମ୍ପର୍କରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ସେବା ହେଉଛି ସର୍ବୋଚ୍ଚ କର୍ତ୍ତବ୍ୟ ଓ ଅନ୍ୟମାନଙ୍କୁ ସାହାଯ୍ୟ କରିବା ଦ୍ୱାରା ଜୀବନ ସାର୍ଥକ ହୋଇଥାଏ। ଏହି ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଖୁସି ପ୍ରକାଶ କରିବା ସହ ଏହି ଅବସରକୁ ଯୁବ ସ୍କାଉଟ୍ସ ଓ ଗାଇଡ୍ସଙ୍କ ସମର୍ପଣ ଏବଂ ସଫଳତାକୁ ପାଳନ କରିବା ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ।

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ମୁଖ୍ୟ ପୃଷ୍ଠପୋଷକ ଓ ପ୍ରଥମ ଗାଇଡ୍ ଭାବେ ରାଜ୍ୟପାଳ କହିଥିଲେ ଯେ ରାଜ୍ୟ ପୁରସ୍କାର କେବଳ ଏକ ପୁରସ୍କାର ନୁହେଁ, ବରଂ ସମାଜ ଏବଂ ଦେଶ ପ୍ରତି ଚରିତ୍ର, ଦୃଢ଼ତା ଏବଂ ପ୍ରତିବଦ୍ଧତାର ପ୍ରତୀକ। ଏହି ସମ୍ମାନ କରୁଣା, ଦଳଗତ କାର୍ଯ୍ୟ, ଦାୟିତ୍ୱ ଏବଂ ଦେଶପ୍ରେମ ଭଳି ମୂଲ୍ୟବୋଧକୁ ପ୍ରତିଫଳିତ କରେ। ପ୍ରତ୍ୟେକ ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ ଆନ୍ତରିକତା, କଠିନ ପରିଶ୍ରମ ଏବଂ ମାନବ ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ମାଧ୍ୟମରେ ଏହି ମାନ୍ୟତା ପାଇଛନ୍ତି। ପିଲାଙ୍କ ମଧ୍ୟରେ ଦୟା, ନମ୍ରତା, ଶୃଙ୍ଖଳା ଏବଂ ସହାନୁଭୂତି ଭଳି ମୂଲ୍ୟବୋଧକୁ ଜାଗ୍ରତ କରାଇବା ଦ୍ୱାରା ଦାୟିତ୍ୱପୂର୍ଣ୍ଣ ଏବଂ କରୁଣାପୂର୍ଣ୍ଣ ନାଗରିକ ଗଠନ କରିବାରେ ସହାୟକ ହୋଇଥାଏ। ଏହି ଅବସରରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଉଦବୋଧନ ଦେଇଥିଲେ। ପ୍ରାରମ୍ଭରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଓଡ଼ିଶା ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପାଧ୍ୟକ୍ଷ କାଳୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ବିଭିନ୍ନ ବର୍ଗରେ କୃତିତ୍ୱ ହାସଲକାରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବିକଶିତ ବ୍ରଜରାଜନଗର ସରକାରଙ୍କ ସଙ୍କଳ୍ପ




- ୨୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ଓ ଲୋକାର୍ପିତ
- ବିକଶିତ ବ୍ରଜରାଜନଗର ପାଇଁ ୮୨ଟି ପ୍ରକଳ୍ପର ଶିଳାନ୍ୟାସ
- ୨.୭୭ କୋଟି ବିନିମୟରେ ୧୨ ପ୍ରକଳ୍ପ ଉଦ୍‌ଘାଟିତ
- ପୌରପାଳିକାର ୩୬ କୋଟି ଟଙ୍କାର ଆକ୍ସନ ପ୍ଲାନ ପ୍ରସ୍ତୁତ

ବ୍ରଜରାଜନଗର, ୨୧।୫ (ସଂଚାର ବ୍ୟୁରୋ): ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳର ବ୍ୟାପକ ବିକାଶ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବ୍ରଜରାଜନଗରଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗରର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୋଟ ୨୩.୪୮ କୋଟି ଟଙ୍କା ବିନିମୟରେ ୮୨ଟି ନୂଆ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ୨.୭୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୨ଟି ପ୍ରକଳ୍ପର ଲୋକାର୍ପଣ କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ବ୍ରଜରାଜନଗରର ସର୍ବାଙ୍ଗୀନ ବିକାଶ ଆମ ସରକାରଙ୍କର ମୁଖ୍ୟ ସଂକଳ୍ପ। ଆଜି ଯେଉଁ ସବୁ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ହୋଇଛି, ତାହା କେବଳ ସହରର ଭିତ୍ତିଭୂମିକୁ ସୁଦୃଢ଼ କରିବ ନାହିଁ, ବରଂ ଏହା ମାଧ୍ୟମରେ ଆମେ ଆମର ସ୍ଥାନୀୟ ଯୁବକମାନଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ଯାଉଛୁ। ନୂତନ ସପିଂ କମ୍ପ୍ଲେକ୍ସ ଏବଂ ଆଧୁନିକ ବଜାର ଭଳି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅର୍ଥନୀତିକୁ ଗତିଶୀଳ କରିବ ଏବଂ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ। ଏହା ସହିତ ଦିନରାତି ଜାତୀୟ ରାଜପଥରେ ଯାତାୟାତ କରୁଥିବା ଗାଡ଼ି ଚାଳକଙ୍କ ସୁରକ୍ଷା ଓ ବିଶ୍ରାମ ପାଇଁ ଜାତୀୟ ରାଜପଥ କଡ଼ରେ ଏକ ଅତ୍ୟାଧୁନିକ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ। ପ୍ରତିଟି ବର୍ଗର କଲ୍ୟାଣ ଏବଂ ଏକ 'ବିକଶିତ ବ୍ରଜରାଜନଗର' ଗଠନ ଦିଗରେ ଆମେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ।

ଉଦ୍‌ଘାଟିତ ହୋଇଥିବା ୧୨ଟି ମୁଖ୍ୟ ପ୍ରକଳ୍ପ ମଧ୍ୟରେ ଗୋଆଲ ଚୌକଠାରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ଡ୍ରାମା ପେଣ୍ଡାଲ୍, ଇକୋ ପାର୍କରେ ୧୮ ଲକ୍ଷ ଟଙ୍କାର ଯୋଗ ପିଣ୍ଡି, ୧୭ ଲକ୍ଷ ଟଙ୍କା ବ୍ୟୟରେ ସହିଦ ସ୍ମୃତି ରକ୍ଷା ଓ ମଧୁସୂଦନ ଚୌକର ନବୀକରଣ ଏବଂ ୨୦୬ ଲକ୍ଷ ଟଙ୍କା ବ୍ୟୟରେ ୫ଟି ଅତିରିକ୍ତ ଶ୍ରେଣୀ ଗୃହ ସହ ସ୍କୁଲ ବିଲ୍ଡିଂ ନିର୍ମାଣ ଅନ୍ତର୍ଭୁକ୍ତ। ଏହାଛଡ଼ା ସାଂସଦ ପାଣ୍ଠିରୁ ଲାମଟିବାହାଲଠାରେ କମ୍ୟୁନିଟି ସେଣ୍ଟର (ଦୁର୍ଗା ମଣ୍ଡପ) ପାଇଁ ୬.୭୫ ଲକ୍ଷ ଏବଂ ପାୱାର ହାଉସ ପଡ଼ାଠାରେ କମ୍ୟୁନିଟି ସେଣ୍ଟର ପାଇଁ ୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି।

## ଓଡ଼ିଶା ଫେରିଲା ଏ. ରମେୟାଙ୍କ ମୃତଦେହ



ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ରୁଷିଆର ମସ୍କୋଠାରେ ମୃତ୍ୟୁବରଣ କରିଥିବା ଓଡ଼ିଆ ଯୁବକ ଏ. ରମେୟାଙ୍କ ମୃତଦେହକୁ ଆଜି ଓଡ଼ିଶା ଫେରାଇ ଅଣାଯାଇଛି। ଏ. ରମେୟା ଗଞ୍ଜାମ ଜିଲ୍ଲା ମାଧବନ୍ଧ ଗ୍ରାମର ମୂଳ ବାସିନ୍ଦା ହୋଇଥିବା ବେଳେ ସେ ରୁଷିଆରେ ଏକ କମ୍ପାନୀରେ କାମ କରୁଥିଲେ। ତେବେ ଗତ ୧୭ ତାରିଖରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଡ୍ରୋନ୍ ଆକ୍ରମଣରେ ସେ ମୃତ୍ୟୁବରଣ କରିଥିଲେ। ଏ ସମ୍ବନ୍ଧରେ ଖବର ପାଇବା ପରେ ରମେୟାଙ୍କ ମୃତ ଶରୀରକୁ ଓଡ଼ିଶା ଫେରାଇ ଆଣିବା ସକାଶେ ତାଙ୍କ ପରିବାର ଲୋକେ ସରକାରଙ୍କୁ ନିବେଦନ କରିଥିଲେ।ଏହାପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ଗଞ୍ଜାମ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ ରମେୟାଙ୍କ ମୃତଦେହକୁ ଗଞ୍ଜାମ ଜିଲ୍ଲାସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ଆଜି ପଠାଇଦିଆଯାଇଛି। ଆଜି ରମେୟାଙ୍କ ମୃତଦେହ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରଠାରେ ପହଞ୍ଚିବା ପରେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତୀଶ ପଣ୍ଡା ଉପସ୍ଥିତ ରହି ରମେୟାଙ୍କ ମୃତଦେହକୁ ଗଞ୍ଜାମ ଜିଲ୍ଲାସ୍ଥିତ ତାଙ୍କ ପୈତୃକ ଗ୍ରାମକୁ ପଠାଇବାର ସମସ୍ତ ବ୍ୟବସ୍ଥା କରିଥିଲେ।

## ୩୦ରେ ଏଚ୍‌ୟୁଡି ବିଭାଗର ସ୍ୱତନ୍ତ୍ର ଅପିଲ୍ କ୍ୟାମ୍ପ କୋର୍ଟ

ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ (ଏଚ୍‌ୟୁଡି) ପକ୍ଷରୁ ଆସନ୍ତା ୩୦ ତାରିଖ ଅପରାହ୍ନ ୩ଟା ସମୟରେ ସ୍ଥାନୀୟ ଉନ୍ନତି ଭବନଠାରେ ଏକ ସ୍ୱତନ୍ତ୍ର ଅପିଲ୍ କ୍ୟାମ୍ପ କୋର୍ଟ ଆୟୋଜିତ ହେବ। ଆଜି ଏନେଇ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ବିରୋଧରେ ଆସିଥିବା ଅପିଲ୍ ମାମଲାଗୁଡ଼ିକର ଶୁଣାଣି ଓ ସମାଧାନ ପାଇଁ ଏହି କ୍ୟାମ୍ପ କୋର୍ଟର ଆୟୋଜନ କରାଯାଇଛି। ପଡ଼ିରହିଥିବା ଆପିଲେଟ୍ ମାମଲାଗୁଡ଼ିକର ଶୀଘ୍ର ସମାଧାନ ନିଶ୍ଚିତ କରିବା ପାଇଁ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆପିଲେଟ୍ କର୍ତ୍ତୃପକ୍ଷ ଭାବେ ମନୋନୀତ କରାଯାଇଛି। ଏହି ମନୋନୀତ ଆପିଲେଟ୍ କର୍ତ୍ତୃପକ୍ଷମାନଙ୍କ ମଧ୍ୟରେ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ, ଅତିରିକ୍ତ ସଚିବ ସୌରୀନ୍ଦ୍ର ରାଉତରାୟ, ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ସଚିବ ସହଦେବ ସାମୁଡ଼ିଆ, ଅତିରିକ୍ତ ସଚିବ ସୁଭାନନ୍ଦ ମହାପାତ୍ର ଓ ଅତିରିକ୍ତ ସଚିବ ଶତ୍ରୁଘ୍ନ କର ସାମିଲ ଥିଲେ। କ୍ୟାମ୍ପ କୋର୍ଟ ପ୍ରକ୍ରିୟା ସମୟରେ ଅପିଲ୍‌ଗୁଡ଼ିକର ସଠିକ୍ ପ୍ରସ୍ତୁତି ଓ ସମୟୋଚିତ ସମାଧାନ ନିଶ୍ଚିତ କରିବା ପାଇଁ ବିଭାଗର ନଗର ଯୋଜନା ଶାଖାରୁ ସମସ୍ତ ସମ୍ପୃକ୍ତ ମାମଲା ରେକର୍ଡ ପୂର୍ବରୁ ସଂଗ୍ରହ କରିବାକୁ ସହାୟକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆଗାମୀ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ ପାଣି




ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସବୁ ଗାଁକୁ ପାଇପ୍ ଜଳ ଯୋଗାଇ ଦିଆଯିବ। ଏହି ଲକ୍ଷ୍ୟ ପୂରଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ବୋଲି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ।

ସେ କହିଛନ୍ତି ଯେ ସମ୍ପୂର୍ଣ୍ଣ ହୋଇଥିବା ୩୩ଟି ପ୍ରକଳ୍ପ ଦ୍ୱାରା ୨୪୦୨ଟି ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଜୁନ୍ ଶେଷ ସୁଦ୍ଧା ଆହୁରି ୧୪ଟି ପ୍ରକଳ୍ପ ଶେଷ ହେବ। ଏହାଦ୍ୱାରା ଆହୁରି ୧୩୩୧ଟି ଗ୍ରାମ ଉପକୃତ ହେବ। ୩୫ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଆଂଶିକ କାର୍ଯ୍ୟକ୍ଷମ ହୋଇଥିବା ବେଳେ ସେଥିରୁ ୩୨୧୦ଟି ଗାଁକୁ ପାଇପ୍ ଜଳ ଯୋଗାଣ କରାଯାଉଛି। ଏପର୍ଯ୍ୟନ୍ତ ୧୮ ହଜାର ୫୫୨ଟି ସିଙ୍ଗଲ୍ ଭିଲେଜ୍ ସ୍କିମ୍ ସମ୍ପୂର୍ଣ୍ଣ ହୋଇ ସୁରକ୍ଷିତ ପାନୀୟ ଜଳ ଯୋଗାଣ କରାଯାଉଛି। ଗତ ଦୁଇ ବର୍ଷରେ ମୋଟ ୬୩୬୯ଟି ସୋଲାର ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୨୦୨୪ରୁ ବିଭିନ୍ନ ଅଞ୍ଚଳରେ ଜଳ ସଂକଟ ଦୂର କରିବା ପାଇଁ ୩୭ ହଜାର ୮୭୬ଟି ଟ୍ୟୁବୱେଲକୁ ଅନୁମୋଦନ କରାଯାଇଛି। ଚଳିତ ବର୍ଷ ମଧ୍ୟ ଜଳ ସଂକଟ ପ୍ରବଣ ଅଞ୍ଚଳଗୁଡ଼ିକୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ୬୨୯ଟି ଟ୍ୟାଙ୍କର ନିଯୁକ୍ତ କରାଯାଇଛି।

ବିଭିନ୍ନ ଗ୍ରାମାଞ୍ଚଳରେ ମୋଟ ୮୨୮୧ଟି ଜଳଛତ୍ର ଖୋଲାଯାଇଛି। ମୋଟ ଉପରେ ଏପର୍ଯ୍ୟନ୍ତ ୨୦ ହଜାର ୮୭୫ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ଅଧୀନକୁ ଆଣାଯାଇଛି। ଏଥିସହ ୭୦୪୨ଟି ଗ୍ରାମରେ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ କରାଯାଉଛି। ସରକାର ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା ପହଞ୍ଚାଇବାକୁ ପ୍ରତିବଦ୍ଧ ଓ ଏହି ଲକ୍ଷ୍ୟ ପୂରଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

## ପେଟ୍ରୋଲ ଟାଙ୍କିରେ ବନ୍ଧୁକ ଦେଖାଇ ୩ ଗିରଫ

ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଆଇନକୁ ଖାତିର ନ କରି କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନକୁ ଭୟ ନ କରି ରାଜଧାନୀରେ ପିସ୍ତଲ ଦେଖାଇବା ୩ ଜଣଙ୍କୁ ମହଙ୍ଗା ପଡ଼ିଛି। ନୂଆଗାଁ ପେଟ୍ରୋଲ ପମ୍ପରେ ସାମ୍ନାକୁ ଆସିଛି ଏଭଳି ଏକ ଘଟଣା। ପେଟ୍ରୋଲ ପମ୍ପରେ ଲୋକଙ୍କୁ ବନ୍ଧୁକ ଦେଖାଇ ଗିରଫ ହୋଇଛନ୍ତି ୩ ଜଣ ଅଭିଯୁକ୍ତ। ଏଥିସହ ପୁଲିସ୍ ସେମାନଙ୍କ ନିକଟରୁ ପିସ୍ତଲ ଓ କାର ଜବତ କରିଛି। ଏହି ୩ ଜଣ ଯୁବକ ଏକ କାରରେ ନୂଆଗାଁ ପେଟ୍ରୋଲ ପମ୍ପରେ ପହଞ୍ଚିଥିଲେ। ସେମାନଙ୍କ ଆଗରେ ଥିବା ଦୁଇଟି ଗାଡ଼ିକୁ ଆଗ ତେଲ ପକାଇବାକୁ କହିଥିଲେ। ଏହାକୁ ନେଇ ଲୋକଙ୍କ ସହ ଝଗଡ଼ା ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଲୋକଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଭୟଭୀତ କରାଇବାକୁ ଉଦ୍ୟମ କରିଥିଲେ। ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ପୁଲିସ୍ ଗିରଫ କରିଥିଲେ ମଧ୍ୟ ଏହି ଘଟଣା ପରେ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି କାଣ୍ଡ କରିବାକୁ କେଉଁଠୁ ସାହସ ମିଳୁଛି? ଅଭିଯୁକ୍ତଙ୍କ ପାଖକୁ କେଉଁଠୁ ବନ୍ଧୁକ ଆସିଲା? ତା'ଛଡ଼ା ଏତେ ଚେକିଂ ବ୍ଲକିଂ ପରେ ବି କିଭଳି ବନ୍ଧୁକ ଧରି ଅଭିଯୁକ୍ତମାନେ ବୁଲିପାରୁଛନ୍ତି, ତା' ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଛି।




ପିଇଓଙ୍କୁ ମରଣାନ୍ତକ ଆକ୍ରମଣ

## ନାଏବ ସରପଞ୍ଚଙ୍କ ସ୍ୱାମୀ ଗିରଫ

ଅନୁଗୋଳ,୨୧।୫(ସଂଚାର ବ୍ୟୁରୋ): ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ମାଡ଼ ଓ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ କରାଯାଇଛି। କଣିହା ବ୍ଲକ ବାଲିପଶି ଗ୍ରାମପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀ ବିଷ୍ଣୁଚରଣ ପ୍ରଧାନ ନିଶାସକ୍ତ ଅବସ୍ଥାରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଶି ପିଇଓ ଦୁଷ୍ମନ୍ତ ବେହେରାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ କରିଥିଲେ। କଣିହାଁ ବିଡିଓଙ୍କ ପକ୍ଷରୁ ଏସଡିପିଓ ପାଲଲହଡ଼ା, ତାଳଚେର ଉପଜିଲ୍ଲାପାଳ ଓ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା। ରେଙ୍ଗାଳି ପୁଲିସ ବାଲିପଶି ଗ୍ରାମପଞ୍ଚାୟତ ନାଏବ ସରପଞ୍ଚଙ୍କ ସ୍ୱାମୀ ଶ୍ରୀ ପ୍ରଧାନ ଓ ତାଙ୍କ ସହଯୋଗୀ ରାଜୁ ସାହୁଙ୍କୁ ଗିରଫ କରି ଥାନାରେ ଅଟକ ରଖିଛି।

## ରେଳ ଶ୍ରମିକ ନେତା ଏଏନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ






ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ସ୍ଥାନୀୟ ଖାରବେଳ ନଗରସ୍ଥିତ ସିଟୁ ରାଜ୍ୟ ଦପ୍ତର 'ଶ୍ରମିକ ଭବନ' ମୁଖ୍ୟ ଦ୍ୱାରଠାରେ ୧୯୭୪ ମସିହା ରେଳବାଇ ଆନ୍ଦୋଳନର ବରିଷ୍ଠ ନେତା ତଥା ଶ୍ରମିକ ଭବନ ନିର୍ମାଣ ନିମନ୍ତେ ଭୂମିଦାନ କରିଥିବା ସାଥୀ ଅଜିତେନ୍ଦ୍ର ନାଥ ଦାସଙ୍କ ପ୍ରତିମୂର୍ତ୍ତି ସିଟୁର ରାଜ୍ୟ ସଭାପତି ଓ ବରିଷ୍ଠ ବାମପନ୍ଥୀ ନେତା ସାଥୀ ଜନାର୍ଦ୍ଦନ ପତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଅବସରରେ ସିଟୁ ରାଜ୍ୟ କମିଟି ପକ୍ଷରୁ ଆୟୋଜିତ ଅନୁଷ୍ଠାନିକ ଉତ୍ସବରେ ଶ୍ରୀ ପତି କହିଛନ୍ତି ଯେ ରାଜ୍ୟରେ ଶ୍ରମିକ ଆନ୍ଦୋଳନ ତଥା ସିପିଆଇ(ଏମ) ଗଠନ କରିବାରେ କମ୍ରେଡ ଅଜିତେନ୍ଦ୍ର ଦାସଙ୍କର ଅତୁଳନୀୟ ଅବଦାନ ରହିଛି। ସେ କେବଳ ରାଜଧାନୀର ହୃଦୟସ୍ଥଳ ଖାରବେଳ ନଗରରେ ତାଙ୍କର ବହୁମୂଲ୍ୟ ସମ୍ପତ୍ତି ସିଟୁକୁ ଦାନ କରିନାହାନ୍ତି, ବରଂ ତାଙ୍କ ଘର ପାର୍ଟି କର୍ମୀଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ ଥିଲା। କର୍ମୀମାନଙ୍କୁ ଅଯାଚିତ ଭାବେ ସେ ଆର୍ଥିକ ସାହାଯ୍ୟ ଦେଉଥିଲେ। ରାଜ୍ୟରେ ଲଢୁଆ ଶ୍ରମିକ ଆନ୍ଦୋଳନ ଗଢ଼ିତୋଳିବା ନିମନ୍ତେ ଏକ ଦୃଢ଼ ଅଫିସ ଗୃହ ନିର୍ମାଣ ପାଇଁ ସାଥୀ ବିଷ୍ଣୁ ମହାନ୍ତିଙ୍କୁ କହି ନିଜର କଷ୍ଟଲବ୍ଧ ମୂଲ୍ୟବାନ ସମ୍ପତ୍ତିକୁ ନିଜ ସନ୍ତାନଙ୍କୁ ଅଧେ ଓ ସିଟୁକୁ ଅଧେ ଜମି ଦାନ କରିଥିଲେ। ତାଙ୍କର ଏହି ଅବଦାନ ଓ ତ୍ୟାଗକୁ ସବୁଦିନେ ମନେ ରଖିବା ସକାଶେ ତାଙ୍କର ପ୍ରତିମୂର୍ତ୍ତି ଆଜି ଉନ୍ମୋଚିତ ହୋଇଛି। ସିଟୁ ରାଜ୍ୟ କମିଟି ମରଣୋତ୍ତର ଭାବେ ତାଙ୍କୁ ଓ ତାଙ୍କ ପରିବାର ପ୍ରତି କୃତଜ୍ଞତା ଜଣାଉଛି ବୋଲି ଶ୍ରୀ ପତି କହିଛନ୍ତି। କାର୍ଯ୍ୟକ୍ରମରେ ତାଙ୍କ ପୁଅ ସନ୍ତୋଷ ଦାସ ଓ ପୁତ୍ରବଧୂ ଉପସ୍ଥିତ ଥିଲେ।

## ଆକାଶରୁ ଖସିଲା ନୀଳ ପଥର



ନୀଳଗିରି,୨୧।୫ (ସଂଚାର ବ୍ୟୁରୋ) : ନୀଳ ରଙ୍ଗର ପଥର, ତାହା ପୁଣି ଆକାଶରୁ ଖସିଲା । ଦେଖିବା ପରେ ଲୋକେ ଭୟଭୀତ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁର ଗାଁରେ ଦେଖିବାକୁ ମିଳିଛି ଏଭଳି ଦୃଶ୍ୟ । ଏହି ନୀଳ ରଙ୍ଗର ପଥରଟି ଆକାଶରୁ ଖସିଥିବା କୁହାଯାଉଥିବାବେଳେ ଦେଖିବା ପାଇଁ ଲାଗିଛି ଲୋକଙ୍କ ଭିଡ଼ ।ଛତ୍ରପୁର ଗାଁର ଜୟନ୍ତ ଦାସ ନାମକ ବ୍ୟକ୍ତି ଗତ ୧୮ ତାରିଖରେ ଘର ବାହାରେ ବସି ପରିବାର ଲୋକଙ୍କ ସହ କଥା ହେଉଥିଲେ। ହଠାତ ତାଙ୍କ ଏଜବେଷ୍ଟ ଉପରେ କିଛି ପଡ଼ିବା ଭଳି ଶବ୍ଦ ଶୁଣିଥିଲେ। ପ୍ରଥମେ କଣ ଗୋଟେ ପଡ଼ିଲା ଭାବି ରହିଥିଲେ । ମାତ୍ର ପରେ ଯାଇ ଦେଖିବା ବେଳକୁ ଏକ ନୀଳ ରଙ୍ଗର ପଥର ଦେଖିବାକୁ ପାଇଥିଲେ । ଯାହାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଥିଲେ । ଏନେଇ ଗାଁ ଲୋକଙ୍କୁ ଜଣାଇଥିଲେ । ଲୋକେ କହିଥିଲେ କି, ଆକାଶରୁ ଏହା ଖସିଛି । ଯାହା ଶୁଣିବା ପରେ ସମସ୍ତେ ଡରି ଯାଇଥିଲେ । ଏହି ଗାଢ଼ ନୀଳ ରଙ୍ଗର ପଥରକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ସମସ୍ତେ ଏହାକୁ ଦେଖିବା ପାଇଁ ଭିଡ଼ ଜମାଇଥିଲେ । ତେବେ ଖବର ପାଇବା ପରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହାକୁ ପରୀକ୍ଷା ପାଇଁ ନେଇଥିବା ଜଣାପଡ଼ିଛି ।

## ହସ୍ପିଟାଲ୍‌ରେ ନାବାଳିକାଙ୍କୁ ଦୁଷ୍କର୍ମ, ୩ ଗିରଫ

ଝାରସୁଗୁଡ଼ା,୨୧।୫(ସଂଚାର ବ୍ୟୁରୋ): ରୋଗୀଙ୍କ ସହ ଆସିଥିବା ଜଣୈକା ନାବାଳିକା ଆଟେଣ୍ଡାଣ୍ଟଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ୍ ଦୁଷ୍କର୍ମକାରୀ ସମେତ ମୋଟ ୩ ଜଣଙ୍କୁ ବାନ୍ଧିଛି। ସେମାନଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ସାମିଲ୍ ଅଛନ୍ତି। ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗତ ସୋମବାର ଏହି ଦୁଷ୍କର୍ମ ହୋଇଛି।



ପୀଡ଼ିତାଙ୍କ ପିଉସା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କୁ ଜଗିବାକୁ ପିଉସୀଙ୍କ ସହ ପୀଡ଼ିତା ଆସିଥିଲେ। ସେ ଏକାକୀ ଥିବା ଦେଖି ମେଡିକାଲ ପରିସରରେ ଏକ ସୁରକ୍ଷିତ ସ୍ଥାନରେ ତାଙ୍କୁ ଦୁଷ୍କର୍ମ କରିଥିଲା ଅଭିଯୁକ୍ତ। ଅଭିଯୁକ୍ତ ବୁରୋମାଲ ଗଉନ୍ତିଆପଡ଼ା ଅଞ୍ଚଳର ରାଜା ବେସନା। ତାକୁ ସ୍ଥାନୀୟ ଅଞ୍ଚଳର ଆକାଶ ପ୍ରଧାନ ଓ ତୃପ୍ତି ନାଏକ ନାମକ ଜଣେ ଯୁବତୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇବା ପରେ ତଦନ୍ତକୁ ଜୋରଦାର କରି ମଙ୍ଗଳବାର ସହଯୋଗୀ ଆକାଶ ପ୍ରଧାନ ଓ ତୃପ୍ତି ନାଏକଙ୍କୁ ବୁରୋମାଲ ଅଞ୍ଚଳରୁ ଗିରଫ କରିଥିଲା। ପରେ ମୁଖ୍ୟ ଅଭିଯୁକ୍ତ ରାଜା ବେସନକୁ କାବୁ କରିବାରେ ସଫଳ ହୋଇଥିଲା। ପୋକ୍‌ସୋ ଆଇନରେ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରି ଏକ ଜନଗହଳିପୂର୍ଣ୍ଣ ଓ ସୁରକ୍ଷିତ ସ୍ଥାନରେ ଜଣେ ନାବାଳିକା ଆଟେଣ୍ଡାଣ୍ଟଙ୍କ ସହ ଏଭଳି ବର୍ବରୋଚିତ କାଣ୍ଡ ଘଟିବା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ପୁଲିସ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## କମ୍ପାନୀ ଲାଭ ବୃଦ୍ଧି ପାଇଁ ଉପଭୋକ୍ତା ଶୋଷଣ: ଶକ୍ତି ସମୀକ୍ଷକ

ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଗତକାଲି ରାଜ୍ୟ କ୍ୟାବିନେଟ ପ୍ରଚଳିତ ଥିବା ଓଡ଼ିଶା ତାପଜ ବିଦ୍ୟୁତ୍ ନୀତିର ଉପଧାରା ୩ରେ ଦୁଇଟି ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରଥମଟି ହେଉଛି, ପ୍ରଚଳିତ ନୀତିର ଧାରା ୩ ଅଧୀନରେ ଥିବା "ଭବିଷ୍ୟତ ଆଇପିପି ସହ ପ୍ରସ୍ତାବିତ ଏମଓୟୁ" ଶୀର୍ଷକକୁ ସଂଶୋଧନ କରି "ପ୍ରସ୍ତାବିତ" ଶବ୍ଦକୁ ବିଲୋପ କରାଯାଇଛି। ଏହା ପରିବର୍ତ୍ତେ 'ଭବିଷ୍ୟତ ଆଇପିପି ସହ ଏମଓୟୁ' ହେବ। ଦ୍ୱିତୀୟରେ, ପ୍ରଚଳିତ ନୀତିର ଉପଧାରା ୩କୁ ସଂଶୋଧନ କରି ଲେଖାଯାଇଛି ଯେ 'ବର୍ତ୍ତମାନ ଥିବା ଆଇପିପିଏସ୍‌ଠାରୁ ତାପଜ ଶକ୍ତି କେନ୍ଦ୍ରର ୧୪/୧୨ ପ୍ରତିଶତ ବିଦ୍ୟୁତକୁ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବାର ଅଧିକାର ବଦଳରେ ତାପଜ ଶକ୍ତି କେନ୍ଦ୍ରରୁ ବାହାରୁଥିବା ବିଦ୍ୟୁତର ମାତ୍ର ୫ ପ୍ରତିଶତକୁ ପରିବର୍ତ୍ତନଶୀଳ ମୂଲ୍ୟରେ କ୍ରୟ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ ଏକ ନାମିତ ସଂସ୍ଥା (ଗ୍ରୀଡ୍‌କୋ)କୁ ଅଧିକାର ପ୍ରଦାନ କରାଯିବ।' ଓଡ଼ିଶାରେ ଏବେ ୪ଟି ଆଇପିପିଠାରୁ ତାପଜ ନୀତି ଅନୁସାରେ ଗ୍ରୀଡ୍‌କୋ ବିଦ୍ୟୁତ କ୍ରୟ କରୁଛି।

ନୀତିରେ ସଂଶୋଧନ ହେବା ଦ୍ୱାରା ଗ୍ରୀଡକୋ ୧୨ ପ୍ରତିଶତ ବଦଳରେ ମାତ୍ର ୫ ପ୍ରତିଶତ ବିଦ୍ୟୁତ ପାଇବ। ଅର୍ଥାତ ଓଡ଼ିଶା ପାଉଥିବା ବାର୍ଷିକ ପ୍ରାୟ ୧୦୦୦ ନିୟୁତ ୟୁନିଟରୁ ଅଧିକ ଶସ୍ତା ବିଦ୍ୟୁତ ହରାଇବ। ସେଥିପାଇଁ ଓଡ଼ିଶାର ଏକ କୋଟି ଉପଭୋକ୍ତା ବାର୍ଷିକ ଅତିରିକ୍ତ ବୋଝ ୨୦୦ କୋଟି ଟଙ୍କା ବହନ କରିବେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପାଇଁ ପ୍ରତ୍ୟେକ ବିଦ୍ୟୁତ ଉପଭୋକ୍ତା ବର୍ଷକୁ ଅତିରିକ୍ତ ୨୦୦ ଟଙ୍କା ବିଲ ପରିଶୋଧ କରିବେ। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଦ୍ୟୁତ ଉତ୍ପାଦନ କମ୍ପାନୀଗୁଡ଼ିକ ପାଇଁ ଦ୍ୱିସ୍ତରୀୟ ଟାରିଫ ପ୍ରଚଳନ ଅଛି ଯଥା ଫିକ୍ସଡ ଚାର୍ଜ (ସ୍ଥିର ମୂଲ୍ୟ) ଓ ଭାରିଏବଲ ଚାର୍ଜ (ପରିବର୍ତ୍ତନଶୀଳ ମୂଲ୍ୟ)। ଓଡ଼ିଶା ତାପଜ ବିଦ୍ୟୁତ ନୀତି ଅନୁସାରେ ଆଇପିପିମାନଙ୍କୁ ଗ୍ରୀଡକୋ କେବଳ ପରିବର୍ତ୍ତନଶୀଳ ମୂଲ୍ୟରେ ବିଦ୍ୟୁତ କ୍ରୟ କରେ। ଗ୍ରୀଡକୋକୁ କୌଣସି ସ୍ଥିର ମୂଲ୍ୟ ଦେବାକୁ ପଡ଼େ ନାହିଁ। ଉତ୍ପାଦନ ଟାରିଫର ସ୍ଥିରମୂଲ୍ୟ ଓ ପରିବର୍ତ୍ତନଶୀଳ ମୂଲ୍ୟର ଅନୁପାତ ମୋଟାମୋଟି ୫୦:୫୦। ଆଇପିପି ତାପଜ ବିଦ୍ୟୁତ୍ କେନ୍ଦ୍ର ସାଧାରଣତଃ ଘରୋଇ କମ୍ପାନୀ ପ୍ରତିଷ୍ଠା କରୁଛନ୍ତି। ସେଥିପାଇଁ ରାଜ୍ୟ ସରକାର କୋଇଲା ଖଣି, ପାଣି ଓ ଜଙ୍ଗଲ ଜମି ସୁଲଭ ମୂଲ୍ୟରେ ଯୋଗାଇ ଦେଉଛନ୍ତି। ତାପଜ ବିଦ୍ୟୁତ କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଓଡ଼ିଶାରେ ପ୍ରଦୂଷଣ ବୃଦ୍ଧି ପାଇବା ସହ କୋଇଲା ପାଉଁଶ ଏକ ବଡ଼ ସମସ୍ୟା ହୋଇଛି। ତେଣୁ କ୍ୟାବିନେଟ ନିଷ୍ପତ୍ତି ଜନବିରୋଧୀ ହୋଇଛି। ଉପଭୋକ୍ତାଙ୍କୁ ଶୋଷଣ କରି କମ୍ପାନୀକୁ ଲାଭ ଦେବା ପାଇଁ ଏପରି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କୁ ନିବେଦନ କ୍ୟାବିନେଟ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି।

# ରନ୍ଧନ ଗ୍ୟାସ, ଅପେକ୍ଷା କରିବାକୁ ମେସେଜ୍



ଭୁବନେଶ୍ୱର,୨୧।୫: ରନ୍ଧନ ଗ୍ୟାସର ଅଭାବ ନାହିଁ ବୋଲି ତୈଳ କମ୍ପାନୀଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ କହୁଥିବାବେଳେ ଖାଉଟିଙ୍କର ଯନ୍ତ୍ରଣା କିନ୍ତୁ କମୁନାହିଁ। ନିର୍ଦ୍ଧାରିତ ସମୟରେ ଗ୍ୟାସ ବୁକିଂ କଲେ ମଧ୍ୟ ବାରମ୍ବାର ସମୟ ଗଡାଇ ଦିଆଯାଉଛି।

ରନ୍ଧନ ଗ୍ୟାସ ବୁକିଂ ପାଇଁ ପ୍ରଥମେ ୨୧ଦିନ ସମୟ ବ୍ୟବଧାନ ଥିବାବେଳେ ତାହାକୁ ୨୫ ଦିନକୁ ବୃଦ୍ଧି କରାଯାଇଥିଲା। ତେବେ ଧାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଯେଉଁମାନେ ଗ୍ୟାସ ବୁକିଂ କରୁଛନ୍ତି ସେମାନଙ୍କୁ ପ୍ରଥମେ ସପ୍ତାହକ ମଧ୍ୟରେ ସିଲିଣ୍ଡର ମିଳିଯିବ ବୋଲି ମେସେଜ ଆସିବା ସହିତ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ କୁହାଯାଉଛି। ହେଲେ କେତେକ ଗ୍ରାହକଙ୍କର ସପ୍ତାହକ ମଧ୍ୟରେ ସିଲିଣ୍ଡର ନଆସିବାରୁ ସେମାନେ ଫୋନ୍ କରୁଛନ୍ତି। ଫୋନ୍‌ର ଉତ୍ତର ଦେବା ବଦଳରେ ପୁଣିଥରେ ଆଉ ସପ୍ତାହକ ପାଇଁ ଅପେକ୍ଷା କରିବାକୁ ମେସେଜ୍ ଆସୁଛି।

ଏଭଳି ମେସେଜ୍ ପାଉଥିବା ଲୋକେ ଏବେ କାହାକୁ ଅଭିଯୋଗ କରିବେ ଜାଣିପାରୁ ନାହାନ୍ତି। କାରଣ ଗ୍ରାହକମାନଙ୍କର ସିଧାସଳଖ ଫୋନ୍ କେହି ଧରିବା ସମ୍ଭବପର ହେଉନାହିଁ। ମେସେଜ୍ ପଠାଇଲେ ତୁରନ୍ତ ଅପେକ୍ଷା କରିବାକୁ ତୈଳ କମ୍ପାନୀରୁ ମେସେଜ ଆସୁଛି। ଫଳରେ ଯେଉଁମାନଙ୍କର ଗ୍ୟାସ ସରିଯାଉଛି ସେମାନେ ଏବେ ଖୋଦ୍ ରାଜଧାନୀରେ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। କେତେକ ଲୋକେ ତ କଳାବଜାରରେ ମିଳୁଥିବା ଗ୍ୟାସକୁ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି।


ସେହିଭଳି ଏବେ ବି ଛୋଟ ଛୋଟ ବ୍ୟବସାୟୀମାନେ ପୂର୍ବଭଳି ଗ୍ୟାସ ସିଲିଣ୍ଡରଟିଏ ପାଉନାହାନ୍ତି। ବ୍ୟବସାୟିକ ଗ୍ୟାସ ସିଲିଣ୍ଡରକୁ ଚଢ଼ା ଦରରେ କିଣିବା ଏମାନଙ୍କ ପକ୍ଷେ ସମ୍ଭବପର ନୁହେଁ। ତେଣୁ ରାସ୍ତାକଡ ବ୍ୟବସାୟୀମାନେ ଘରୋଇ ଗ୍ୟାସ ସିଲିଣ୍ଡରରେ ଖାଦ୍ୟ ପ୍ରସ୍ତୁତ କରୁଥିଲେ। କେତେକ ବ୍ୟବସାୟୀ ନିଜ ଘରେ ଖାଦ୍ୟ ପ୍ରସ୍ତୁତ କରି ଆଣି ବିକ୍ରି କରୁଥିଲେ। ଗ୍ୟାସ ଯୋଗାଣରେ କଟକଣା ଯୋଗୁଁ ରାଜଧାନୀର ଅନେକ ଛୋଟ ଛୋଟ ଖାଇବା ଦୋକାନରେ ତାଲା ଝୁଲିଥିବାବେଳେ ଆଉ କିଛି ଦୋକାନୀ ଗ୍ୟାସ୍ ସଙ୍କଟ ଆଳରେ ଖାଦ୍ୟ ସାମଗ୍ରୀର ଆକାର ଛୋଟ ସହିତ ତାହାର ଦାମ୍ ବଢ଼ାଇ ଦେଇଛନ୍ତି।

ରାଜ୍ୟରେ ରନ୍ଧନ ଗ୍ୟାସର ଅଭାବ ନାହିଁ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବାରମ୍ବାର କୁହାଯାଉଛି। ନିୟମିତ ସମୀକ୍ଷା ବି ହେଉଛି। ସେହିଭଳି ରାଷ୍ଟ୍ରାୟତ୍ତ ତୈଳକମ୍ପାନୀମାନେ ସାମ୍ବାଦିକ ସମ୍ମିଳନୀ କରି ମଧ୍ୟ ସମାନ କଥାକୁ ଦୋହରାଉଛନ୍ତି। ଏହା ସତ୍ତ୍ୱେ ବି ଖାଉଟିମାନଙ୍କ ନିକଟକୁ କାହିଁକି ଗ୍ୟାସ ବୁକିଂ କରିବାରେ ଧୈର୍ଯ୍ୟର ସହ ଅପେକ୍ଷା କରିବାପାଇଁ ବାରମ୍ବାର ମେସେଜ୍ ଆସୁଛି ତାହା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରୁଛି।

ବାସ୍ତବ ହିତାଧିକାରୀମାନେ ଗ୍ୟାସ ସିଲିଣ୍ଡରଟିଏ ପାଇଁ ଏଭଳି ହୀନସ୍ତା ହେଉଥିବାବେଳେ ଯେଉଁମାନଙ୍କର ଗ୍ୟାସ ସଂଯୋଗ ନାହିଁ କିମ୍ବା ଅଧିକ ଗ୍ୟାସ ଆବଶ୍ୟକ ହେଉଛି ସେମାନେ ଏବେ ବି କଳାବଜାରରୁ ଅଧିକ ଦରରେ ଗ୍ୟାସ ଖରିଦ କରୁଛନ୍ତି। ତେବେ ବାସ୍ତବ ହିତାଧିକାରୀମାନେ ବୁକିଂ କରୁଥିବା ଗ୍ୟାସ ପାଇଁ କାହିଁକି ଅଧିକ ସମୟ ଲାଗୁଛି ଓ ସେମାନଙ୍କ ସିଲିଣ୍ଡର କେଉଁଆଡେ ଯାଉଛି ତାହାର ସଠିକ ତଦାରଖ କରାଗଲେ ପ୍ରକୃତ ହିତାଧିକାରୀମାନେ ହନ୍ତସନ୍ତ ହୁଅନ୍ତେ ନାହିଁ। (ତଥ୍ୟ)

ଅସୁରକ୍ଷିତ ଖଣ୍ଡଗିରି-ପଳାଶୁଣୀ ରାଜପଥ

## କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ସସ୍ମିତ



ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ବିଜେଡି ସାଂସଦ ସସ୍ମିତ ପାତ୍ର ଆଜି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଭେଟି ଭୁବନେଶ୍ୱରର ଖଣ୍ଡଗିରି-ପଳାଶୁଣୀ ରାସ୍ତାରେ ଘଟୁଥିବା ଉପରେ ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏହି ଜାତୀୟ ରାଜପଥର ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ପଶ୍ଚିମବଙ୍ଗରୁ ଆନ୍ଧ୍ରପ୍ରଦେଶକୁ ଯୋଡୁଥିବା ଏହି ରାଜପଥରେ ନିୟମିତ ଘଟୁଥିବା ମର୍ମନ୍ତୁଦ ଦୁର୍ଘଟଣା ଓ ଟ୍ରାଫିକ ସମସ୍ୟା ନେଇ ସସ୍ମିତ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗତ କିଛି ବର୍ଷ ମଧ୍ୟରେ ବାରମ୍ବାର ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥରେ ଦୁର୍ଘଟଣା ଘଟି ବହୁ ଜୀବନ ହାନୀ ହେଉଛି। ଏଥିପାଇଁ ଭାରୀ ଯାନଗୁଡ଼ିକର ଦ୍ରୁତ ଗତି, ବେପରୁଆ ଗାଡ଼ି ଚାଳନାକୁ ସେ ଦାୟୀ କରିଛନ୍ତି। ଖଣ୍ଡଗିରି, ପଳାଶୁଣୀ, ପାତ୍ରପଡ଼ା, ଆଇଗିଣିଆ ଓ ରସୁଲଗଡ଼ରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଦ୍ରୁତ ଗତିରେ ଯାଉଥିବା ଗାଡ଼ି ବିରୋଧରେ ହିଟ୍ ଆଣ୍ଡ ରନ୍ ଅଭିଯୋଗ ମଧ୍ୟ ଆସୁଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସହ ଏହି ଜାତୀୟ ରାଜପଥ ଏବେ ଅସୁରକ୍ଷିତ ହୋଇପଡ଼ିଛି ବୋଲି ସେ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଏହି ସମ୍ବେଦନଶୀଳ ରାଜପଥର ଦୁର୍ଘଟଣାପ୍ରବଣ ସ୍ଥାନରେ ଏଆଇ ପରିଚାଳିତ ସିସିଟିଭି ସହ ଦ୍ରୁତ ଗତିରେ ଯାଉଥିବା ଗାଡ଼ିରୁ ସ୍ୱୟଂକ୍ରୀୟ ଚାଲାଣ କାଟିବା ବ୍ୟବସ୍ଥା ଲାଗୁ କରିବାକୁ ସସ୍ମିତ ପ୍ରସ୍ତାବ ଦେଇଛନ୍ତି। ଖଣ୍ଡଗିରି-ପଳାଶୁଣୀ ରାସ୍ତାର ତୁରନ୍ତ ସମୀକ୍ଷା କରିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି।

# ଗ୍ରାମୀଣ ଉନ୍ନୟନର ନୂଆ ଆଦର୍ଶ




ଗ୍ରାମୀଣ ଭାରତର ଅର୍ଥନୈତିକ ସ୍ଥିରତା ପାଇଁ ଦୁଇ ଦଶକ ଧରି ଚାଲିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଆଇନ (ମନରେଗା) ଏବେ ଇତିହାସର ପୃଷ୍ଠାରେ ପରିଣତ ହୋଇଛି। ସ୍ଥାନରେ ଆସିଛି ବିକଶିତ ଭାରତ- ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜୀଭିକ ମିଶନ (ଭିବି-ଜି ରାମଜି) ଆଇନ, ୨୦୨୫। ଡିସେମ୍ବର ୨୦୨୫ରେ ଲୋକସଭା ଓ ରାଜ୍ୟସଭାରେ ପାରିତ ହୋଇ ରାଷ୍ଟ୍ରପତିଙ୍କ ସମ୍ମତି ଲାଭ କରିଥିବା ଏହି ନୂଆ ଆଇନ ଗ୍ରାମୀଣ ରୋଜଗାର ଓ ଉନ୍ନୟନର ଏକ ଆଧୁନିକ, ଲକ୍ଷ୍ୟଭିମୁଖୀ ଢାଞ୍ଚା ପ୍ରଦାନ କରୁଛି। ଏହା କେବଳ ଏକ ଯୋଜନାର ପରିବର୍ତ୍ତନ ନୁହେଁ, ବରଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ସହ ଗ୍ରାମୀଣ ଅର୍ଥନୀତିକୁ ସଂଯୋଗ କରିବାର ଏକ ଐତିହାସିକ ପଦକ୍ଷେପ।

ମନରେଗା ୨୦୦୫ରେ ଆରମ୍ଭ ହୋଇଥିଲା ଯେତେବେଳେ ଗ୍ରାମୀଣ ଦାରିଦ୍ର୍ୟ ବହୁତ ଅଧିକ ଥିଲା। ଏହା ପ୍ରତି ଗ୍ରାମୀଣ ପରିବାରକୁ ୧୦୦ ଦିନ ରୋଜଗାର ନିଶ୍ଚିତ କରି ଲକ୍ଷ ଲକ୍ଷ ପରିବାରର ଜୀବନ ରକ୍ଷା କରିଥିଲା। କିନ୍ତୁ ଦୁଇ ଦଶକରେ ଗ୍ରାମୀଣ ଭାରତର ବାସ୍ତବତା ବଦଳିଛି। ଦାରିଦ୍ର୍ୟ ହ୍ରାସ ପାଇଛି, ଡିଜିଟାଲ୍ ସୁବିଧା ବଢ଼ିଛି, ଯୋଗାଯୋଗ ଉନ୍ନତ ହୋଇଛି ଏବଂ ଗ୍ରାମୀଣ ଅର୍ଥନୀତି ବିବିଧମୁଖୀ ହୋଇଛି। ଏହି ପରିବର୍ତ୍ତିତ ପରିସ୍ଥିତିରେ ମନରେଗାର କିଛି ସୀମାବଦ୍ଧତା ଦୃଶ୍ୟମାନ ହୋଇଥିଲା - ଯେମିତି କାମର ବିକ୍ଷିପ୍ତତା, ଲିକେଜ୍, ଦୁର୍ବଳ ଆକାଉଣ୍ଟାବିଲିଟି ଏବଂ ଦୀର୍ଘସ୍ଥାୟୀ ସମ୍ପତ୍ତି ସୃଷ୍ଟିର ଅଭାବ। ଏହି ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଭିବି-ଜି ରାଜଜୀ ଆସିଛି।

ନୂଆ ଆଇନର ମୂଳ ବୈଶିଷ୍ଟ୍ୟ: ପ୍ରଥମତଃ, ରୋଜଗାର ଗ୍ୟାରେଣ୍ଟି ୧୦୦ ଦିନରୁ ବଢ଼ି ୧୨୫ ଦିନ ହୋଇଛି। ଏହା ପରିବାର ଆୟରେ ପ୍ରାୟ ୨୫% ବୃଦ୍ଧି ଆଣିବ। ଦ୍ୱିତୀୟତଃ, କାର୍ଯ୍ୟଗୁଡ଼ିକୁ ଚାରିଟି ପ୍ରାଥମିକତା କ୍ଷେତ୍ରରେ କେନ୍ଦ୍ରିତ କରାଯାଇଛି - ଜଳ ସୁରକ୍ଷା, ମୂଳ ଗ୍ରାମୀଣ ଅବସ୍ଥାପନା, ଜୀବିକା ସମ୍ବନ୍ଧୀୟ ଅବସ୍ଥାପନା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧ। ଏହାଦ୍ୱାରା କେବଳ ରୋଜଗାର ନୁହେଁ, ଦୀର୍ଘସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେବ। ତୃତୀୟତଃ, ପରିକଳ୍ପନା ବ୍ୟବସ୍ଥା ଆଧୁନିକୀକୃତ ହୋଇଛି। ଗ୍ରାମ ପଞ୍ଚାୟତ ସ୍ତରରେ ବିକଶିତ ଗ୍ରାମପଞ୍ଚାୟତ ଯୋଜନା ପ୍ରସ୍ତୁତ ହେବ, ଯାହା ପ୍ରଧାନମନ୍ତ୍ରୀ ଗତିଶକ୍ତି ସହ ସଂଯୁକ୍ତ ହେବ। ଚତୁର୍ଥତଃ, ଡିଜିଟାଲ୍ ଟେକ୍ନୋଲୋଜିର ପୂର୍ଣ୍ଣ ବ୍ୟବହାର - ବାୟୋମେଟ୍ରିକ ଉପସ୍ଥିତି, ଜିଓ-ଟ୍ୟାଗିଙ୍ଗ, ସାପ୍ତାହିକ ମଜୁରି ପ୍ରଦାନ ଏବଂ ରିଅଲ ଟାଇମ୍ ମନିଟରିଙ୍ଗ ଦ୍ୱାରା ଲିକେଜ କମ ହେବ।

କୃଷକଙ୍କ ପାଇଁ ଏହା ଏକ ବଡ଼ ଲାଭ। ରାଜ୍ୟଗୁଡ଼ିକ ପୂର୍ବରୁ ଘୋଷଣା କରିବେ ଯେ ବର୍ଷରେ ସର୍ବାଧିକ ୬୦ ଦିନ ପାଇଁ କାମ ବନ୍ଦ ରହିବ, ଯାହା ବୀଜ ରୋପଣ ଓ କଟଣି ସମୟରେ କୃଷି ଶ୍ରମିକ ଉପଲବ୍ଧତା ନିଶ୍ଚିତ କରିବ। ଜଳ ସମ୍ବନ୍ଧୀୟ କାମ ଦ୍ୱାରା ସିଞ୍ଚନ ସୁବିଧା ବଢ଼ିବ ଏବଂ ଜଳବାୟୁ ପ୍ରତିରୋଧକ ସମ୍ପତ୍ତି କୃଷି ଉତ୍ପାଦନକୁ ସୁରକ୍ଷିତ କରିବ। ଶ୍ରମିକଙ୍କ ପାଇଁ ଅଧିକ ଦିନ, ତ୍ୱରିତ ମଜୁରି ଏବଂ ସ୍ୱଚ୍ଛତା ଏକ ବଡ଼ ଉପହାର।

ଅର୍ଥ ବଣ୍ଟନ ବ୍ୟବସ୍ଥାରେ ପରିବର୍ତ୍ତନ ହୋଇଛି। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ (ଉତ୍ତର-ପୂର୍ବ ଓ ହିମାଳୟ ରାଜ୍ୟଗୁଡ଼ିକ ପାଇଁ ୯୦:୧୦) ଅନୁପାତରେ ଖର୍ଚ୍ଚ ବଣ୍ଟନ ହେବ ଏବଂ ନର୍ମାଟିଭ ଆଲୋକେସନ୍ ଦ୍ୱାରା ବଜେଟ ଅଧିକ ପୂର୍ବାନୁମାନଯୋଗ୍ୟ ହେବ। ଏହା ଯଦିଓ କେତେକଙ୍କ ମତରେ ରାଜ୍ୟର ଦାୟିତ୍ୱ ବଢ଼ାଉଛି, ତଥାପି ଏହା ଦୀର୍ଘକାଳୀନ ସ୍ଥିରତା ଆଣିବ।

ଓଡ଼ିଶା ପରି ରାଜ୍ୟରେ ଯେଉଁଠାରେ ଗ୍ରାମୀଣ ରୋଜଗାର ଏବଂ ଜଳ ସମସ୍ୟା ପ୍ରମୁଖ, ଭିବି-ଜି ରାମଜୀ ଏକ ବଡ଼ ସୁଯୋଗ। ପଞ୍ଚାୟତ ସ୍ତରର ପରିକଳ୍ପନା ଏବଂ ଡିଜିଟାଲ୍ ମନିଟରିଙ୍ଗ୍ ଦ୍ୱାରା ଲାଭ ହେବ। ତଥାପି କାର୍ଯ୍ୟକାରୀ କରିବା ସମୟରେ ସ୍ଥାନୀୟ ସମସ୍ୟା ଓ ଶ୍ରମିକ ଅଧିକାର ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଭିବି-ଜି ରାମଜି ଗ୍ରାମୀଣ ଭାରତକୁ ବିକଶିତ ଭାରତର ମୂଳ ସ୍ତମ୍ଭ କରିବାର ଏକ ପ୍ରତିଶ୍ରୁତି। ଯଦି ସଠିକ୍ ଭାବେ କାର୍ଯ୍ୟାନ୍ୱିତ ହୁଏ, ତେବେ ଏହା ରୋଜଗାର, ଉତ୍ପାଦନଶୀଳତା ଓ ସ୍ଥାୟୀତ୍ୱର ନୂଆ ଯୁଗ ଆରମ୍ଭ କରିବ। ଗ୍ରାମୀଣ ଭାରତର ସ୍ୱପ୍ନ ଏବଂ ବିକଶିତ ଭାରତର ଲକ୍ଷ୍ୟ ଏଥିରେ ମିଶିଛି।

# ସଫଳତାର ରହସ୍ୟ



ଦୁଇ ଜଣ ବନ୍ଧୁ ଏକାଠି ବସି ବିଭିନ୍ନ ବିଷୟରେ ଆଲୋଚନା କରୁଥିବା ସମୟରେ ଜଣେ ବନ୍ଧୁ ଅନ୍ୟ ବନ୍ଧୁଙ୍କୁ ପଚାରିଲା, ସଫଳତାର ରହସ୍ୟ କ'ଣ? ସଙ୍ଗେ ସଙ୍ଗେ ବନ୍ଧୁ ଜଣକ ଉତ୍ତର ଦେଇ, ଆମେ ଜଣେ ଜଣେ ସଫଳ ବ୍ୟକ୍ତିତ୍ୱ। ସେ ଟିକେ ବୁଝିପାରିଲେ ନାହିଁ ଏବଂ ବନ୍ଧୁ ଜଣକ ବୁଝାଇବା ପାଇଁ ଚେଷ୍ଟା କଲା ଜୀବନର ସଫଳ ସେହି ବ୍ୟକ୍ତି ଯିଏକି ଜୀବନରେ ବାରମ୍ବାର ଅସଫଳତାକୁ ସାମ୍ନା କରିଛି। ସ୍ଥିର ଚିତ୍ତରେ ସମୟଚକ୍ରର ଆହ୍ୱାନରେ ତାହା ଠିକ୍ ହୋଇଯିବ ବୋଲି ଭାବିନେଇଛି। ଯାହା ହେବାର ଥିବ ହେବ ଏବଂ ଯାହା ଘଟିବାର ଥିବ ତାହା ଘଟିବ। କିନ୍ତୁ ସମୟ ଜିନିଷକୁ ଭାଗ୍ୟ ଓ ଭଗବାନଙ୍କ ଉପରେ ଛାଡ଼ିଦେଲେ ହେବ ନାହିଁ। ସେଥିପାଇଁ ସମୟର ସଦୁପଯୋଗ କରିବ ଓ କଠିନ ପରିଶ୍ରମ କରିବାକୁ ପଡ଼ିବ। ପରିଶ୍ରମର ଫଳ ସଫଳତା। ସେଥିପାଇଁ ଧୈର୍ଯ୍ୟବାନ ଓ ଧୈର୍ଯ୍ୟଶୀଳ ହେବାକୁ ପଡ଼ିବ ଏହା ଯାହା ଅନ୍ୟମାନେ କରିପାରିନାହାନ୍ତି, ତାହାକୁ ନିଜେ କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବା ହେଉଛି ସଫଳତା।

ସଫଳତାର ପ୍ରଥମ ପାହାଚ ହେଉଛି ସମୟର ସଦୁପଯୋଗ ଓ ସ୍ୱପ୍ନ ଦେଖିବା ଖାଲି ସ୍ୱପ୍ନମନସ୍କ ହେବା ବଡ଼ କଥା ନୁହେଁ, ସେହି ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱପ୍ନ ଦେଖିବା ସମୟରୁ ପ୍ରୟାସ ଜାରି ରଖିବା। ଯଦି ମନ ଭିତରେ ଆସେ କିଏ କ'ଣ ଭାବିବ, ସେଥିରୁ ସବୁବେଳେ କ୍ଷାନ୍ତ ରହିବା ଉଚିତ। ଆଗ ହୋଇ ମତାମତ ଉପରେ ଆମେ ଚଳିପାରିବା ନାହିଁ କିମ୍ବା ସ୍ୱପ୍ନକୁ ସାକାର କରିପାରିବା ନାହିଁ।

ଏହାର ଅର୍ଥ ନୁହେଁ ଯେ ଗୁରୁଜନମାନଙ୍କର କଥାକୁ ଆମେ ଯଥୋଚିତ ସମ୍ମାନ ଦେବାନାହିଁ। ସେମାନଙ୍କର ଆଦେଶ, ଆଶୀର୍ବାଦ ଓ ଶୁଭେଚ୍ଛା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। କିନ୍ତୁ ସମାଜରେ ଏଭଳି କିଛି ଲୋକ ଥା'ନ୍ତି ଯେଉଁମାନେ ତୁମକୁ ଉପରକୁ ଉଠିବାକୁ ଦେବେ ନାହିଁ, ଗୋଡ଼ ଟାଣିବେ ଏବଂ ସେମାନେ ପରନିନ୍ଦା ଓ ପରଚର୍ଚ୍ଚାରେ ସମୟ ଅତିବାହିତ କରି ପରମ ଆତ୍ମତୃପ୍ତି ଲାଭ କରନ୍ତି। ତେଣୁ ସ୍ୱପ୍ନକୁ ସାକାର କରିବା ପାଇଁ ଦରକାର ସାହସ, ଧୈର୍ଯ୍ୟ ଏବଂ କଠିନରୁ କଠିନତମ ପରିଶ୍ରମ। ସହଜରେ କୌଣସି ଜିନିଷ ହାତ ପାହାନ୍ତାରେ ମିଳିଯାଏ ନାହିଁ ଏବଂ ଯାହାବି ମିଳେ ତାହା କ୍ଷଣସ୍ଥାୟୀ। ଝାଳବୁହା ଧନେ, ପରିଶ୍ରମ କରି ପାଇଥିବା ଫଳର ଅନୁଭବ ଓ ଅନୁଭୂତି ନିଆରା। ଲକ୍ଷ୍ୟସ୍ଥଳରୁ ବଞ୍ଚିତ ହେବା ଭୀରୁତାର ପରିଚୟ। କରିବାର ଅଛି, ସମାଜ ପାଇଁ ଏକ ନୂତନ ଦିଶାର ଆବଶ୍ୟକତା ଅଛି, ସେହି ଦୃଢ଼ ସଙ୍କଳ୍ପରେ ଆମେ ଆଗେଇଯିବା ଉଚିତ।

ସଫଳତାର ଅର୍ଥ ନୁହେଁ ଯେ କେବଳ ଧନ ରୋଜଗାର କରିବା, ନିଜର ଆତ୍ମପ୍ରଚାର ଓ ଆତ୍ମବଡ଼ିମା ଦେଖାଇବା। ସଫଳତାର ଅର୍ଥ ହେଉଛି ନମ୍ର, ବିନୟୀ ଓ ନତମସ୍ତକ ହେବା। ଯେଉଁମାନେ ଜ୍ଞାନୀ, ଗୁଣୀ, ସେମାନଙ୍କର ନମ୍ରତା ଓ ବିନମ୍ରତାରେ ଆମର ମୁଣ୍ଡ ତଳକୁ ହୋଇଯାଏ। ସବୁ ସମୟରେ ଧର୍ମ ମାର୍ଗରେ, ସତ୍ ପଥରେ ଓ ଅନ୍ୟାୟକୁ ପ୍ରତିରୋଧ କରିବା ହେଉଛି ସଫଳତା। ହୃଦୟକୁ ସବୁ ସମୟରେ ସ୍ୱଚ୍ଛ ଓ ନିର୍ମଳ ରଖିବା, ପରନିନ୍ଦା, ପରଚର୍ଚ୍ଚାରେ ସମୟ ଅତିବାହିତ ନ କରି, ସମୟର ସଦୁପଯୋଗ କରିବା। ସମୟ ଢ଼େ ବଳବାନ ଓ ଥରେ ସମୟ ଅତିବାହିତ ହୋଇଗଲେ ତାହା ଆଉ ହାତକୁ ଆସେନାହିଁ।

ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଆତ୍ମସମୀକ୍ଷା କରିବା ଉଚିତ ଏବଂ ଯାହା ବରଣୀୟ ତାକୁ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରିବା।

କୌଣସି ସ୍ୱପ୍ନ ଦେଖିଲେ ସେ ଆମକୁ ସାଙ୍ଗେ ସାଙ୍ଗେ ଫଳ ପ୍ରଦାନ କରିପାରିବ ନାହିଁ ଏବଂ ଏହାକୁ ବାସ୍ତବରେ ରୂପାନ୍ତରିତ କରିବାକୁ ହେଲେ, ସମୟ, ଧୈର୍ଯ୍ୟ ଓ ଆମିବିଶ୍ୱାସ ଓ ଆତ୍ମପ୍ରତ୍ୟୟର ପ୍ରଚେଷ୍ଟା ରହିବା ଦରକାର। ଆଚରଣ ଓ ଉଚ୍ଚାରଣର ଶୁଦ୍ଧତା ଓ ଲୋକଙ୍କୁ ଚିହ୍ନିବା ଓ ଜାଣିବା ଏହା ହିଁ ସଫଳତା।

ନିଜର ଆତ୍ମବିଶ୍ୱାସ ବଳରେ ଆମେ ସମୃଦ୍ଧିର ଶିଖରରେ ପହଞ୍ଚିପାରିବା। ଏହା ନିଃସନ୍ଦେହରେ କୁହାଯାଇପାରେ। ଆସନ୍ତୁ ଆମେ ସମସ୍ତେ ଶପଥ ନେବା, ଏକ ସମୁଜ୍ଜ୍ୱଳ ଭାରତବର୍ଷ ଗଠନ ପାଇଁ ଆମେ ପ୍ରତ୍ୟେକ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଓ ଆମର ପ୍ରେରଣା ଜାତୀୟ ଜନଜୀବନକୁ ଋଦ୍ଧିମନ୍ତ କରିବ ।

**ଦାଶରଥୀ ଶତପଥୀ, ଭାରତୀୟ ପ୍ରଶାସନିକ ସେବା (ଅବସରପ୍ରାପ୍ତ)**
**ପ୍ରାକ୍ତନ ସଚିବ, ଓଡ଼ିଶା ବିଧାନସଭା**
**ମୋ- ୯୩୩୭୪୪୯୩୭୩**

# କାନ୍ସ ଚଳଚ୍ଚିତ୍ର ଉତ୍ସବରେ ଭାରତ



**ବିଜନ କୁମାର ମହାପାତ୍ର**

ପ୍ରତିବର୍ଷ ମେ' ମାସରେ ଫ୍ରାନ୍ସର ଏକ ଛୋଟ ଉପକୂଳ ସହର କାନ୍ସ ଉପରେ ରହିଥାଏ ସିନେପ୍ରେମୀଙ୍କ ନଜର। ୧୨ ଦିନ ଧରି ବିଶ୍ୱ ସିନେମାର ମେଳା ଲାଗେ ଏହି ସହରରେ। ଭେନିସ, ବର୍ଲିନ, ଲଣ୍ଡନ ଓ ଟରଂଟୋ ଚଳଚ୍ଚିତ୍ର ଉତ୍ସବ ଅପେକ୍ଷା କାନ୍ସ ଚଳଚ୍ଚିତ୍ର ଉତ୍ସବର ଆକର୍ଷଣ ହିଁ କିଛି ଅଲଗା। କାନ୍ସରେ ପ୍ରତିବର୍ଷ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବ ଆୟୋଜନ ପାଇଁ ୧୯୩୮ରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ ଏହା ବିଳମ୍ବିତ ହୋଇଥିଲା। ୧୯୪୬ ମସିହାରେ ହିଁ ଆୟୋଜିତ ହୋଇଥିଲା କାନ୍ସ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବର ଉଦଘାଟନୀ ସଂସ୍କରଣ। ଏ ବର୍ଷ ଆୟୋଜିତ ହୋଇଛି କାନ୍ସ ଚଳଚ୍ଚିତ୍ର ଉତ୍ସବର ୭୯ତମ ସଂସ୍କରଣ।

କାନ୍ସ ସହ ଭାରତର ସଂପର୍କ ବେଶ୍ ପୁରୁଣା। ୧୯୪୬ରେ ଉଦଘାଟନୀ ସଂସ୍କରଣରେ ମଧ ଥିଲା ଭାରତର ପ୍ରତିନିଧିତ୍ୱ। ଭାରତର ଅନେକ ଖ୍ୟାତନାମା ନିର୍ମାତା ନିର୍ଦ୍ଦେଶକଙ୍କ ଚଳଚ୍ଚିତ୍ର କାନ୍ସରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହୋଇଛି। ଗତ କିଛି ବର୍ଷ ଧରି କାନ୍ସରେ ଭାରତୀୟ ସିନେମା ଅପେକ୍ଷା ବଲିଉଡ ହିରୋଇନଙ୍କ ଗ୍ଲାମର, ପୋଷାକ ଏବଂ 'ରେଡ୍ କାର୍ପେଟ ୱାକ୍' ନେଇ ଅଧିକ ଚର୍ଚ୍ଚା ହେଉଛି। ଏବେ ବି ସେହି ଧାରା ଅପରିବର୍ତ୍ତିତ ରହିଛି। କାନ୍ସରେ କେଉଁ ଅଭିନେତ୍ରୀଙ୍କ କିଭଳି ପୋଷାକ ପିନ୍ଧିଲେ, କାହାର ପୋଷାକ ସବୁଠୁ ଆକର୍ଷଣୀୟ ଥିଲା - ଏହି ଭଳି ଗୌଣ ଖବର ପରିବେଷଣ କରନ୍ତି କିଛି ତାରକାପ୍ରିୟ ଟିଭି ନ୍ୟୁଜ ଚ୍ୟାନେଲ। ଏହା ସତ୍ତ୍ୱେ ସିରିୟସ ସିନେପ୍ରେମୀଙ୍କ ଫୋକସ୍ କାନ୍ସକୁ ଯାଇଥିବା ଚଳଚ୍ଚିତ୍ର ଉପରେ ହିଁ ରହେ।

କାନ୍ସ ଚଳଚ୍ଚିତ୍ର ଉତ୍ସବରେ ବିଭିନ୍ନ ବିଭାଗରେ ମନୋନୀତ ଚଳଚ୍ଚିତ୍ର ପ୍ରଦର୍ଶିତ ହୁଏ। 'ଇନ୍ କମ୍ପିଟିସିନ' ହେଉଛି ସବୁଠାରୁ ସମ୍ମାନଜନକ ବିଭାଗ। ଏହି ବିଭାଗ ପାଇଁ ବଛା ବଛା ଚଳଚ୍ଚିତ୍ର ହିଁ ମନୋନୀତ ହୋଇଥାଏ। ପ୍ରତିବର୍ଷ ଏହି ବିଭାଗ ପାଇଁ ୨୦ରୁ ୨୨ଟି ଆନ୍ତର୍ଜାତିକ ଚଳଚ୍ଚିତ୍ର ମନୋନୀତ ହୋଇ ପ୍ରଦର୍ଶିତ ହୋଇଥାଏ। ଏକ ଆନ୍ତର୍ଜାତିକ ବିଚାରକମଣ୍ଡଳୀ 'ଇନ୍ କମ୍ପିଟିସନ' ବିଭାଗରେ ସ୍ଥାନ ପାଇଥିବା ସମସ୍ତ ଚଳଚ୍ଚିତ୍ର ଦେଖିବା ପରେ ଶ୍ରେଷ୍ଠ ଚଳଚ୍ଚିତ୍ର, ନିର୍ଦ୍ଦେଶକ, ଅଭିନେତା ଓ ଅଭିନେତ୍ରୀଙ୍କୁ ଚୟନ କରନ୍ତି। ବିଜେତାମାନଙ୍କୁ ଦିଆଯାଏ ପାମ୍ ଡି' ଅର୍ ବା ଗୋଲଡେନ୍ ପାମ୍, ଯାହାକି କାନ୍ସ ଚଳଚ୍ଚିତ୍ର ଉତ୍ସବର ସର୍ବୋଚ୍ଚ ସମ୍ମାନ। 'ଇନ୍ କମ୍ପିଟିସନ' ବିଭାଗରେ ସ୍ଥାନ ପାଇବା ବି ଏକ ସମ୍ମାନର ବିଷୟ। କାନ୍ସରେ ଅନ୍ ସେର୍ଟେନ ରିଗାର୍ଡ, କ୍ୟାମେରା ଡି'ଅର୍ ଭଳି ଅନ୍ୟ କିଛି ବିଭାଗ ମଧ ରହିଛି। ଡକ୍ୟୁମେଂଟାରୀ ଓ ଟେକନିକାଲ ଶ୍ରେଣୀରେ ମଧ ପୁରସ୍କାର ଦିଆଯାଏ।

୧୯୪୬ ମସିହାରେ କାନ୍ସ ଚଳଚ୍ଚିତ୍ର ଉତ୍ସବର ଉଦଘାଟନୀ ସଂସ୍କରଣରେ ଚେତନ ଆନନ୍ଦଙ୍କ ନିର୍ଦ୍ଦେଶିତ ହିନ୍ଦି ଚଳଚ୍ଚିତ୍ର 'ନୀଚା ନଗର' ସମାଲୋଚକ ଓ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ନୀଚା ନଗରକୁ ମିଳିଥିଲା ଶ୍ରେଷ୍ଠ ଚଳଚ୍ଚିତ୍ରର ସମ୍ମାନ ( ଗ୍ରାଣ୍ଡ ପ୍ରିକ୍ସ ଡୁ ଫେଷ୍ଟିଭଲ ଇଂଟରନ୍ୟାସନାଲ ଡୁ ଫିଲ୍ମ ଯାହା କି ଆଜିର ପାମ୍ ଡି' ଅର୍ ପୁରସ୍କାର )। କୌଣସି ଆନ୍ତର୍ଜାତିକ ପୁରସ୍କାର ହାସଲ କରିବାରେ ନୀଚା ନଗର ଥିଲା ପ୍ରଥମ ଭାରତୀୟ ଚଳଚ୍ଚିତ୍ର। ଭାରତରେ କିନ୍ତୁ ରିଲିଜ ହୋଇପାରିନଥିଲା ନୀଚା ନଗର। ୧୯୫୨ ମସିହାରେ କାନ୍ସରେ ପ୍ରଦର୍ଶିତ ହୋଇଥିଲା ଭି. ଶାନ୍ତାରାମ ନିର୍ଦ୍ଦେଶିତ ମରାଠୀ ଚଳଚ୍ଚିତ୍ର 'ଅମର ଭୋପାଲି'। ଶ୍ରେଷ୍ଠ ସାଉଣ୍ଡ ରେକର୍ଡିଂ ପାଇଁ ପୁରସ୍କୃତ ହୋଇଥିଲା ଅମର ଭୋପାଲି। ୧୯୫୩ ସଂସ୍କରଣରେ ରାଜ କପୁରଙ୍କ 'ଆୱାରା' ଶ୍ରେଷ୍ଠ ଚଳଚ୍ଚିତ୍ର ଶ୍ରେଣୀ ( ଗ୍ରାଣ୍ଡ ପ୍ରିକ୍ସ ପୁରସ୍କାର ପାଇଁ ) ପ୍ରଦର୍ଶିତ ହୋଇଥିଲା।

୧୯୫୪ରେ କାନ୍ସରେ ଛାପ ଛାଡିବାରେ ସଫଳ ହୋଇଥିଲା କିମ୍ବଦନ୍ତୀ ନିର୍ଦ୍ଦେଶକ ବିମଲ ରୟଙ୍କ କ୍ଲାସିକ 'ଦୋ ବିଘା ଜମିନ'। ଏହି ଚଳଚ୍ଚିତ୍ରକୁ ମିଳିଥିଲା ସେତେବେଳର ସମ୍ମାନଜନକ 'ପ୍ରିକ୍ସ ଇଂଟରନ୍ୟାସନାଲ' ପୁରସ୍କାର। ୧୯୫୫ରେ କାନ୍ସରେ ପ୍ରଦର୍ଶିତ ହୋଇଥିଲା ରାଜ କପୁରଙ୍କ ପ୍ରଯୋଜିତ 'ବୁଟ୍ ପଲିସ'। ଏହି ଚଳଚ୍ଚିତ୍ର ପାଇଁ ବେବି ନାଜଙ୍କୁ ଶ୍ରେଷ୍ଠ ଶିଶୁ କଳାକାର ଭାବେ ମିଳିଥିଲା ସ୍ୱତନ୍ତ୍ର ପୁରସ୍କାର।




୧୯୫୬ କାନ୍ସ ସଂସ୍କରଣରେ ସବୁଠୁ ଚର୍ଚ୍ଚିତ ଚଳଚ୍ଚିତ୍ର ଥିଲା ସତ୍ୟଜିତ ରୟଙ୍କ 'ପଥେର ପାଂଚାଲି'। ସର୍ବକାଳୀନ ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ମଧ୍ୟରେ ବିବେଚିତ ହେଉଥିବା ପଥେର ପାଂଚାଲିକୁ ମିଳିଥିଲା ଶ୍ରେଷ୍ଠ ହ୍ୟୁମାନ ଡକ୍ୟୁମେଂଟ୍ ପୁରସ୍କାର। ସତ୍ୟଜିତ ରୟଙ୍କ ନିର୍ଦ୍ଦେଶିତ 'ପାରସ ପଥର' 'ଦେବୀ' ଏବଂ 'ଘରେ ବାଇରେ' ଚଳଚ୍ଚିତ୍ର ମଧ କାନ୍ସର ମୁଖ୍ୟ ବିଭାଗ (ଇନ୍ କମ୍ପିଟିସନ)ରେ ପ୍ରଦର୍ଶିତ ହୋଇଛି। ସତ୍ୟଜିତ ରୟଙ୍କ ସମସାମୟିକ ମୃଣାଳ ସେନଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରକୁ ମଧ କାନ୍ସରେ ମିଳିଛି ସମ୍ମାନ। ସେ ମଧ ପ୍ରଥମ ଭାରତୀୟ ଭାବେ କାନ୍ସ ବିଚାରକମଣ୍ଡଳୀରେ ସ୍ଥାନ ପାଇଥିଲେ। ୧୯୮୩ ମସିହାରେ ମୃଣାଳ ସେନଙ୍କ ନିର୍ଦ୍ଦେଶିତ ବଙ୍ଗଳା ଚଳଚ୍ଚିତ୍ର ଖାରିଜ୍ ପାମ୍ ଡି'ଅର୍ ପୁରସ୍କାର ପାଇଁ ପ୍ରତିଯୋଗିତା ଶ୍ରେଣୀରେ ସ୍ଥାନ ପାଇଥିଲା। ବିଶେଷ ଜୁରୀ ପୁରସ୍କାର ହାସଲ କରିଥିଲା ଖାରିଜ୍।

କାନ୍ସରେ ମୁଖ୍ୟ ବିଭାଗରେ ପ୍ରଦର୍ଶିତ ହୋଇଥିବା ଅନ୍ୟ ଏକ ଚର୍ଚ୍ଚିତ ଭାରତୀୟ ଚଳଚ୍ଚିତ୍ର ହେଉଛି ଏମ.ଏସ ସାଥ୍ୟୁଙ୍କ ନିର୍ଦ୍ଦେଶିତ 'ଗରମ ହାୱା'। ୧୯୭୪ ମସିହା ସଂସ୍କରଣରେ ଗ୍ରାଣ୍ଡ ପ୍ରିକ୍ସ ପୁରସ୍କାର ଦୌଡରେ ଥିଲା ଗରମ ହାୱା। ବିଭାଜନ ପରବର୍ତ୍ତୀ ଭାରତର ସ୍ଥିତି ଉପରେ ଆଧାରିତ ଏହି ଚଳଚ୍ଚିତ୍ର କାନ୍ସରେ ସାଉଁଟିଥିଲା ଅଜସ୍ର ପ୍ରଶଂସା।

ମୀରା ନାୟାରଙ୍କ ନିର୍ଦ୍ଦେଶିତ 'ସଲାମ ବମ୍ବେ' ୧୯୮୮ କାନ୍ସ ଚଳଚ୍ଚିତ୍ର ଉତ୍ସବରେ ବାଜି ମାରି ନେଇଥିଲା। 'କ୍ୟାମେରା ଡି'ଅର୍' ବା ଗୋଲଡେନ କ୍ୟାମେରା ବିଭାଗରେ ସ୍ଥାନ ପାଇଥିଲା ସଲାମ ବମ୍ବେ। ଏହି ବିଭାଗରେ ଜଣେ ନିର୍ଦ୍ଦେଶକଙ୍କ ପ୍ରଥମ ଫିଚର ଫିଲ୍ମକୁ ହିଁ ସ୍ଥାନ ମିଳିଥାଏ। ମୀରା ନାୟାରଙ୍କ ସଲାମ ବମ୍ବେ ଜଣେ ନିର୍ଦ୍ଦେଶକଙ୍କ ଶ୍ରେଷ୍ଠ ପ୍ରଥମ ଫିଚର ଫିଲ୍ମ ଭାବେ ବିବେଚିତ ହୋଇ ହାସଲ କରିଥିଲା କ୍ୟାମେରା ଡି'ଅର୍ ପୁରସ୍କାର। କ୍ୟାମେରା ଡି'ଅର୍ ପୁରସ୍କାର ହାସଲ କରିବାରେ ଭାରତର ଦ୍ୱିତୀୟ ଚଳଚ୍ଚିତ୍ର ହେଉଛି ମୁରଲୀ ନାୟାରଙ୍କ ମାଲାୟଲମ ଚଳଚ୍ଚିତ୍ର 'ମରଣ ସିଂହାସନମ୍'।

ସାଜି ଏନ. କରୁଣଙ୍କ ନିର୍ଦ୍ଦେଶିତ ମାଲାୟଲମ ଚଳଚ୍ଚିତ୍ର 'ସ୍ୱାହାମ' ୧୯୯୪ରେ ପାମ୍ ଡି'ଅର୍ ପୁରସ୍କାର ପାଇଁ ମୁଖ୍ୟ ପ୍ରତିଯୋଗିତା ବିଭାଗରେ ସ୍ଥାନ ପାଇଥିଲା। ଏହାପରେ ୩୦ ବର୍ଷ ଯାଏଁ କୌଣସି ଭାରତୀୟ ଚଳଚ୍ଚିତ୍ର କାନ୍ସ ଉତ୍ସବର ମୁଖ୍ୟ ପ୍ରତିଯୋଗିତା ବିଭାଗରେ ସ୍ଥାନ ପାଇନଥିଲା। ପୁଣି ୨୦୨୪ରେ କାନ୍ସର ଇନ୍ କମ୍ପିଟିସନ ବିଭାଗରେ ସ୍ଥାନ ପାଇଥିଲା ଭାରତୀୟ ଚଳଚ୍ଚିତ୍ର 'ଅଲ୍ ଉଇ ଇମେଜିନ୍ ଏଜ୍ ଲାଇଟ୍'। ଦ୍ୱିତୀୟ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଗ୍ରାଣ୍ଡ ପ୍ରିକ୍ସ ପୁରସ୍କାର ଜିତିଥିଲା ପାୟଲ କାପାଡିଆଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର। ୨୦୨୫ରେ କାନ୍ସରେ ଇତିହାସ ସୃଷ୍ଟି କରିଥିଲେ ଭାରତୀୟ ଅଭିନେତ୍ରୀ ଅନୁସୂୟା ସେନଗୁପ୍ତା। ପ୍ରଥମ ଭାରତୀୟ ଭାବେ ଅଭିନୟ ପାଇଁ ପୁରସ୍କୃତ ହୋଇଥିଲେ ଅନୁସୂୟା। ଅନ୍ ସେର୍ଟେନ ରିଗାର୍ଡ ( ବିଶେଷ ଦୃଷ୍ଟି ) ଶ୍ରେଣୀରେ ପ୍ରଦର୍ଶିତ ଚଳଚ୍ଚିତ୍ର 'ଦି ସେମଲେସ୍' ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଥିଲେ ସେନଗୁପ୍ତା। ଭାରତୀୟ ଡକ୍ୟୁମେଂଟାରୀ ଫିଲ୍ମ ମଧ କାନ୍ସରେ ପୁରସ୍କୃତ ହୋଇଛି। ୨୦୨୧ରେ ପାୟଲ କାପାଡିଆଙ୍କ 'ଏ ନାଇଟ୍ ଅଫ୍ ନୋଇଙ୍ଗ୍ ନଥିଂ' ଓ ୨୦୨୨ରେ ସୌନକ ସେନଙ୍କ 'ଅଲ୍ ଦାଟ୍ ବ୍ରିଥ୍ସ' ଶ୍ରେଷ୍ଠ ଡକ୍ୟୁମେଂଟାରୀ ଫିଲ୍ମ ଭାବେ 'ଗୋଲଡେନ୍ ଆଇ' ପୁରସ୍କାର ହାସଲ କରିଥିଲା। ଟେକନିକାଲ ପୁରସ୍କାର ମଧ ହାସଲ କରିଛି ଭାରତ। ସନ୍ତୋଷ ଶିବନଙ୍କ ଭଳି ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ସିନେମାଟୋଗ୍ରାଫର କାନ୍ସରେ ପୁରସ୍କୃତ ହୋଇଛନ୍ତି।

୨୦୧୩ ଭାରତୀୟ ସିନେମାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଭାରତକୁ କାନ୍ସ ଉତ୍ସବରେ 'ଅତିଥି ଦେଶ' ଭାବେ ସମ୍ମାନିତ କରାଯାଇଥିଲା। ୨୦୨୨ କାନ୍ସ ଚଳଚ୍ଚିତ୍ର ଉତ୍ସବରେ ଭାରତ ଥିଲା କଂଟ୍ରି ଅଫ୍ ଅନର୍।

**ଉମା ନଗର ( ଚତୁର୍ଥ ଲେନ୍ )**
**ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮**
**ମୋ-୮୮୪୭୮୪୨୪୨୪**

# 'ସମାଜରେ ଭୟ ପ୍ରଗତିକୁ ବାଧା ଦିଏ'



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଆଜିର ଦ୍ରୁତ ଗତିଶୀଳ ଦୁନିଆରେ, ଏକ ଅଦୃଶ୍ୟ ଶତ୍ରୁ ମାନବଜାତିକୁ କବଳିତ କରିଛି ତାହା ହେଉଛି ଭୟ। ଏହା କେବଳ ଏକ ଭାବନା ନୁହେଁ, ବରଂ ଆଧୁନିକ ଜୀବନର ସବୁଠାରୁ ବଡ଼ ଚାପ ପାଲଟିଛି। ଏହି ଭୟ, ଆମ ଅବଚେତନ ମନରେ ଗଭୀର ଭାବରେ ଲୁଚି ରହିଥାଏ, ଯେତେବେଳେ ଆମେ ଆମର ସମ୍ପତ୍ତି, ପ୍ରତିଷ୍ଠା, ପ୍ରିୟଜନ କିମ୍ବା ନିଜ ଜୀବନ ପ୍ରତି ବିପଦ ଅନୁଭବ କରୁ। ବିଡ଼ମ୍ବନାର ବିଷୟ ହେଉଛି, ବୈଜ୍ଞାନିକ ପ୍ରଗତି ଆମକୁ ଅଗଣିତ ଆରାମ ଏବଂ ସୁବିଧା ଦେଇଛି, କିନ୍ତୁ ଏହା ଅସୁରକ୍ଷାର ଏକ ଗଭୀର ଖାତ ମଧ ଖୋଳି ଦେଇଛି ଯାହା ଉପରେ ସମାଧାନର ପୋଲ କରିବା କ୍ରମଶଃ କଷ୍ଟକର ହେଉଛି। ଜୀବନରେ ମରଣ ଭୟ ମନୁଷ୍ୟକୁ ଆଗକୁ ନେବାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଥାଏ। କଥା ରେ କୁହାଯାଏ ଯେ 'ମରଣ ଭୟ ମୃତ୍ୟୁଠାରୁ ମଧ ଖରାପ।' ଆଜିର ଯନ୍ତ୍ର ଯୁଗରେ ହିଂସା ଏବଂ ଅନିଶ୍ଚିତତା ଏତେ ବୃଦ୍ଧି ପାଇଛି ଯେ ମୃତ୍ୟୁ କେବଳ ଏକ 'ଅଯଥା ମୁହୂର୍ତ୍ତ' ଦୂରରେ ମନେହୁଏ। ଯେତେବେଳେ ଆମେ ପ୍ରାକୃତିକ ବିପର୍ଯ୍ୟୟରେ ଲୋକଙ୍କୁ ହରାଇଥାଉ, ଆମେ ଏହାକୁ 'ଭାଗ୍ୟ' ବୋଲି କହି ନିଜକୁ ସାନ୍ତ୍ୱନା ଦେଉ। କିନ୍ତୁ ଯେତେବେଳେ ନିର୍ଦ୍ଦୋଷ ଲୋକମାନେ ମାନବୀୟ ନିଷ୍ଠୁରତା କିମ୍ବା ଆତଙ୍କବାଦୀ କାର୍ଯ୍ୟର ଶିକାର ହୁଅନ୍ତି, ସେତେବେଳେ ମାନବତା ଉପରେ ଆମର ବିଶ୍ୱାସ ଟଳମଳ ହେବାକୁ ଲାଗେ। ଏହି ଅସୁରକ୍ଷା ଭାବନା ଆମ ଭିତରେ ଏକ ନିରନ୍ତର ଭୟକୁ ଜନ୍ମ ଦିଏ, ଯାହା ଆମକୁ ଭିତରୁ ଖୋଳା କରୁଛି।

ଚିକିତ୍ସା ବିଜ୍ଞାନ ଶାରୀରିକ ରୋଗର ଚିକିତ୍ସା କରିପାରେ, କିନ୍ତୁ ଭୟ ହେଉଛି 'ଆତ୍ମାର ରୋଗ'। ଏହାର ସମାଧାନ ଆଧାତ୍ମିକ ଭାବରେ ନିହିତ। ପ୍ରଥମେ, ଆମକୁ ଆମର ଚିନ୍ତାଧାରାକୁ ବଦଳାଇବାକୁ ପଡ଼ିବ। ଭୟ ଆମକୁ ମାନସିକ ଭାବରେ ପଙ୍ଗୁ କରିଦିଏ। କପୋତର ଉଦାହରଣ ଏହା ବୁଝିବା ପାଇଁ ଉପଯୁକ୍ତ - ଏକ କପୋତ ଯାହା ବିଲେଇ ଆସିବାକୁ ଦେଖି ଭୟରେ ଆଖି ବନ୍ଦ କରିଦିଏ, ନିଜକୁ ସୁରକ୍ଷିତ ମନେ କରେ, କିନ୍ତୁ ବାସ୍ତବରେ, ସେ ନିଜର କ୍ଷୟକ୍ଷତିକୁ ବନ୍ଦ କରିଦିଏ। ଜୀବନର ଚ୍ୟାଲେଞ୍ଜରୁ ଦୂରେଇ ଯିବା କିମ୍ବା ଭୟରେ ଆଖି ବନ୍ଦ କରିଦେବା ସମାଧାନ ନୁହେଁ। ଯଦି ଜଣେ ଛାତ୍ର ଭୟ ଯୋଗୁଁ ପରୀକ୍ଷାକୁ ଏଡାଇ ଦିଏ, ତେବେ ସେ କେବେବି ଆଗକୁ ବଢ଼ିପାରିବ ନାହିଁ। ସେହିପରି, ଜୀବନର ପ୍ରତ୍ୟେକ କଷ୍ଟକର ପରୀକ୍ଷା ଆମକୁ ଅଧିକ ଶକ୍ତିଶାଳୀ ଏବଂ ପରିପକ୍ୱ କରିବା ପାଇଁ ଆସେ। ଆମକୁ ପ୍ରତିକୂଳତାକୁ ସଙ୍କଟ ଅପେକ୍ଷା ଶିଖିବାର ସୁଯୋଗ ଭାବରେ ଦେଖିବା ଆରମ୍ଭ କରିବାକୁ ପଡ଼ିବ। ମୃତ୍ୟୁ ଏକ ଚିରନ୍ତନ ସତ୍ୟ ଏହାକୁ ଆମକୁ ସବୁବେଳେ ମାନି ନେବାକୁ ପଡ଼ିବ। ଭୟର ମୂଳ ହେଉଛି ସବୁଠାରୁ ବଡ଼ ଭ୍ରମ ହେଉଛି ଏହି ନଶ୍ୱର ଶରୀର ସହିତ ନିଜକୁ ଯୋଡ଼ିବା। ଭଗବଦ୍ ଗୀତାର ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହେଉଛି 'ଆମେ ଶରୀର ନୁହେଁ, ବରଂ ଅମର ଆତ୍ମା।' ଯେପରି ଆମେ ପୁରୁଣା ପୋଷାକ ପରିତ୍ୟାଗ କରି ନୂତନ ପୋଷାକ ପିନ୍ଧିଥାଉ, ସେହିପରି ଆତ୍ମା, ଏକ ଭୂମିକା ଗ୍ରହଣ କରିବା ପରେ, ଏହି ଶରୀର ଛାଡି ଏକ ନୂତନ ଯାତ୍ରା ଆରମ୍ଭ କରେ। ମୃତ୍ୟୁ ଶେଷ ନୁହେଁ, ବରଂ କେବଳ ଏକ ପ୍ରସ୍ଥାନ। ଯେତେବେଳେ ଆମେ ଧ୍ୟାନ ଏବଂ ଆତ୍ମ ପ୍ରତିଫଳନ ମାଧ୍ୟମରେ ଏହି ସତ୍ୟକୁ ଅନ୍ତର୍ନିହିତ କରୁ, ମୃତ୍ୟୁର ଭୟ ଧୀରେ ଧୀରେ ଦୂର ହେବା ଆରମ୍ଭ କରେ। ଯେତେବେଳେ ଜଣେ ଆତ୍ମ-ଚେତନାରେ ଅବସ୍ଥିତ ହୁଏ, ସେତେବେଳେ ଜଣେ ଅନୁଭବ କରେ ଯେ ଯାହା 'ଅବିନାଶୀ' ତାହା ଅସ୍ତ୍ର ଦ୍ୱାରା କାଟିପାରିବ ନାହିଁ ଏବଂ ଅଗ୍ନି ଦ୍ୱାରା ପୋଡ଼ିପାରିବ ନାହିଁ। ଭୟ ସିଧାସଳଖ ଆମର କାର୍ଯ୍ୟ ସହିତ ଜଡିତ। ଯଦିଓ ଭୟ ଭବିଷ୍ୟତ ବିଷୟରେ, ଏହାର ମୂଳ ଆମର ଅତୀତ କାର୍ଯ୍ୟରେ ରହିଛି। 'ଯେପରି ବୁଣ, ସେହିପରି ଅମଳ କରିବ' - ଏହା ଏକ ମହାଜାଗତିକ ନିୟମ। ଆମେ ପ୍ରାୟତଃ କିଛି ଲୋକଙ୍କୁ ଅନ୍ଧାର, ପାଣି କିମ୍ବା ଏକାକୀତା ପ୍ରତି ଅହେତୁକ ଭାବରେ ଭୟ କରୁଥିବାର ଦେଖୁ। ଏହି 'ଭୟ'ଗୁଡ଼ିକ ପ୍ରାୟତଃ ଆମର ପୂର୍ବ ଜୀବନ କିମ୍ବା ଏହି ଜୀବନର ତିକ୍ତ ଅଭିଜ୍ଞତା ଏବଂ ଭୁଲର ଫଳାଫଳ। ଆମର ନକାରାତ୍ମକ କାର୍ଯ୍ୟଗୁଡ଼ିକ, ବଡ଼ ହେଉ କି ଛୋଟ, ଭବିଷ୍ୟତ ବିଷୟରେ ଭୟ ସୃଷ୍ଟି କରି ଆମକୁ ଭୟଭୀତ କରେ। ତେଣୁ, ନିର୍ଭୀରତାର ସରଳ ପଥ ହେଉଛି ଏକ ପୁଣ୍ୟ ଏବଂ ପାପମୁକ୍ତ ଜୀବନଯାପନ କରିବା। ଜୀବନରେ ସାହାସ ସଫଳତାର ପ୍ରତୀକ ଓ ସମସ୍ତ କ୍ଷେତ୍ରରେ ପ୍ରେରଣାର ଉତ୍ସ। ଭାରତୀୟ ସଂସ୍କୃତି ଏବଂ ପୌରାଣିକ କାହାଣୀ ସାହସର ଉଲ୍ଲେଖନୀୟ ଉଦାହରଣରେ ପରିପୂର୍ଣ୍ଣ। ସେ ଅଙ୍ଗଦ, ଯିଏ ନିର୍ଭୀକ ଭାବରେ ରାବଣଙ୍କ ଦରବାରରେ ନିଜ ଭୂମିରେ ଠିଆ ହୋଇଥିଲେ, କିମ୍ବା ସିଂହ ଉପରେ ଚଢ଼ି ଶକ୍ତିର ଦେବୀ ଦେବୀ ଦୁର୍ଗା, - ସେମାନେ ସମସ୍ତେ ଆମକୁ ଶିକ୍ଷା ଦିଅନ୍ତି ଯେ ଆନ୍ତରିକ ଶକ୍ତି ମାଧମରେ ଯେକୌଣସି ଆସୁରିକ ଶକ୍ତିକୁ ପରାସ୍ତ କରାଯାଇପାରିବ। ଲୋକମାନ୍ୟ ତିଲକଙ୍କ ପରି ମହାପୁରୁଷ ଏବଂ ଅଗଣିତ ସହିଦ, ଏହି ଆଧାତ୍ମିକ ଶକ୍ତି ପାଇଁ, ସବୁଠାରୁ ଭୟଙ୍କର ପ୍ରତିବନ୍ଧକ ଏବଂ ମୃତ୍ୟୁକୁ ମଧ ହସି ହସି ଆଲିଙ୍ଗନ କରିଥିଲେ। ଭୟକୁ ଦୂର କରିବା ପାଇଁ ଆଚରଣଗତ ପରିବର୍ତ୍ତନ ଏବଂ କାର୍ଯ୍ୟର ଶୁଦ୍ଧିକରଣ ଉଭୟ ଅତ୍ୟାବଶ୍ୟକ। ଯେତେବେଳେ ଆମେ ଶାନ୍ତ ମନରେ ପରିସ୍ଥିତିର ସାମ୍ନା କରିବା ଅଭ୍ୟାସ କରୁ, ସେତେବେଳେ ଆମ ଭିତରେ ସାହସ ଜାଗ୍ରତ ହୁଏ। ଭୟକୁ ପରାସ୍ତ କରିବାର ଏକମାତ୍ର ଉପାୟ ହେଉଛି ଏହାର ସମ୍ମୁଖରେ ଦୃଢ଼ ଭାବରେ ଠିଆ ହେବା ଏବଂ ମନେ ରଖିବା ଯେ ଆମେ ପରମ ପିତା, ପରମ ପୁରୁଷଙ୍କ ସନ୍ତାନ, ଯିଏ ସ୍ୱୟଂ 'ଅଭୟ'। ଯେତେବେଳେ ଆମେ ଶରୀର ପ୍ରତି ଆସକ୍ତିରୁ ଉପରକୁ ଉଠି ଆତ୍ମାର ଅନନ୍ତ ଯାତ୍ରାରେ ବିଶ୍ୱାସ କରିବା ଆରମ୍ଭ କରିବୁ, ଜଗତର କୌଣସି ଭୟ ଆମକୁ ବିଚଳିତ କରିପାରିବ ନାହିଁ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ - ୮୨୪୯୫୦୨୭୭୬**


## ପ୍ରଧାନମନ୍ତ୍ରୀଙ୍କ ପଞ୍ଚରାଷ୍ଟ୍ରୀୟ ଗସ୍ତ ଶେଷ

# ଅର୍ଥନୀତି, ପ୍ରତିରକ୍ଷା ନେଇ ଏକାଧିକ ଚୁକ୍ତିନାମା ସ୍ୱାକ୍ଷରିତ



**ନୂଆଦିଲ୍ଲୀ,୨୧।୫ଃ** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୬ ଦିନିଆ ପଞ୍ଚରାଷ୍ଟ୍ରୀୟ ଗସ୍ତ ଶେଷ କରି ଗୁରୁବାର ସକାଳେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଗସ୍ତ ଅବସରରେ ସଂଯୁକ୍ତ ଆରବ ଏମିରେଟ୍ସ, ନେଦରଲ୍ୟାଣ୍ଡ, ସ୍ୱିଡେନ୍, ନରୱେ ଏବଂ ଇଟାଲୀ ଆଦି ଦେଶଗୁଡ଼ିକ ସହିତ ଭାରତର ଅର୍ଥନୀତି, ପ୍ରତିରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର, ଜଳବାୟୁ ପରିବର୍ତ୍ତନ ଆଦିକୁ ନେଇ ଭାରତ ରଣନୈତିକ ଚୁକ୍ତିନାମା ହୋଇଛି। ୟୁଏଇ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ 'ଷ୍ଟ୍ରାଟେଜିକ୍ ଡିଫେନ୍ସ ପାର୍ଟନରସିପ୍ ଫ୍ରେମୱର୍କ' ସ୍ୱାକ୍ଷରିତ ହୋଇଛି, ଯାହା ସାମରିକ ସମ୍ପର୍କକୁ ଏକ ନୂଆ ଉଚ୍ଚତାକୁ ନେଇଯିବ। ପଶ୍ଚିମ ଏସିଆରେ ଦେଖାଦେଇଥିବା ଶକ୍ତି ସଙ୍କଟ ମଧ୍ୟରେ ୟୁଏଇ ଭାରତର 'ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ' ପାଇଁ ୩ କୋଟି ବ୍ୟାରେଲ ଅଶୋଧିତ ତୈଳ ଏବଂ ଏଲପିଜି ଯୋଗାଣ ପାଇଁ ଚୁକ୍ତି କରିଛି। ଭାରତୀୟ ବଜାରରେ ୟୁଏଇ ୫ ବିଲିୟନ ଡଲାରରୁ ଅଧିକ ଅର୍ଥ ନିବେଶ ପ୍ୟାକେଜ୍ ଘୋଷଣା କରିଛି।

ନେଦରଲ୍ୟାଣ୍ଡ ଗସ୍ତ ସମୟରେ ଭାରତକୁ କୂଟନୀତି ସହ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ବଡ଼ ସଫଳତା ମିଳିଛି। ଡଚ୍ ସରକାର ଭାରତର ଚୋଳ ସାମ୍ରାଜ୍ୟ ସମୟର ଏକ ଐତିହାସିକ କପର୍ ପ୍ଲେଟ୍ସ ଭାରତକୁ ଫେରାଇ ଦେଇଛନ୍ତି। ଭାରତକୁ ଟେକ୍ନୋଲୋଜି ହବ୍ କରିବା ଦିଗରେ ନେଦରଲ୍ୟାଣ୍ଡର ବିଶ୍ୱପ୍ରସିଦ୍ଧ କମ୍ପାନୀ ଏଏସଏମଏଲ ଓ ଭାରତର ଟାଟା ଇଲେକ୍ଟ୍ରୋନିକ୍ସ ମଧ୍ୟରେ ଏକ ବଡ଼ ଚୁକ୍ତି ହୋଇଛି। ସ୍ୱିଡେନରେ ପ୍ରଧାନମନ୍ତ୍ରୀ ଦୁଇ ଦିନିଆ ଗସ୍ତରେ ରହି ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ।



### ମେଲୋନି+ମୋଦି= ମେଲୋଡି

#### ସୋସିଆଲ ମିଡ଼ିଆ ସୁନାମି

ମେଲୋଡି (ମେଲୋନି+ମୋଦି)ନାମରେ ପ୍ରସିଦ୍ଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଇଟାଲୀର ସୁନ୍ଦରୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ଏହି ଯୋଡ଼ିର ନୂଆ ଭିଡ଼ିଓ ଇଣ୍ଟରନେଟରେ ସୁନାମି ଆଣିଛି। ଭିଡିଓଟି ପୋଷ୍ଟ ହେବାକ୍ଷଣି ଭାଇରାଲ ହୋଇଛି ଓ ସୋସିଆଲ ମିଡିଆର ସବୁ ରେକର୍ଡ ଭାଙ୍ଗିଛି। ମାତ୍ର ୩ ଘଣ୍ଟା ଭିତରେ ଏହି ରିଲ୍‌କୁ ୬.୧ କୋଟିରୁ ଅଧିକ ୟୁଜର୍ ଦେଖିସାରିଛନ୍ତି। ୪୦ ଲକ୍ଷରୁ ଅଧିକ ଲୋକ ଲାଇକ୍ କରିଛନ୍ତି ଏବଂ ୧ ଲକ୍ଷ ୮୧ ହଜାରରୁ ଅଧିକ କମେଣ୍ଟ ଆସିଛି। କୌଣସି ବିଶ୍ୱ ନେତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏ ପ୍ରକାର ଟ୍ରାଫିକ୍ ଐତିହାସିକ। ମେଲୋଡି ଓ ମୋଦିଙ୍କ ସାକ୍ଷାତର ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆ ୟୁଜର୍ ଖୁବ୍ ପସନ୍ଦ କରୁଛନ୍ତି। ଦୁଇ ନେତାଙ୍କ ନାଁକୁ ଯୋଡ଼ି ହାଶ୍‌ଟ୍ୟାଗ୍ କରିଛନ୍ତି, ଯାହା ଟପ୍ ଟ୍ରେଣ୍ଡରେ ରହିଛି।




# ସବୁ ମଦ୍ରାସାରେ ବୋଲାଯିବ ବନ୍ଦେ ମାତରମ୍

**କୋଲକାତା,୨୧।୫ଃ** ରାଜ୍ୟର ସମସ୍ତ ମଦ୍ରାସାରେ ଦୈନିକ ପ୍ରାର୍ଥନା ସଭା ସମୟରେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିବା ବାଧ୍ୟତାମୂଳକ ବୋଲି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାରଙ୍କ ପକ୍ଷରୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ଏନେଇ ଏକ ସରକାରୀ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି। ପୂର୍ବରୁ ଏହି ନିୟମ କେବଳ ସାଧାରଣ ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଲାଗୁ ଥିବାବେଳେ, ଏବେ ଏହାକୁ ମଦ୍ରାସା ଗୁଡ଼ିକ ପାଇଁ ମଧ୍ୟ ଲାଗୁ କରାଯାଇଛି। ରାଜ୍ୟର ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ମନ୍ତ୍ରୀ ଖୁଦିରାମ ଟୁଡୁ ଏହି ନିଷ୍ପତ୍ତିକୁ ସ୍ପଷ୍ଟ କରିଛନ୍ତି।

ଏହି ନିଷ୍ପତ୍ତି ପଛର କାରଣ ଦର୍ଶାଇ ମନ୍ତ୍ରୀ ଖୁଦିରାମ ଟୁଡୁ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଏମିତି ଅନେକ ସରକାରୀ ବିଦ୍ୟାଳୟ ଅଛି ଯେଉଁଠାରେ ସାନ୍ତାଳୀ ଭାଷାରେ ପାଠପଢ଼ା ହୁଏ। ଯଦି ସେହି ସବୁ ସ୍କୁଲରେ 'ବନ୍ଦେ ମାତରମ୍' ଗାନ କରିବା ବାଧ୍ୟତାମୂଳକ ହୋଇପାରୁଛି, ତେବେ ରାଜ୍ୟର ସ୍ୱୀକୃତିପ୍ରାପ୍ତ ମଦ୍ରାସାଗୁଡ଼ିକରେ ଏହାକୁ କାହିଁକି ଲାଗୁ କରାଯାଇପାରିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ଚିନ୍ତାଧାରାକୁ ଆଧାର କରି ପଶ୍ଚିମବଙ୍ଗ ମଦ୍ରାସା ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଅଧିକାରିକ ଆଦେଶ ଜାରି କରାଯାଇଛି, ଯାହାଦ୍ୱାରା ସମସ୍ତ ସହାୟତା ପ୍ରାପ୍ତ ମଦ୍ରାସାରେ 'ବନ୍ଦେ ମାତରମ୍' ଗାଇବାକୁ ବାଧ୍ୟତାମୂଳକ କରାଯାଇଛି।

ମଦ୍ରାସା ଶିକ୍ଷା ନିର୍ଦ୍ଦେଶକଙ୍କ ସୂତ୍ରରୁ ଜାରି ହୋଇଥିବା ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ପୂର୍ବରୁ ଜାରି ହୋଇଥିବା ସମସ୍ତ ପୁରୁଣା ଆଦେଶ ଓ ପ୍ରଥାକୁ ରଦ୍ଦ କରାଯାଉଛି। ପଶ୍ଚିମବଙ୍ଗର ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ସରକାରୀ ମଡେଲ ମଦ୍ରାସା, ସ୍ୱୀକୃତିପ୍ରାପ୍ତ ସରକାରୀ ସହାୟତା ପ୍ରାପ୍ତ ମଦ୍ରାସା, ଅନୁମୋଦିତ ମଦ୍ରାସା ଶିକ୍ଷା କେନ୍ଦ୍ର, ଅନୁମୋଦିତ ଶିଶୁ ଶିକ୍ଷା କେନ୍ଦ୍ର ଏବଂ ସମସ୍ତ ସ୍ୱୀକୃତିପ୍ରାପ୍ତ ବେସରକାରୀ ଅଣ-ସହାୟତା ପ୍ରାପ୍ତ ମଦ୍ରାସାରେ ଏହି ନିୟମ ଲାଗୁ ହେବ।

# ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଇବୋଲା ନିର୍ଦ୍ଦେଶାବଳୀ




**ନୂଆଦିଲ୍ଲୀ,୨୧।୫ଃ** ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର କଙ୍ଗୋ ଗଣରାଜ୍ୟରେ ଇବୋଲାକୁ ସଂଗୀନ ସୃଷ୍ଟି ହୋଇଥିବା ବେଳେ ଭାରତ ସରକାର ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଇବୋଲା ପ୍ରଭାବିତ କୌଣସି ଦେଶରୁ ଯଦି କେହି ଆସୁଥାଏ କିମ୍ବା ଇବୋଲା ବ୍ୟାପିଥିବା ରାଷ୍ଟ୍ରକୁ କେହି ବୁଲିବା ଲାଗି ଯାଇଥାଏ ତା'ହେଲେ ସେହି ଯାତ୍ରୀମାନଙ୍କର ରିପୋର୍ଟ ତୁରନ୍ତ ବିମାନବନ୍ଦରକୁ ଦେବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ ଦ୍ୱାରା ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏଥିରେ କଙ୍ଗୋ ଗଣରାଜ୍ୟ, ଉଗାଣ୍ଡା, ଦକ୍ଷିଣ ସୁଦାନା ଆଦିକୁ ଇବୋଲା ଭାଇରସ୍ ବ୍ୟାଧି ପାଇଁ ଅଧିକ ବିପଦପୂର୍ଣ୍ଣ ଦେଶ ଭାବରେ ଚିହ୍ନଟ କରାଯାଇଛି। ଜ୍ୱର କିମ୍ବା ଅନ୍ୟ ଲକ୍ଷଣ ଥିଲେ ଯାତ୍ରୀଙ୍କୁ ଏୟାରପୋର୍ଟ ହେଲଥ ଡେସ୍କରେ ତୁରନ୍ତ ସୂଚନା ଦେବାକୁ କୁହାଯାଇଛି। ଏହା ସହ ଭାରତରେ ପହଞ୍ଚିବା ପରେ ୨୧ ଦିନ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋ, ୟୁଗାଣ୍ଡା, ଏବଂ ଦକ୍ଷିଣ ସୁଡାନକୁ ହାଇ-ରିସ୍କ ଦେଶ ଭାବେ ଘୋଷଣା କରିଛି। ଏହି ଦେଶରୁ ଆସୁଥିବା ଯାତ୍ରୀଙ୍କୁ ଏବେ ନିଜ ସ୍ୱାସ୍ଥ୍ୟ ଉପରେ ନଜର ରଖିବାକୁ ହେବ। ଦିଲ୍ଲୀ ଏୟାରପୋର୍ଟରେ ଏସମ୍ପର୍କରେ ସୂଚନା ଦିଆଯାଇଛି। ଯେକୌଣସି ଯାତ୍ରୀଙ୍କର ଜ୍ୱର ହୋଇଥିବ, ଦୁର୍ବଳ ଲାଗୁଥିବ କିମ୍ବା ଥକ୍କା ଲାଗିବା ସହ ମୁଣ୍ଡ ବିନ୍ଧୁଥିବ ତେବେ ସେମାନେ ଏୟାରପୋର୍ଟ ହେଲଥ ଡେସ୍କରେ ତୁରନ୍ତ ସୂଚନା ଦେବେ। ବାନ୍ତି ଲାଗିବା ସହ ରକ୍ତସ୍ରାବ ମଧ୍ୟ ଇବୋଲାର ଲକ୍ଷଣ। ଖାଲି ସେତିକି ନୁହେଁ ଯଦି କୌଣସି ଯାତ୍ରୀ ସନ୍ଦିଗ୍ଧ ରୋଗୀଙ୍କ ସହ ସମ୍ପର୍କରେ ଆସିଥିବେ ତାହେଲେ ମଧ୍ୟ ଜଣାଇବେ। ଭାରତ ଆସିବର ୨୧ ଦିନ ମଧ୍ୟରେ ଯଦି କୌଣସି ଲକ୍ଷଣ ଦେଖାଯାଉଛି ତେବେ ତୁରନ୍ତ ଡାକ୍ତରଙ୍କ ପାଖକୁ ଯାଇ ଚିକିତ୍ସା କରାଇବେ। ନିଜ ସୁରକ୍ଷା ଏବଂ ଅନ୍ତରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନିୟମକୁ ପାଳନ କରିବା ପାଇଁ ଏୟାରପୋର୍ଟରେ ହେଉଥିବା ଚେକିଂରେ ସହଯୋଗ କରିବା ପାଇଁ ଯାତ୍ରୀଙ୍କୁ ଅପିଲ୍ କରାଯାଇଛି।

# ପୁଲୱାମା ମାଷ୍ଟରମାଇଣ୍ଡକୁ ଗୁଳିକରି ହତ୍ୟା



**ନୂଆଦିଲ୍ଲୀ,୨୧।୫ଃ** ୨୦୧୯ ପୁଲୱାମା ଆତଙ୍କବାଦୀ ଆକ୍ରମଣର ମାଷ୍ଟର ମାଇଣ୍ଡ ହମଜା ବୁରହାନକୁ ପାକିସ୍ତାନରେ ଅଜଣା ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛି। ପାକିସ୍ତାନ ଅଧିକୃତ କାଶ୍ମୀର ମୁଜାଫରାବାଦରେ ଆତଙ୍କବାଦୀ ହମଜାକୁ ଗୁଳି କରି ହତ୍ୟା କରାଯାଇଥିବା ସୂଚନା ମିଳିଛି। ମିଳିଥିବା ରିପୋର୍ଟ ଅନୁସାରେ, ଅଜଣା ବନ୍ଧୁକଧାରୀ ହମଦାକୁ ଟାର୍ଗେଟ୍ କରି ଗୁଳିମାଡ଼ କରିଥିଲା। ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଯାଇଥିବା କୁହାଯାଉଛି। ରିପୋର୍ଟ ଅନୁସାରେ, ହମ୍‌ଜା ବୁରହାନ ଦୀର୍ଘଦିନ ଧରି ପାକିସ୍ତାନ ଏବଂ ପିଓକେରେ ସକ୍ରିୟ ଥିଲା। ତାକୁ ୨୦୧୯ ପୁଲୱାମା ଆତଙ୍କବାଦୀ ଆକ୍ରମଣର ଜଣେ ମାଷ୍ଟରମାଇଣ୍ଡ ବୋଲି ଭାରତ କହିଥିଲା। ମାମଲାରେ ତଦନ୍ତ କରିବା ପରେ ଭାରତ ସରକାର ୨୦୨୨ ମସିହାରେ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ଅନୁଯାୟୀ ହମଜା ବୁରହାନକୁ ଆତଙ୍କବାଦୀ ଘୋଷଣା କରିଥିଲେ। ସୂଚନା ଥାଉକି ୧୦୧୯ରେ ହୋଇଥିବା ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଭାରତର ୪୦ ଜଣ ସୈନିକ ସହିଦ ହୋଇଥିଲେ। ଯାହାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ି ଯାଇଥିଲା। ସରକାରଙ୍କ ସୂଚନା ଅନୁଯାୟୀ, ପୁଲୱାମାର ରତ୍ନିପୋରା ଅଞ୍ଚଳର ବାସିନ୍ଦା ଅର୍ଜୁମନ୍ଦ ଗୁଲଜାର ଦାର, ଓରଫ ହମଜା ବୁରହାନ, ଓରଫ ଡାକ୍ତର ପୁଲୱାମାଆ ଆକ୍ରମଣରେ ସାମିଲ୍ ଥିଲା।। ୨୩ ବର୍ଷୀୟ ଏହି ଅପରାଧି ଆତଙ୍କବାଦୀ ସଂଗଠନ ଅଲ-ବଦର ସହିତ ଜଡିତ ଥିଲା। ସରକାରୀ ତଥ୍ୟ କହୁଛି ଯେ ବୁରହାନ ଆଇନଗତ ଭାବରେ ପାକିସ୍ତାନ ଯାଇଥିଲା। ସେଠାରେ ସେ ଅଲ୍ ବଦରରେ ଯୋଗ ଦେଇଥିଲା। ପରେ ସକ୍ରିୟ ଆତଙ୍କବାଦରେ ସାମିଲ ହୋଇଛି ସଂଗଠନର କମାଣ୍ଡର ହୋଇଥିଲା। ପାକିସ୍ତାନରେ ଟ୍ରେନିଂ ପାଇ ଫେରିବା ପରେ ସେ କାଶ୍ମୀରକୁ ଫେରି ଆସି ଯୁବକମାନଙ୍କୁ ମୌଳବାଦୀ କରିବା ଏବଂ ସଂଗଠନରେ ସାମିଲ କରାଉଥିଲା। ଦକ୍ଷିଣ କାଶ୍ମୀରରେ, ବୁରହାନ ପୁଲୱାମାରୁ ଶୋପିଆନ ପର୍ଯ୍ୟନ୍ତ ତାର ନେଟୱାର୍କ ବିସ୍ତାର କରିଥିଲା। ସେ ବର୍ତ୍ତମାନ ପାକିସ୍ତାନରୁ କାର୍ଯ୍ୟ ପରିଚାଳନା କରୁଥିଲା। ହମଜା ଯୁବକମାନଙ୍କୁ ଅଲ୍ ବଦରରେ ଯୋଗଦେବା ପାଇଁ ପ୍ରୋତ୍ସାହିତ କରିବା ଏବଂ ସଂଗଠନର ଆତଙ୍କବାଦୀ କାର୍ଯ୍ୟକଳାପକୁ ପାଣ୍ଠି ଯୋଗାଇବା ଆଦି କାମ କରୁଥିଲା ବୋଲି ଅଭିଯୋଗ ରହିଛି।

# ଚନ୍ଦ୍ର ଗୋଟେ ଦୁଇ ପରସ୍ତିଆ କେକ୍



**ନୂଆଦିଲ୍ଲୀ,୨୧।୫ଃ** ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ) ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛି। ଚନ୍ଦ୍ରଯାନ-୩ ମିଶନର ପ୍ରୟୋଗରୁ ଜଣାପଡ଼ିଛି, ଚନ୍ଦ୍ରର ପୃଷ୍ଠ ଏକ ସମାନ ଧୂଳିପୂର୍ଣ୍ଣ ପୃଷ୍ଠ ନୁହେଁ। ଏହା ଦୁଇ ଭିନ୍ନ ଭିନ୍ନ ପରସ୍ତଯୁକ୍ତ କେକ୍ ଭଳି ସଂରଚନାଯୁକ୍ତ। ଉପର ପରସ୍ତ କେବଳ କିଛି ସେଣ୍ଟିମିଟର ମୋଟା, ଅନ୍ୟପକ୍ଷେ ନିମ୍ନ ପରସ୍ତ ଅଧିକ ଶକ୍ତ ଓ ଘନ। ଇସ୍ରୋ ଏହାକୁ ସରଳ ଭାଷାରେ ବୁଝାଇ କହିଛି, ଯଦି ଜଣେ ମହାକାଶ ଯାତ୍ରୀ ଚନ୍ଦ୍ରରେ ଚାଲିବେ ତେବେ ଉପର ପୃଷ୍ଠ ଶୁଖିଲା ଅଟା ଭଳି ଲାଗିବ। କିଛି ସେମି ତଳେ ଆର୍ଦ୍ର ଓ କଠିନ ମାଟି ଭଳି ଦୃଶ୍ୟ ମିଳିବ। ଚନ୍ଦ୍ର ପୃଷ୍ଠର ଦୁଇଟି ପରସ୍ତକୁ ବୁଝିବା ଭବିଷ୍ୟତ ଚନ୍ଦ୍ର ମିଶନ ପାଇଁ ଅତ୍ୟନ୍ତ ଜରୁରି। ଇସ୍ରୋ ଅନୁସାରେ, ଏହି ତଥ୍ୟ ଖାସ୍‌କରି ଚନ୍ଦ୍ରର ଦକ୍ଷିଣ ମେରୁ କ୍ଷେତ୍ରରେ ଅବତରଣ, ରୋଭର ଚାଳନା ଏବଂ ଭବିଷ୍ୟତରେ ବୈଜ୍ଞାନିକ ବେସ ନିର୍ମାଣ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ।

# ସ୍କୁଲ ଓ ହସ୍ପିଟାଲ୍ କୁକୁର ଷ୍ଟ୍ରୀଟ୍ ଡଗ୍ ନୁହନ୍ତି



**ନୂଆଦିଲ୍ଲୀ,୨୧।୫ଃ** ଦେଶରେ ବୁଲା କୁକୁରଙ୍କ ବଂଶବୃଦ୍ଧି ଏବଂ ସେମାନଙ୍କ ଦ୍ୱାରା ହେଉଥିବା ବିପଦକୁ ନେଇ ଚାଲିଥିବା ବିବାଦ ମଧ୍ୟରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତଥା ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି। ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସ୍କୁଲ, କଲେଜ, ହସ୍ପିଟାଲ, ଖେଳ ପଡ଼ିଆ, ଏୟାରପୋର୍ଟ, ବସ୍ ଷ୍ଟାଣ୍ଡ ଏବଂ ରେଳ ଷ୍ଟେସନ ଭଳି ସଂସ୍ଥାଗତ ତଥା ସୀମିତ ପ୍ରବେଶ ଅନୁମତି ଥିବା ପରିସର ଭିତରେ ମିଳୁଥିବା କୁକୁରମାନଙ୍କୁ 'ଷ୍ଟ୍ରୀଟ୍ ଡଗ୍' କିମ୍ବା କମ୍ୟୁନିଟି ଡଗ୍ ବୋଲି ବିବେଚନା କରାଯାଇପାରିବ ନାହିଁ। ଏହା ସହିତ ଏହି ସମ୍ବେଦନଶୀଳ ସ୍ଥାନଗୁଡ଼ିକରୁ କୁକୁରମାନଙ୍କୁ ଧରି ବନ୍ଧ୍ୟାକରଣ ଏବଂ ଟୀକାକରଣ କରିବା ପରେ, ସେମାନଙ୍କୁ ପୁଣି ସେହି ପରିସର ଭିତରକୁ ଛାଡ଼ିବା ପାଇଁ କୌଣସି ପଶୁ କଲ୍ୟାଣ ସଂଗଠନ ଆଇନଗତ ଦାବି କରିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି।

କେତେକ ପଶୁ କଲ୍ୟାଣ ସଂଗଠନ ଏବଂ ସାମାଜିକ କର୍ମୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, 'ଏନିମଲ ବାର୍ଥ କଣ୍ଟ୍ରୋଲ' ରୁଲ୍ସ, ୨୦୨୩ର ନିୟମ ୧୧ (୧୯) ଅନୁଯାୟୀ, କୁକୁରମାନଙ୍କୁ ଯେଉଁ ଅଞ୍ଚଳରୁ ଧରାଯିବ, ନସବନ୍ଦୀ ଓ ଟୀକାକରଣ ପରେ ପୁନର୍ବାର ସେହି ସ୍ଥାନରେ ହିଁ ଛାଡ଼ିବା ବାଧ୍ୟତାମୂଳକ। ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଏହି ନିୟମର ମୂଳ ଭାବନା ବିରୋଧୀ ବୋଲି ସେମାନେ ଦର୍ଶାଇଥିଲେ।

# ଅଭିଷେକ ବାନାର୍ଜୀଙ୍କୁ ହାଇକୋର୍ଟ ଆଶ୍ୱସ୍ତି



**କଲିକତା,୨୧।୫ଃ** ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନାର୍ଜୀଙ୍କୁ କଲିକତା ହାଇକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ନିର୍ବାଚନ ରାଲିରେ ଦେଇଥିବା କଥିତ ବିବାଦୀୟ ମନ୍ତବ୍ୟ ମାମଲାରେ ହାଇକୋର୍ଟ ଗୁରୁବାର (୨୧ ମଇ) ଅଭିଷେକଙ୍କୁ ସୁରକ୍ଷା ପ୍ରଦାନ କରିଛନ୍ତି। ଏହି ମାମଲାରେ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଜୁଲାଇ ୩୧ ପର୍ଯ୍ୟନ୍ତ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଅଦାଲତ ପଶ୍ଚିମବଙ୍ଗ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ହାଇକୋର୍ଟ କହିଛନ୍ତି ଯେ, ଏହି ସୁରକ୍ଷା ଜୁଲାଇ ୩୧ କିମ୍ବା ମାମଲାର ଚୂଡ଼ାନ୍ତ ସମାଧାନ ହେବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହା ସହିତ ଆବେଦନକାରୀ (ଅଭିଷେକ ବାନାର୍ଜୀ) ପୂର୍ବ ଅନୁମତି ବିନା କୁଆଡ଼େ ଯାତ୍ରା କରିପାରିବେ ନାହିଁ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଗତ ସପ୍ତାହରେ ପଶ୍ଚିମବଙ୍ଗର ବିଧାନନଗର ସାଇବର କ୍ରାଇମ ପୋଲିସ ଷ୍ଟେସନରେ ଅଭିଷେକ ବାନାର୍ଜୀଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ ହୋଇଥିଲା। ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ସେ ଉତ୍ତେଜନାପୂର୍ଣ୍ଣ ଏବଂ ବିବାଦୀୟ ଭାଷଣ ଦେଇଥିବା ନେଇ ଏହି ମାମଲା ଦାୟର କରାଯାଇଥିଲା।

# ପାସପୋର୍ଟରୁ ପ୍ରତିଷ୍ଠାତାଙ୍କ ସମାଧି ଚିତ୍ର ହଟାଇବ ବାଂଲାଦେଶ

**ଢାକା,୨୧।୫ଃ** ବାଂଲାଦେଶର ପାସପୋର୍ଟରେ ଇସ୍ରାଏଲ ବ୍ୟତୀତ ବା ଏକ୍ସସେପ୍ଟ ଇସ୍ରାଏଲ ବାକ୍ୟାଂଶ ପୁଣିଥରେ ଫେରିବାକୁ ଯାଉଛି। ଶେଖ ହାସିନାଙ୍କ କାର୍ଯ୍ୟକାଳରେ ବାଂଲାଦେଶୀ ପାସପୋର୍ଟରେ ଏହାକୁ ଛାପିବା ବନ୍ଦ କରି ଦିଆଯାଇଥିଲା। ଯଦିଓ ସେତେବେଳେ ବାଂଲାଦେଶୀ ପାସପୋର୍ଟ ଇସ୍ରାଏଲର ଏଭଳି ବ୍ୟବହାର ଉପରେ କଟକଣା ଜାରି କରିଥିଲା। ଏବେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି)ର ନେତୃତ୍ୱାଧୀନ ସରକାର ଏହାକୁ ପୁଣିଥରେ ସାମିଲ କରିବା କରିବା ଦିଗରେ ଆଗକୁ ବଢୁଛି। ଏହାଛଡା ଧନମଣ୍ଡି ୩୨, ବଙ୍ଗବନ୍ଧୁଙ୍କ ସମାଧିସ୍ଥଳକୁ ପାସପୋର୍ଟରୁ ହଟାଇ ଦିଆଯିବ। ବାଂଲାଦେଶ ବ୍ୟତୀତ ପାକିସ୍ତାନୀ ପାସପୋର୍ଟରେ ମଧ୍ୟ ଏକ୍ସସେପ୍ଟ ଇସ୍ରାଏଲ ଥିବା ସର୍ତ୍ତ ଛପା ହୋଇଥାଏ। ଏହାଛଡା ନୂଆ ସରକାର ପାସପୋର୍ଟରେ ବ୍ୟାପକ ପରିବର୍ତ୍ତନ କରି ଆବାମୀ ଲିଗ୍ ସମ୍ପର୍କିତ ସବୁ ପ୍ରତୀକକୁ ମଧ୍ୟ ଶେଷ କରିବାକୁ ଚାହେଁ, ଯେଉଁଥିରେ ବଙ୍ଗବନ୍ଧୁ ଓ ତାଙ୍କ ସହ ଜଡିତ ଐତିହାସିକ ସମାଧିସ୍ଥଳର ଛବି ରହିଛି। ବାଂଲାଦେଶୀ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଅଧିକାରୀମାନେ କହିଛନ୍ତି ଏଭଳି ପଦକ୍ଷେପର ଉଦ୍ଦେଶ୍ୟ ବାଂଲାଦେଶର ବିଦେଶ ନୀତି, ଜନଭାବନା ଓ ପାଲେଷ୍ଟାନୀୟ ପ୍ରସଙ୍ଗ ଉପରେ ଦେଶରେ ଦୀର୍ଘ ସମୟ ଧରି ଚାଲିଥିବା ଆଭିମୁଖ୍ୟର ଅନୁରୂପ ଚାଲିବା। ଏହା ପୂର୍ବରୁ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳ ବେଳେ ଗତ ବର୍ଷ ୭ ଏପ୍ରିଲରେ ଗୃହମନ୍ତ୍ରଣାଳୟ ଏକ ପତ୍ର ଜାରି କରି ଏକ୍ସସେପ୍ଟ ଇସ୍ରାଏଲ ବାକ୍ୟାଶଂକୁ ପୁଣିଥିରେ ସାମିଲ କରିବାକୁ ପଦକ୍ଷେପ ଗ୍ରହଣ କରିବାର ନିର୍ଦ୍ଦେଶ ଦେଇଛି।

## ସୈନ୍ୟ ଶକ୍ତି ସୀମିତ ବିଲ୍ ଆମେରିକା ସଂସଦରେ ଗୃହୀତ

# ଆମେରିକୀୟ ଚାହାନ୍ତି, ଯୁଦ୍ଧ ବନ୍ଦ ହେଉ

**ୱାଶିଂଟନ ଡିସି,୨୧।୫ଃ** ଆମେରିକୀୟ ସଂସଦରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଝଟକା। ଟ୍ରମ୍ପଙ୍କ ସୈନ୍ୟ ଶକ୍ତିକୁ ସୀମିତ କରିବା ଲାଗି ଉଦ୍ଦିଷ୍ଟ ଏକ ପ୍ରସ୍ତାବ ସଂସଦରେ ଗୃହୀତ ହୋଇଛି। ଏ ନେଇ ହୋଇଥିବା ଭୋଟିଂରେ ରିପବ୍ଲିକାନ୍ ପାର୍ଟିର ୪ ଜଣ ସାଂସଦ ବି ଡେମୋକ୍ରାଟଙ୍କ ସାଥ୍ ଦେଇଛନ୍ତି। ଆଉ ୩ ରିପବ୍ଲିକାନ୍ ସାଂସଦ ଭୋଟିଂରେ ସାମିଲ ନ ହୋଇ ପରୋକ୍ଷରେ ଟ୍ରମ୍ପଙ୍କୁ ବିରୋଧ କରିଛନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଯୁଦ୍ଧ ବନ୍ଦ ହେଉ ବୋଲି ଆମେରିକା ଚାହୁଁଛି।

ଆମେରିକୀୟ ସଂସଦରେ ୫୦-୪୭ ଅନୁପାତରେ ପ୍ରସ୍ତାବଟି ପାସ୍ ହୋଇଛି। ଏହା ଆଇନରେ ପରିଣତ ହେବା ପାଇଁ ଆଉ କିଛି ପର୍ଯ୍ୟାୟ ଦେଇ ଯିବାକୁ ପଡ଼ିବ। ଯଦି ପ୍ରସ୍ତାବଟି ଆଇନରେ ପରିଣତ ହୁଏ, ତେବେ ଟ୍ରମ୍ପ୍ ସରକାରକୁ ଇରାନ ବିରୋଧରେ ଯୁଦ୍ଧ ଜାରି ରଖିବା ସକାଶେ କଂଗ୍ରେସର ମଞ୍ଜୁରି ନେବାକୁ ପଡ଼ିବ। ଏବେ ସିନେଟରେ ଏହା ଉପରେ ଅନ୍ତିମ ଭୋଟିଂ ବାକି ରହିଛି। ଏହାପରେ ଏହାକୁ ରିପବ୍ଲିକାନ ବହୁମତ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭସର ମଞ୍ଜୁରି ନେବାକୁ ହେବ। ଏତିକିରେ କଥା ଶେଷ ହେବନାହିଁ। ଏହାପରେ ବି ଟ୍ରମ୍ପ୍ ଏହା ବିରୋଧରେ ନିଜ ଭିଟୋ କ୍ଷମତା ଉପଯୋଗ କରିପାରନ୍ତି। ଏହାପରେ ସେହି ଭିଟୋକୁ ରଦ୍ଦ କରିବା ସକାଶେ ସିନେଟ୍ ଏବଂ ହାଉସ୍‌ର ଦୁଇ ତୃତୀୟାଂଶ ବହୁମତ ଆବଶ୍ୟକ ପଡ଼ିବ।

ଆମେରିକାରେ ପ୍ରଚଳିତ ଆଇନ ଅନୁସାରେ, ରାଷ୍ଟ୍ରପତି ସଂସଦର ମଞ୍ଜୁରି ନନେଇ କେବଳ ୬୦ ଦିନ ପର୍ଯ୍ୟନ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହାପରେ ଯୁଦ୍ଧ ଶେଷ କରିବାକୁ ହେବ କିମ୍ବା ଏହାକୁ ଆଗକୁ ବଢ଼ାଇବା ଲାଗି କଂଗ୍ରେସ (ସଂସଦ)ର ଅନୁମତି ନେବାକୁ ପଡ଼ିବ ଅଥବା ସେନାର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ୩୦ ଦିନର ଅତିରିକ୍ତ ମହଲତ ଲୋଡ଼ିବାକୁ ହେବ।

### ଟ୍ରମ୍ପ-ନେତାନ୍ୟାହୁ ମତପାର୍ଥକ୍ୟ



**ନୂଆଦିଲ୍ଲୀ, ୨୧।୫ଃ** ଇରାନକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା କିଛି ଆମେରିକୀୟ ଗଣମାଧ୍ୟମ ରିପୋର୍ଟ କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦୁଇ ନେତାଙ୍କ ମଧ୍ୟରେ ରଣନୀତିରେ ମତପାର୍ଥକ୍ୟ ସୃଷ୍ଟି ହୋଇଛି। ଆମେରିକା ଆଲୋଚନା ଏବଂ ଆପୋଷ ବୁଝାମଣାକୁ ପସନ୍ଦ କରୁଥିବା ବେଳେ, ଇସ୍ରାଏଲ ଇରାନ ଉପରେ ପୁଣି ସାମରିକ ଆକ୍ରମଣ କରିବାକୁ ଇଚ୍ଛା କରୁଛି। ମାର୍କିନ୍ ଗଣମାଧ୍ୟମ ଆକ୍ସିଓସ୍ ରିପୋର୍ଟ କରିଛି ଯେ, ମଙ୍ଗଳବାର ଟ୍ରମ୍ପଙ୍କ ସହ ଫୋନ୍ କଲ୍ ପରେ ନେତାନ୍ୟାହୁ ଅତ୍ୟନ୍ତ କ୍ରୋଧିତ ହୋଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ଟ୍ରମ୍ପଙ୍କ ଉପରେ ଚାପ ପକାଇ ଇରାନର ସାମରିକ କ୍ଷମତାକୁ ଦୁର୍ବଳ କରିବା ଏବଂ ଏହାର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ନଷ୍ଟ କରିବା ପାଇଁ ଆକ୍ରମଣ କରିବାକୁ ଚାହୁଁଛନ୍ତି।

## ଅନ୍ତର୍ଜାତୀୟ ଚା ଦିବସ

# ଚା'ର ଚମକ, କପେ ଚା'ରୁ ଆରମ୍ଭ ହୁଏ ଦିନ



**ନୂଆଦିଲ୍ଲୀ,୨୧।୫ଃ** ବିଶ୍ୱର ସବୁଠାରୁ ଲୋକପ୍ରିୟ ପାନୀୟ ହୋଉଛି ଚା'। ଅଧିକାଂଶ ଲୋକଙ୍କର ସକାଳ କପେ ଚା'ରୁ ହିଁ ଆରମ୍ଭ ହୁଏ। ଚା'ର ଲୋକପ୍ରିୟତା ବଢ଼ିବା ଦେଖି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନ ହିଁ ପ୍ରଥମେ 'ଅନ୍ତର୍ଜାତୀୟ ଚା' ଦିବସ' ପାଳନର ନିଷ୍ପତ୍ତି ନେଇଥିଲା। ୨୦୦୫ରେ ଡିସେମ୍ବର ୧୫ ତାରିଖରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ଚା' ଦିବସ'ପାଳନ କରାଯାଇଥିଲା। କିନ୍ତୁ ମେ' ୨୧କୁ 'ଅନ୍ତର୍ଜାତୀୟ ଚା' ଦିବସ' ଭାବେ ପାଳନ କରାଯାଉ ବୋଲି ଭାରତ ଜାତିସଂଘରେ ପ୍ରସ୍ତାବ ରଖିଥିଲା।

୨୦୧୯ ମସିହାରୁ ଏହାକୁ ମେ' ୨୧ ତାରିଖରେ ପାଳନ କରିବା ପାଇଁ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନର ସମ୍ମିଳନୀରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାରଣ ମେ' ମାସରେ ବିଶ୍ୱର ଅଧିକାଂଶ ଦେଶରେ ଚା' ଅମଳ କରାଯାଏ। ଭାରତ ସମେତ ଶ୍ରୀଲଙ୍କା, ଚୀନ୍, ଜାପାନ୍, ଇଣ୍ଡୋନେସିଆ, ନେପାଳ, ବାଂଲାଦେଶ ପ୍ରମୁଖ ଦେଶ କୋଟି କୋଟି ଟଙ୍କାର ଚା' ବ୍ୟବସାୟ କରିଥାନ୍ତି। ଭାରତର ଆସାମ ଓ ଦାର୍ଜିଲିଂ ଚା' ସାରା ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି। ଆଜିକାଲି ଲୋକମାନେ ବିଭିନ୍ନ ପ୍ରକାରର ଚା'ର ମଜା ନିଅନ୍ତି। ଯେପରିକି ଗ୍ରୀନ ଟି', ବ୍ଲାକ ଟି', ଲେମନ ଟି', ହ୍ୱାଇଟ୍ ଟି', ପିଙ୍କ୍ ଟି'। ସ୍ୱାଦ ବ୍ୟତୀତ ଲୋକମାନେ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବିଭିନ୍ନ ପ୍ରକାରର ଚା'ର ମଜା ନିଅନ୍ତି।

ଚା'ର ଇତିହାସ ପ୍ରାୟ ପାଞ୍ଚ ହଜାର ବର୍ଷ ପୁରୁଣା ବୋଲି ବିଶ୍ୱାସ କରାଯାଏ। ଏହା ଚୀନ୍ରୁ ଆରମ୍ଭ ହୋଇଥିଲା। କିମ୍ବଦନ୍ତୀ ଅନୁସାରେ ଚୀନ୍ର ସମ୍ରାଟ ସେନ୍ ନୁଙ୍ଗ୍ ଥରେ ତାଙ୍କ ସୈନ୍ୟମାନଙ୍କ ସହିତ ଏକ ଗଛ ତଳେ ବସି ପାଣି ଫୁଟାଉଥିଲେ। ପବନରେ କିଛି ଚା' ପତ୍ର ଫୁଟୁଥିବା ପାଣିରେ ପଡିଥିଲା। କିଛି ସମୟ ପରେ, ପାଣିର ରଙ୍ଗ ବଦଳିଗଲା ଏବଂ ସୁଗନ୍ଧ ଆସିବା ଆରମ୍ଭ କଲା। ଯେତେବେଳେ ସମ୍ରାଟ ଚା' ପିଇଲେ, ସେ ଏହାର ସ୍ୱାଦରେ ଆନନ୍ଦିତ ହେଲେ। ଏହି ଘଟଣାକୁ ଚା ଆବିଷ୍କାରର ଆରମ୍ଭ ବୋଲି ବିବେଚନା କରାଯାଏ।

# ରାଘବ ଚଢ଼ାଙ୍କୁ ହାଇକୋର୍ଟ ଛାଟ



**ନୂଆଦିଲ୍ଲୀ, ୨୧।୫ଃ** ବିଜେପି ସାଂସଦ ରାଘବ ଚଢ଼ାଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ଝଟକା। ପର୍ସିନାଲିଟି ରାଇଟ୍ସ ଶୁଣାଣି ମାମଲାରେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଦେବାକୁ ମନା କରି ଦେଇଛନ୍ତି। କୋର୍ଟ ସ୍ପଷ୍ଟଭାବେ କହିଛନ୍ତି ଯେ, ରାଜନୈତିକ ବ୍ୟକ୍ତିଙ୍କ ଉପରେ ମନ୍ତବ୍ୟ, ବ୍ୟଙ୍ଗ କିମ୍ବା ସମାଲୋଚନା ଗଣତନ୍ତ୍ରଣର ଏକ ଅବିଚ୍ଛେଦ୍ୟ ଅଂଶ। ଜନତାମାନେ ନେତାଙ୍କୁ ସମାଲୋଚନା କରିପାରିବେ। କାହାକୁ ପସନ୍ଦ ନୁହେଁ ବା ଅସୁବିଧାରେ ପକାଇଲେ ଏହାକୁ ବନ୍ଦ କରାଯାଇପାରିବ ନାହିଁ। ରାଘବ ଆପ୍ ଛାଡ଼ି ବିଜେପିରେ ଯୋଗ ଦେବା ଦିନରୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଛି। ତାଙ୍କର ଫଟୋକୁ ବ୍ୟଙ୍ଗାତ୍ମକ ଢ଼ଙ୍ଗରେ ପ୍ରକାଶ କରାଯାଉଥିବାବେଳେ ଟ୍ରୋଲ ମଧ୍ୟ କରାଯାଉଛି। ଏହାକୁ ନେଇ ସେ ହାଇକୋର୍ଟରେ ପହଞ୍ଚିଥିଲେ। ସେ ଅଭିଯୋଗ କରିଥିଲେ ଯେ, ତାଙ୍କ ଫଟୋ, ନାମ ଏବଂ ପରିଚୟର ଅପବ୍ୟବହାର କରାଯାଉଛି। ଏହାଦ୍ୱାରା ତାଙ୍କର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହେଉଛି। ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ, ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତିର ସମାଲୋଚନା ହେବା ସ୍ୱାଭାବିକ।

# ଗୁଇନ୍ଦା ସୂଚନା ସଂଗ୍ରହକୁ ସୁଦୃଢ଼ କରୁଛି ରେଳବାଇ



ନୂଆଦିଲ୍ଲୀ, ୨୧।୫: ରେଳ, ଯାତ୍ରୀ, ଷ୍ଟେସନ ପରିସର ଏବଂ ବିସ୍ତୃତ ରେଳ ନେଟୱାର୍କର ସୁରକ୍ଷାକୁ ସଶକ୍ତ କରିବା ଲକ୍ଷ୍ୟରେ ଭାରତୀୟ ରେଳ ବିଭାଗ କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଡ୍ରୋନ, ସିସିଟିଭି ଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ବହୁଳ ବ୍ୟବହାର କରୁଛି। ରେଳବାଇ ସୁରକ୍ଷା ବଳର ବିଟ୍ ସ୍ତରରେ ଗୁଇନ୍ଦା ସୂଚନା ସଂଗ୍ରହ ବ୍ୟବସ୍ଥାକୁ ସୁଦୃଢ଼ କରି ଏହାକୁ ଏକ ମିଶନ ମୋଡ୍ରେ କାର୍ଯ୍ୟକାରୀ କରାଯାଉଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଆଜି ନୂଆଦିଲ୍ଲୀର ରେଳ ଭବନଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ରେଳମନ୍ତ୍ରୀ ବିଭିନ୍ନ ସମୟରେ ଅସାମାଜିକ ତତ୍ତ୍ୱମାନଙ୍କ ଆକ୍ରମଣ ଓ ଷଡ଼ଯନ୍ତ୍ର ଘଟଣାଗୁଡ଼ିକୁ ସମୀକ୍ଷା କରିଥିଲେ। ରେଳବାଇ ବୋର୍ଡର ଅଧ୍ୟକ୍ଷଙ୍କ ସହ ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଓ ରବନୀତ ସିଂ ବିଟ୍ଟୁ ମଧ୍ୟ ଉପସ୍ଥିତ ଥିଲେ। ଗୁଇନ୍ଦା ସୂଚନା ସଂଗ୍ରହ ସହ ଯାତ୍ରୀମାନଙ୍କ ସହଯୋଗ ଏହିଭଳି ଘଟଣାଗୁଡ଼ିକୁ ଏଡ଼ାଇବା ଲାଗି ଅତ୍ୟନ୍ତ ଉପଯୋଗୀ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏଣୁ ଗୁଇନ୍ଦା ସୂଚନା ସଂଗ୍ରହ ପାଇଁ ଟେକ୍ନୋଲୋଜିର ବ୍ୟପକ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ସହ ଯାତ୍ରୀମାନଙ୍କ ପ୍ରତ୍ୟକ୍ଷ ସହାୟତା ପାଇଁ ପଦକ୍ଷେପକୁ ବ୍ୟାପକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଯାତ୍ରୀମାନଙ୍କୁ ସେମାନଙ୍କ ଯାତ୍ରା ସମୟରେ ଓ ଷ୍ଟେସନ ପରିସରରେ ଅପେକ୍ଷା କରିଥିବା ସମୟରେ ସମାଜବିରୋଧୀ କାର୍ଯ୍ୟକଳାପକୁ ରୋକିବା ପାଇଁ ହେଉଥିବା ପ୍ରୟାସରେ ସକ୍ରିୟ ସହଯୋଗ କରିବାକୁ ରେଳବାଇ ଅନୁରୋଧ କରିଛି।

ସୁରକ୍ଷା ସମୀକ୍ଷା ବୈଠକ ସମୟରେ ହୋଇଥିବା ଆଲୋଚନାରେ ଏକ ଉନ୍ନତ ରିପୋର୍ଟିଂ ବ୍ୟବସ୍ଥା ମାଧ୍ୟମରେ କ୍ଷେତ୍ର ସ୍ତରରୁ ଗୁଇନ୍ଦା ସୂଚନା ସଂଗ୍ରହ ପ୍ରକ୍ରିୟାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ପ୍ରଯୁକ୍ତିବିଦ୍ୟା-ଚାଳିତ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିବା, ସାରା ରେଳ ନେଟୱାର୍କରେ ସିସିଟିଭିର ପରିସର ବିସ୍ତାର କରିବା ଓ ରେଳ ବୋର୍ଡ ମୁଖ୍ୟାଳୟ ଓ କ୍ଷେତ୍ରୀୟ ଜୋନ୍‌ଗୁଡ଼ିକ ମଧ୍ୟରେ କାର୍ଯ୍ୟକ୍ଷମ ସୁରକ୍ଷା ସମନ୍ୱୟକୁ ସୁଧାରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସାଇବର ସୁରକ୍ଷାକୁ ସୁଦୃଢ଼ କରିବା, କ୍ୟାମେରାର ବିଶେଷତାକୁ ଅପଗ୍ରେଡ୍ କରିବା ଏବଂ ଏଆଇ ଭିତ୍ତିକ ସର୍ଭେଲାନ୍ସ ତଥା ତଦାରଖ ବ୍ୟବସ୍ଥା ମୁତୟନ କରିବା ବିଷୟ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା।

## ଦୁର୍ଘଟଣାରେ ଟୋଟୋ ଡ୍ରାଇଭରଙ୍କ ମୃତ୍ୟୁ

କୋଲକାତା,୨୧।୫(ସଂଚାର ବ୍ୟୁରୋ): ଗୁରୁବାର ସକାଳେ ବୋଲପୁରର ମକ୍ରମପୁରରେ ଏକ ଟ୍ରକ ଓ ଟୋଟୋ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣେ ଟୋଟୋ ଡ୍ରାଇଭରଙ୍କ ଜୀବନ ଯାଇଛି। ଅନ୍ୟ ଚାରି ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ବର୍ତ୍ତମାନ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବୋଲପୁର ପୌରସଭାର ୧୦ ନମ୍ବର ୱାର୍ଡରେ ଅବସ୍ଥିତ ମକ୍ରମପୁର ଦେବ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି। ପୁଲିସ ସୂତ୍ର ଅନୁଯାୟୀ, ଭୋର ପ୍ରାୟ ୫ଟା ସମୟରେ ବୋଲପୁର ଷ୍ଟେସନରୁ ଯାତ୍ରୀମାନଙ୍କୁ ନେଇ ଏକ ଟୋଟୋ ମକ୍ରମପୁର ଅଭିମୁଖେ ଯାତ୍ରା କରୁଥିଲା। ସେହି ସମୟରେ କଙ୍କାଳିତଲା ଦିଗରୁ ଆସୁଥିବା ଏକ ଟ୍ରକ ନିୟନ୍ତ୍ରଣ ହରାଇ ଜୋରରେ ଟୋଟୋକୁ ଧକ୍କା ଦେଇଥିଲା।

## ଜଳପାଇଗୁଡ଼ିରେ ଝଡ଼ ତାଣ୍ଡବ

କୋଲକାତା,୨୧।୫(ସଂଚାର ବ୍ୟୁରୋ): ଗୁରୁବାର ସକାଳେ ହୋଇଥିବା ଭୟଙ୍କର ଝଡ଼ ତାଣ୍ଡବରେ ଜଳପାଇଗୁଡ଼ି ସଦର ବ୍ଲକର ନନ୍ଦନପୁର-ବୋଏଲମାରି ପଞ୍ଚାୟତ ଏବଂ ମଣ୍ଡଳଘାଟ ଅଞ୍ଚଳର ଅନେକ ଗ୍ରାମ ପ୍ରଭାବିତ ହୋଇଛି। ଶତାଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଖବର ଅନୁଯାୟୀ, ଭୋର ପ୍ରାୟ ସାଢ଼େ ୩ଟା ସମୟରେ ହଠାତ୍ ଆସିଥିବା ଝଡ଼ରେ ତାନ୍ତି ଆୟରା, ଠକପଡା, ବାନିଆପଡା ଏବଂ ବୋଡାପଡା ଗ୍ରାମ ସହିତ ମଣ୍ଡଳଘାଟ ଏବଂ କୋରାନିପଡା ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ପ୍ରବଳ ପବନ ଯୋଗୁ ବହୁ ଗଛ ଉପୁଡ଼ି ପଡ଼ିଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଥିବାରୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଖବର ପାଇ ପ୍ରଶାସନ ତୁରନ୍ତ ଉଦ୍ଧାର ଓ ସଫେଇ କାର୍ଯ୍ୟ ଆରମ୍ଭ କରିଛି।

## ତୃଣମୂଳ କାଉନସିଲର ଗିରଫ

କୋଲକାତା,୨୧।୫(ସଂଚାର ବ୍ୟୁରୋ):ଡାନକୁନି ପୌରସଭାର ୧୮ ନମ୍ବର ୱାର୍ଡର କାଉନସିଲର ଏବଂ ତୃଣମୂଳ ନେତା ସୂର୍ଯ୍ୟ ଦେଙ୍କୁ ଗୁରୁବାର ସକାଳେ ଡାନକୁନି ପୁଲିସ ଗିରଫ କରି ଶ୍ରୀରାମପୁର କୋର୍ଟରେ ହାଜର କରିଛି। ସୂଚନା ଅନୁଯାୟୀ, ତାଙ୍କ ବିରୋଧରେ ଏକ ପୁରୁଣା ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ ଏବଂ ହତ୍ୟା ଧମକ ଦେବାର ଅଭିଯୋଗ ରହିଛି। ୨୦୨୧ ବିଧାନସଭା ନିର୍ବାଚନ ପରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। କିନ୍ତୁ ଅଭିଯୁକ୍ତଙ୍କ ଭୟରେ ପୀଡିତା ସେହି ସମୟରେ ଥାନାରେ ଲିଖିତ ଅଭିଯୋଗ କରିପାରି ନଥିଲେ। ପରବର୍ତ୍ତୀ ସମୟରେ ସରକାର ପରିବର୍ତ୍ତନ ହେବା ପରେ ପୀଡିତା ଏକ ନୂତନ ଅଭିଯୋଗ ଦାଖଲ କରିଥିଲେ, ଯାହା ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ, ପୁଲିସ ତାଙ୍କୁ ଗୁରୁବାର ସକାଳେ ଡାନକୁନିସ୍ଥିତ ତାଙ୍କ ବାସଭବନରୁ ଗିରଫ କରିଥିଲା।

## ଟିଏମ୍‌ସି କାର୍ଯ୍ୟାଳୟରୁ ମିଳିଲା ବିପୁଳ ରାସନ କାର୍ଡ

କୋଲକାତା,୨୧।୫ (ସଂଚାର ବ୍ୟୁରୋ): ତୃଣମୂଳ ଦଳର ଏକ କାର୍ଯ୍ୟାଳୟରୁ ବହୁସଂଖ୍ୟକ ରାସନ କାର୍ଡ ମିଳିଛି। ଏହି ଘଟଣାକୁ ନେଇ ଗୁରୁବାର ପୂର୍ବ ମେଦିନୀପୁରର ତମଲୁକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୁରାରୀ ବଜାରରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଜାଣିବାକୁ ମିଳିଛି ଯେ, ତୃଣମୂଳ କଂଗ୍ରେସ ଏହି ବଜାର ଅଞ୍ଚଳରେ ଏକ ଦଳୀୟ କାର୍ଯ୍ୟାଳୟ ରଖିଛି। ରାଜ୍ୟ ନିର୍ବାଚନ ଫଳାଫଳ ଘୋଷଣାର ପରଦିନ ମେ ୫ ତାରିଖରେ ବିଜେପି ସଦସ୍ୟମାନେ ଏଥିରେ ତାଲା ପକାଇ ଦେଇଥିଲେ। ସହିଦ ମାତାଙ୍ଗିନୀ ବ୍ଲକ ତୃଣମୂଳ ୟୁନିଟର ଉପାଧ୍ୟକ୍ଷ ପରିତୋଷ ସାନ୍ତ୍ରା ଏହି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ବିଜେପି ସଦସ୍ୟମାନେ କାର୍ଯ୍ୟାଳୟର ତାଲା ଖୋଲିବା ପରେ ସେଠାରେ ବିପୁଳ ପରିମାଣରେ ରାସନ କାର୍ଡ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ବିଜେପି କର୍ମୀମାନେ ବୁରାରିରେ ମେଛେଦା-ହଳଦିଆ ରାସ୍ତା ଅବରୋଧ କରିଛନ୍ତି।

## ବୁଥ୍ ସଭାପତିଙ୍କ ଘର ସାମ୍ନାରୁ ବୋମା ଉଦ୍ଧାର

କୋଲକାତା,୨୧।୫(ସଂଚାର ବ୍ୟୁରୋ):ଗୁରୁବାର ସକାଳେ ସ୍ଥାନୀୟ ବିଜେପି ବୁଥ୍ ସଭାପତିଙ୍କ ବାସଭବନ ସାମ୍ନାରେ ଦୁଇଟି ବୋମା ମିଳିବା ପରେ ବସିରହାଟର ଶଶିନା ଗ୍ରାମରେ ଆତଙ୍କ ଖେଳିଯାଇଥିଲା। ଗୁରୁବାର ଭୋରରୁ ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇବା ପରେ ବସିରହାଟ ଥାନାର ପୁଲିସ ଏବଂ କେନ୍ଦ୍ରୀୟ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପୁଲିସ ବୋମା ଦୁଇଟିକୁ ଉଦ୍ଧାର କରିଥିଲା। ଏହି ଘଟଣାଟି ବସିରହାଟ ଥାନା ଅନ୍ତର୍ଗତ ଗୋତ୍ର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶଶିନା ଗ୍ରାମର ୧୦୫ ନମ୍ବର ବୁଥରେ ଘଟିଛି। ବିଜେପି ବୁଥ୍ ସଭାପତି ଅନିଲ ବରଣ ମଲ୍ଲିକଙ୍କ ଘରର ପ୍ରବେଶ ଦ୍ୱାର ସମ୍ମୁଖରେ ଦୁଇଟି ସତେଜ ବୋମା ମିଳିଥିବା ଅଭିଯୋଗ ହୋଇଛି। ତୃଣମୂଳ କଂଗ୍ରେସ ସମର୍ଥିତ ଦୁର୍ବୃତ୍ତମାନେ ଜାଣିଶୁଣି ଏହି ବୋମା ରଖିଥିବା ବିଜେପି ବୁଥ୍ ସଭାପତି ଅସୀତ ବରଣ ମଲ୍ଲିକ ଅଭିଯୋଗ କରିଛନ୍ତି।

# ଡେଙ୍ଗୁ ନିୟନ୍ତ୍ରଣ ପାଇଁ ବିଏମ୍‌ସିର ପ୍ରସ୍ତୁତି ବୈଠକ



**ଜନ ସଚେତନତା ଉପରେ ଗୁରୁତ୍ୱ**
**ପ୍ରତି ଶୁକ୍ରବାର ପାଳିତ ହେବ ଡ୍ରାଏ ଡେ'**
**ଜୁନରୁ ବିଏମ୍‌ସି ମୁଖ୍ୟାଳୟରେ କଣ୍ଟ୍ରୋଲ ରୁମ୍**

ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ଏବଂ ଡେଙ୍ଗୁ ପ୍ରତିଶେଧକ ବ୍ୟବସ୍ଥା ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବର୍ଷା ଋତୁ ପୂର୍ବରୁ ସମସ୍ତ ପ୍ରସ୍ତୁତି ଶେଷ କରିବା ନେଇ ଆଲୋଚନା କରାଯାଇଥିଲା। ତୃଣମୂଳସ୍ତରରୁ ରୋଗ ପ୍ରତିଷେଧକ ଏବଂ ଡେଙ୍ଗୁ ନିୟନ୍ତ୍ରଣ ନେଇ ଯୋଜନା କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ଏବଂ ଡେଙ୍ଗୁ ରୋଗରୁ ରକ୍ଷା ପାଇବା ପାଇଁ ଜନସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ସହ ଏହି କାର୍ଯ୍ୟକ୍ରମରେ ବିଏମ୍‌ସିର ସମସ୍ତ ଚିକିତ୍ସା ଅଧିକାରୀ, ପରିଚାଳନା କର୍ମଚାରୀ, ସ୍ୱେଚ୍ଛାସେବୀ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ମହିଳା ଆରୋଗ୍ୟ ସମିତି ସଦସ୍ୟଙ୍କ ଭଳି ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କର୍ମୀଙ୍କୁ ସାମିଲ କରାଯିବ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ମାଇକ୍ରୋ ପ୍ଲାନ୍ କରାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ସେତିକି ନୁହେଁ, ଶିକ୍ଷା ବିଭାଗ ସହ ସମନ୍ୱୟ ରକ୍ଷା କରି ସମ୍ପୃକ୍ତ ମେଡିକାଲ ଅଫିସରଙ୍କ ଦ୍ୱାରା ପ୍ରାର୍ଥନା କ୍ଲାସରେ ଛାତ୍ରଛାତ୍ରୀଙ୍କୁ ରୋଗର ସମ୍ବେଦନଶୀଳତା ସମ୍ପର୍କରେ ଅବଗତ କରାଯିବ।

ମଶା ପ୍ରଜନନ ଉତ୍ସଗୁଡିକୁ ଚିହ୍ନଟ କରିବା ଓ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଏହି ଉତ୍ସଗୁଡିକୁ ସଫା କରିବାକୁ ଘରୋଇ ସର୍ଭେ କରିବାକୁ ନିଷ୍ପତ୍ତି ହୋଇଛି। ୩ ମାସ ପାଇଁ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ୨୦ଟି ଟିମ୍ ଗଠନ କରାଯାଇ ପ୍ରତିଦିନ ୪୦ଟି ଘରକୁ ପ୍ରତ୍ୟେକ ଟିମ୍ ଯାଇ ସଚେତନ କରାଇବେ। ପ୍ରତ୍ୟେକ ୱାର୍ଡରେ ଡେଙ୍ଗୁ ଦିବସ ପାଳନ କରାଯିବ। କର୍ପୋରେଟରଙ୍କ ଅଧ୍ୟକ୍ଷତାରେ ଆଶାକର୍ମୀ, ସ୍ୱଚ୍ଛସାଥୀ, ଆରଡବ୍ଲ୍ୟୁଏ ଓ ସମସ୍ତ ବିଭାଗର ପ୍ରତିନିଧିଙ୍କର ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତି ଶୁକ୍ରବାରକୁ ଡ୍ରାଏ ଡେ' ଭାବେ ପାଳନ କରାଯିବ। ଗତ ବର୍ଷ ଚିହ୍ନଟ ହୋଇଥିବା ହଟସ୍ପଟ୍ ସହ ଅନ୍ୟ ସମ୍ଭାବ୍ୟ ହଟସ୍ପଟ୍‌ଗୁଡିକର ମଧ୍ୟ ସମୀକ୍ଷା କରାଯିବ। ଜୁନ୍ ଆରମ୍ଭରୁ ବିଏମ୍‌ସି ମୁଖ୍ୟାଳୟରେ ୧୨ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବ। ଏଥିରେ ବିଏମ୍‌ସି ସ୍ୱାସ୍ଥ୍ୟ ଉପାୟୁକ୍ତ, ଜାତୀୟ ଅର୍ବାନ ହେଲ୍‌ଥ ମିଶନ ଓ ୱାଟକୋର ପ୍ରତିନିଧିମାନେ ରହିବେ।

## ଇସ୍ରୋକୁ ଅନ୍ତଃରାଷ୍ଟ୍ରୀୟ ପୁରସ୍କାର


ୱାଶିଂଟନ, ୨୧।୫:ଚନ୍ଦ୍ରାୟଣ-୩ ମିଶନ ପାଇଁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)କୁ ଗୁରୁବାର ଆମେରିକୀୟ ଏରୋନଟିକ୍ସ ଆଣ୍ଡ ଆଷ୍ଟ୍ରୋନଟିକ୍ସ ଇନଷ୍ଟିଚ୍ୟୁଟ୍ (ଏଆଇଏଏ) ଗୋଡାର୍ଡ ଆଷ୍ଟ୍ରୋନଟିକ୍ସ ପୁରସ୍କାରରେ ସମ୍ମାନିତ କରିଛି। ୨୦୨୬ ଲାଗି ଇସ୍ରୋ ଏହି ପୁରସ୍କାର ପାଇଛି। ଆମେରିକାସ୍ଥିତ ଭାରତର ରାଷ୍ଟ୍ରଦୂତ ବିନୟ ମୋହନ କ୍ୱାତ୍ରା ଏଆଇଏଏର ଆସେଣ୍ଡ ସମ୍ମିଳନୀରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଭାରତର ଚନ୍ଦ୍ରର ଦକ୍ଷିଣ କ୍ରାନ୍ତି ନିକଟରେ ପ୍ରଥମେ ପହଞ୍ଚି ଯେଉଁ ଐତିହାସିକ ସଫଳତା ପାଇଛି, ତାହା ମହାକାଶ ଗବେଷଣା ପାଇଁ ଅଧିକ ପଥ ପ୍ରସ୍ତୁତ କରିଥିବାରୁ ଇସ୍ରୋକୁ ଏହି ସମ୍ମାନ ଦିଆଯାଉଛି ବୋଲି ଏଆଇଏଏ ପକ୍ଷରୁ କୁହାଯାଇଛି।

## ଆମେରିକାରେ ଭାରତୀୟଙ୍କୁ ୬୦ ଦିନର କଷ୍ଟ




ନୂଆଦିଲ୍ଲୀ,୨୧।୫: ଏଚ୍-ୱାନ-ବି ଭିସାନେଇ ମେଟା, ଆମାଜନ ଓ ଓରାକଲ ଆଦି ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରି କରୁଥିବା ଭାରତୀୟମାନଙ୍କ ପାଇଁ ଆମେରିକା ଇମିଗ୍ରେସନ ବିଭାଗ ୬୦ ଦିନର କଷ୍ଟ ଦେଇଛି। ଏହି ୬୦ ଦିନ ଭିତରେ ଅନ୍ୟତ୍ର ଚାକିରି ଖୋଜ, ନହେଲେ ଆମେରିକା ଛାଡ଼ି ଚାଲିଯାଅ ବୋଲି ମାର୍କିନ୍ ଇମିଗ୍ରେସନ୍ ବିଭାଗ୍ ଚରମ ବିଜ୍ଞପ୍ତି ଜାରି କରିଥିବା ଇକୋନୋମିକ ଟାଇମ୍ସ ତା'ର ରିପୋର୍ଟରେ ପ୍ରକାଶ କରିଛି। ଏହା ଫଳରେ ଦୀର୍ଘଦିନ ଧରି ଆମେରିକା ଅର୍ଥନୀତି, ପ୍ରଯୁକ୍ତି କ୍ଷେତ୍ରକୁ ବଳିଷ୍ଠ ଅବଦାନ ଦେଇ ଆସିଥିବା ଭାରତୀୟ ଟେକ୍-କର୍ମଚାରୀ ଏବଂ ଆମେରିକାରେ ଥିବା ସେମାନଙ୍କର ପରିବାର ସେଠାରେ ରହିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। କାରଣ ଏଚ୍-ୱାନ-ବି ଭିସା ନେଇ ଆମେରିକାରେ ଚାକିରି କରୁଥିବା କର୍ମଚାରୀମାନଙ୍କୁ ୬୦ ଦିନ ମଧ୍ୟରେ ଅନ୍ୟ ଚାକିରି ଖୋଜିବାକୁ ହେବ, ନହେଲେ ଦେଶ ଛାଡ଼ିବାକୁ ହେବ।

# ବେଦାନ୍ତ ଯୋଗୁଁ ୬୫ ହଜାର ଲୋକଙ୍କୁ ମିଳୁଛି ସ୍ୱାସ୍ଥ୍ୟସେବା




ଭୁବନେଶ୍ୱର,୨୧।୫(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ମୋବାଇଲ୍ ହେଲ୍‌ଥ ୟୁନିଟ୍ (ଏମଏଚୟୁ) ପଦକ୍ଷେପ ମାଧ୍ୟମରେ ଓଡ଼ିଶାରେ ଗ୍ରାମୀଣ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିଛି, ଯାହାର ଲକ୍ଷ୍ୟ ହେଉଛି ଅନୁନ୍ନତ ଅଞ୍ଚଳଗୁଡ଼ିକରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା। ଆର୍ଥିକ ବର୍ଷ ୨୬ରେ କମ୍ପାନୀ ରାୟଗଡ଼ାର ୩୫ ଗ୍ରାମ, ସିଜିମାଲିର ୩୧ଟି ଗ୍ରାମ ଓ କଳାହାଣ୍ଡିର ୬୦ଟି ଗ୍ରାମ ସମେତ ମୋଟ ୧୨୬ଟି ଗ୍ରାମରୁ ୬୫ ହଜାର ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରାଯାଇଛି।

ଏମଏଚୟୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଥିବା ଯାନ ଯାହା ସମ୍ପ୍ରଦାୟଗୁଡ଼ିକୁ ସିଧାସଳଖ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ, ବିଶେଷକରି ଦୁର୍ଗମ, ଗ୍ରାମାଂଚଳ ଏବଂ ଅନୁନ୍ନତ ଅଂଚଳରେ ଯେଉଁଠାରେକି ହସ୍ପିଟାଲ ଏବଂ କ୍ଲିନିକ୍ ଉପଲବ୍ଧତା ସୀମିତ ଥାଏ। 'କ୍ଲିନିକ୍ ଅନ୍ ହ୍ୱିଲ୍ସ' ଭାବରେ କାର୍ଯ୍ୟ କରୁଥିବା ଏହି ୟୁନିଟ୍ ଗୁଡିକ ସମ୍ପୂର୍ଣ୍ଣ ଭାବରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ସହିତ ସଜ୍ଜିତ ଏବଂ ଯୋଗ୍ୟତାପ୍ରାପ୍ତ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ଦ୍ୱାରା କର୍ମଚାରୀ ଭାବରେ କାର୍ଯ୍ୟ କରନ୍ତି, ଯାହା ସମ୍ପ୍ରଦାୟର ଦ୍ୱାରଦେଶରେ ସିଧାସଳଖ ଚିକିତ୍ସା ସେବା ଆଣି ଗୁରୁତ୍ୱପୂର୍ଣ୍ଣ ପ୍ରବେଶଯୋଗ୍ୟତା ବ୍ୟବଧାନକୁ ପୂରଣ କରିବାରେ ସାହାଯ୍ୟ କରେ। ଏମଏଚୟୁ ଗୁଡିକ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଚାପ ଏବଂ ରକ୍ତ ଶର୍କରା ପରୀକ୍ଷା, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା ସହାୟତା, ମୌଳିକ ରୋଗ ନିର୍ଣ୍ଣୟ ଏବଂ ମାଗଣା ଔଷଧ ବଂଟନ ସମେତ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରନ୍ତି।

ଏହା ସହିତ, ସୁସ୍ଥ ସମ୍ପ୍ରଦାୟକୁ ଉତ୍ସାହିତ କରିବା ପାଇଁ ଡାକ୍ତରୀ ଦଳଗୁଡ଼ିକ ନିୟମିତ ଭାବରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ପୁଷ୍ଟିସାର, ଋତୁକାଳୀନ ରୋଗ ଏବଂ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଉପରେ ସଚେତନତା ଅଧିବେଶନ ଆୟୋଜନ କରନ୍ତି। ଦୂରଦୂରାନ୍ତ ସ୍ଥାନରେ ନିର୍ଭରଯୋଗ୍ୟ ଚିକିତ୍ସା ସେବାର ପ୍ରବେଶକୁ ଉନ୍ନତ କରିବା ପାଇଁ ଏହି ପଦକ୍ଷେପ ସ୍ୱାସ୍ଥ୍ୟସେବା କର୍ମୀ ଏବଂ ସମ୍ପ୍ରଦାୟ ସଦସ୍ୟମାନଙ୍କଠାରୁ ପ୍ରଶଂସା ପାଇଛି।

# ଡବ୍ଲ୍ୟୁଓଡିସିର ମୁଖ୍ୟ ଦପ୍ତର, ଭୁବନେଶ୍ୱରରେ କାହିଁକି ?




ଭୁବନେଶ୍ୱର,୨୧।୫: ପଶ୍ଚିମାଞ୍ଚଳର ଦ୍ରୁତ ବିକାଶ ପାଇଁ ୧୯୯୯ ମସିହାରେ ଗଠନ କରାଯାଇଥିବା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲୁଓଡିସି) ର ମୁଖ୍ୟ ଦପ୍ତର ୨୭ବର୍ଷ ଧରି ଭୁବନେଶ୍ୱରରେ ରହିଛି। ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାର କୌଣସି ସ୍ଥାନରେ ଏଯାବତ୍ ଏହି ଦପ୍ତର ପ୍ରତିଷ୍ଠା କରାଯାଇପାରୁନି।

ସରକାରରେ ରାଜନୈତିକ ନେତୃତ୍ୱ ବଦଳି ଚାଲିଥିବାବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ ଦପ୍ତର କାହିଁକି ଯେ ସଂପୃକ୍ତ ଅଞ୍ଚଳରେ ନରହି ଭୁବନେଶ୍ୱରରେ ଚାଲୁଛି ତାହାର ସନ୍ତୋଷଜନକ ଉତ୍ତର କେହି ଦେଇପାରୁ ନାହାନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଦାୟିତ୍ୱରେ ସଂପୃକ୍ତ ଅଞ୍ଚଳର ବହୁ ପ୍ରଭାବଶାଳୀ ରାଜନେତା ରହିଆସୁଥିବାବେଳେ କେବେ ଏହି ଦପ୍ତର ତାହାର ନିଜ ଇଲାକାକୁ ସ୍ଥାନାନ୍ତରିତ ହେବ ସେ ସମ୍ପର୍କରେ ବି ଅନିଶ୍ଚିତତା ଲାଗି ରହିଛି।

ବିଜୁ ପଟ୍ଟନାୟକଙ୍କ ସରକାରରେ ଆଇନ୍ ମନ୍ତ୍ରୀ ଥିବା ନରସିଂହ ମିଶ୍ରଙ୍କୁ ୧୯୯୯ ମସିହାରେ କଂଗ୍ରେସ ସରକାର ସମୟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପ୍ରଥମ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିଲା। ଶ୍ରୀ ମିଶ୍ର ଏବେ କଂଗ୍ରେସ ଦଳରେ। ରାଜ୍ୟରେ ଶାସନ ପରିବର୍ତ୍ତନ ହେବା ପରେ ୨୦୦୧ ମସିହାରେ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ଅଇଁଠୁ ସାହୁ ଏହାର ଅଧ୍ୟକ୍ଷ ଭାବରେ ୨୦୦୧ରୁ ୨୦୦୬ ପର୍ଯ୍ୟନ୍ତ ୫ ବର୍ଷ ଧରି କାର୍ଯ୍ୟ କରିଥିଲେ। ତାଙ୍କ ପରେ ବିଶିଷ୍ଟ ଅର୍ଥନୀତିଜ୍ଞ ଡ. ନିରଞ୍ଜନ ପଣ୍ଡା ୨୦୧୧ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ହୋଇଥିଲେ।

ଏକଦା ସୁନ୍ଦରଗଡ଼ର ବିଧାୟିକା ଥିବା ପଦ୍ମିନୀ ଶେଖର ଦେଓ ୨୦୧୧ରୁ ୨୦୧୪ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଦାୟିତ୍ୱରେ ଥିଲେ। ତାଙ୍କ ପରେ କିଶୋର ପଟେଲ ମଧ୍ୟ ଏହାର ଅଧ୍ୟକ୍ଷ ହୋଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ତାଙ୍କ ପରେ ପରେ ସୁରେଶ ମହାପାତ୍ର କିଛିଦିନ ପାଇଁ ଏହି ସଂସ୍ଥାର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ପଶ୍ଚିମାଞ୍ଚଳର ଜଣାଶୁଣା ବିଜେପି ନେତା ସୁବାଷ ଚୌହ୍ୱାନ ବିଜେଡିରେ ଯୋଗଦେବା ପରେ ତାଙ୍କୁ ୨୦୧୯ରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ କରାଯାଇଥିଲା। ତେବେ ଅଳ୍ପ କେଇ ମାସ ପରେ ତାଙ୍କର ମୃତ୍ୟୁ ଘଟିବାରୁ ପୁଣିଥରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏହି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ଅଧ୍ୟକ୍ଷ ହୋଇଥିଲେ।

୨୦୨୪ରେ ଓଡ଼ିଶାରେ ବିଜେପି ସରକାର ଗଠିତ ହେବା ପରେ ଶ୍ରୀ ତ୍ରିପାଠୀ ତାଙ୍କ ଦାୟିତ୍ୱରୁ ଇସ୍ତଫା ଦେବା ପରେ କିଛିଦିନ ପାଇଁ ଏହି ପଦବୀ ଖାଲି ପଡ଼ିଥିଲା। ଏବେ ଉତ୍ତରାଞ୍ଚଳର ରାଜସ୍ୱ ଆୟୁକ୍ତ ପରିଷଦର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ଯେଉଁସବୁ ଇଲାକାକୁ ନେଇ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇଛି ସେହି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ବଜେଟ୍ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଥାଏ। ଏହି ପରିଷଦ ସହିତ ସମ୍ପୃକ୍ତ ଅଞ୍ଚଳରେ ବହୁ ରାଜନେତା ମଧ୍ୟ ଜଡ଼ିତ ଥାନ୍ତି। କିନ୍ତୁ ଶ୍ରୀ ତ୍ରିପାଠୀଙ୍କ ଇସ୍ତଫା ପରଠାରୁ ଏଯାବତ୍ କାହାକୁ ପୂର୍ଣ୍ଣକାଳୀନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିନାହିଁ। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଦପ୍ତର ସମ୍ବଲପୁରରେ ଥିବାବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ ଦପ୍ତର ଭୁବନେଶ୍ୱରରେ ରହିଛି। ପଶ୍ଚିମାଞ୍ଚଳର କେଉଁ ସ୍ଥାନରେ ବିକାଶ ପରିଷଦର ଦପ୍ତର ସ୍ଥାପନ ହେବ, ସେଥିଘେନି ସହମତି ପ୍ରକାଶ ପାଇ ପାରୁ ନ ଥିବାରୁ ଏହାର ମୁଖ୍ୟ ଦପ୍ତର ଭୁବନେଶ୍ୱରରେ ରହୁଛି ଏବଂ ବିକାଶ ପରିଷଦର ଅଧ୍ୟକ୍ଷଙ୍କୁ କ୍ୟାବିନେଟ୍ ପାହ୍ୟାର ସମସ୍ତ ସୁବିଧା ସୁଯୋଗ ମିଳୁଥିବାରୁ ଦାୟିତ୍ୱରେ ରହୁଥିବା ରାଜନେତାମାନେ ଭୁବନେଶ୍ୱରରେ ରହି କାର୍ଯ୍ୟ ଚଳାଉଥିବା କୁହାଯାଉଛି। ତେବେ ଖୁବଶୀଘ୍ର ଏହି ବିକାଶ ପରିଷଦ ତା'ର ପୂର୍ଣ୍ଣକାଳୀନ ନୂତନ ଅଧ୍ୟକ୍ଷ ପାଇବ ବୋଲି ଆଶା କରାଯାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକଶିତ ଭାରତ-୨୦୪୭...

ପ୍ରଧାନମନ୍ତ୍ରୀ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ମଧ୍ୟରେ ପ୍ରଶାସନିକ ସଂସ୍କାର ଆଣିବା ଉପରେ ଜୋର ଦେଇଛନ୍ତି। ଏଥିସହ ଜନକଲ୍ୟାଣ ଏବଂ ନାଗରିକଙ୍କ ସୁବିଧା ଉପରେ ଫୋକସ୍ କରିବାକୁ ପରାମର୍ଶ ଦେଇଛନ୍ତି। ସରକାରୀ କାର୍ଯ୍ୟଗୁଡ଼ିକୁ ବୃହତ୍ତର ଦକ୍ଷତାର ସହ ପରିଚାଳିତ କରିବା ପାଇଁ ଫାଇଲଗୁଡ଼ିକୁ ଶୀଘ୍ର ଗତିଶୀଳ କରାଇବା ଲାଗି ମୋଦି ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସରକାରୀ କାର୍ଯ୍ୟ ସମ୍ପର୍କିତ ଫାଇଲଗୁଡ଼ିକୁ ଗତିଶୀଳ କରିବାରେ ଅନାବଶ୍ୟକ ପ୍ରକ୍ରିୟାଗତ ବିଳମ୍ବ ଯେପରି ନ ହୁଏ, ତା' ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରତ୍ୟେକ ସ୍ତରରେ ଶାସନ ପରିଚାଳନାକୁ ସରଳ ଓ ସ୍ୱଚ୍ଛନ୍ଦ କରିବାର ଆବଶ୍ୟକତା ରହିଛି। ଆଉ ସେଥିଲାଗି ସ୍ୱଳ୍ପ ସମୟ ମଧ୍ୟରେ କିପରି ଅଧିକ କାମ କରାଯାଇପାରିବ ତାହା ଉପରେ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ପିଏମ ମୋଦି କହିଛନ୍ତି ଯେ ବିକଶିତ ଭାରତ-୨୦୪୭ କେବଳ ଏକ ସ୍ଲୋଗାନ ନୁହେଁ। ଏହା ହେଉଛି ଦେଶ ତଥା ଦେଶବାସୀଙ୍କ ପ୍ରତି ଆମର ପ୍ରତିଶ୍ରୁତି ତଥା ପ୍ରତିବଦ୍ଧତା। ତେଣୁ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ରୂପାନ୍ତରିତ କରିବାର ଲକ୍ଷ୍ୟ ନେଇ ପ୍ରତ୍ୟେକ ସଦସ୍ୟ ଏକ ଅଭିଯାନଭିତ୍ତିକ ପ୍ରୟାସ ଜାରି ରଖିବାକୁ ମୋଦି ଆହ୍ୱାନ ଦେଇଛନ୍ତି। ବୈଠକ ଅବସରରେ ପିଏମ ମୋଦି ପ୍ରତ୍ୟେକ ମନ୍ତ୍ରୀଙ୍କର କାର୍ଯ୍ୟଦକ୍ଷତାକୁ ଖୁବ୍ ଯତ୍ନର ସମୀକ୍ଷା କରିଛନ୍ତି। କାର୍ଯ୍ୟଦକ୍ଷତା ପ୍ରଦର୍ଶନରେ ଅପେକ୍ଷାକୃତ ଦୁର୍ବଳ ମନ୍ତ୍ରୀମାନଙ୍କୁ ସେ ସଚେତନ ହେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ନିଜର କାର୍ଯ୍ୟଦକ୍ଷତାକୁ କିପରି ବୃଦ୍ଧି କରାଯାଇପାରିବ ତାହା ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ କ୍ୟାବିନେଟର ସହଯୋଗୀମାନଙ୍କୁ କହିଛନ୍ତି ଯେ ସିଧାସଳଖ ଲୋକଙ୍କ ପାଖକୁ ଯାଆ। ଆଉ ଆମେ ୧୨ ବର୍ଷରେ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ସେସବୁକୁ ଲୋକମାନଙ୍କ ପାଖରେ ପହଞ୍ଚାଅ। ଉଚ୍ଚସ୍ତରୀୟ ମନ୍ତ୍ରୀ ପରିଷଦ ବୈଠକ ଅବସରରେ ପିଏମ ମୋଦିଙ୍କ '୧୨ବର୍ଷ ବନାମ ୧୨ ପାର' ଉପରେ ଦିଆଯାଇଥିବା ଏକ ଅସମର୍ଥିତ ସୂତ୍ରରୁ ଜାଣିବାକୁ ମିଳିଛି। ସେଥିମଧ୍ୟରୁ ସ୍ୱଚ୍ଛ ଭାରତ ଅଭିଯାନ, ଜନଧନ ଯୋଜନା, ବିମୁଦ୍ରାକରଣ, ମେକ ଇନ୍ ଇଣ୍ଡିଆ ଆଦି ରହିଥିବା ବେଳେ ଏସବୁ ଲୋକମାନଙ୍କ ନିକଟକୁ ନେବା ଲାଗି ପିଏମ ମୋଦି ତାଙ୍କ କ୍ୟାବିନେଟ ସହଯୋଗୀଙ୍କୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୬ ଦିନିଆ ବିଦେଶ ଗସ୍ତର ସଫଳତା ଲାଗି ପ୍ରଧାନମନ୍ତ୍ରୀଙ୍କୁ ମନ୍ତ୍ରୀ ପରିଷଦ ବୈଠକରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ସରକାରୀ ସ୍ତରରେ...

ଯେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥ ବିଭାଗ ୧୫ ଦିନ ମଧ୍ୟରେ ଏକ ମାର୍ଗଦର୍ଶିକା ଜାରି କରିବ। ଦୂର ସ୍ଥାନକୁ ପରିଦର୍ଶନରେ ଗଲା ବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ। ଯେଉଁ ଅଧିକାରୀମାନଙ୍କ ନିଜସ୍ୱ ବୈଦ୍ୟୁତିକ ଗାଡ଼ି ରହିଛି, ସେମାନେ ସରକାରୀ କାର୍ଯ୍ୟରେ କିଭଳି ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ବହୁଳ ମାତ୍ରାରେ ସରକାରୀ କର୍ମଚାରୀ ରହୁଥିବା ସ୍ଥାନରୁ କର୍ମଚାରୀମାନଙ୍କ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନି ବସ୍ ସେବା ଯୋଗାଇ ଦିଆଯିବ। ସରକାରୀ ଯାନର ଚଳପ୍ରଚଳ ବାବଦକୁ ମାସିକ ପେଟ୍ରୋଲ ଓ ଡିଜେଲ ବ୍ୟବହାର ପରିମାଣ ଯେପରି ଅତି କମ୍‌ରେ ୧୦ ପ୍ରତିଶତ କମିବ, ସେ ଦିଗରେ ସମସ୍ତ କାର୍ଯ୍ୟାଳୟ ସୁଚିନ୍ତିତ ପଦକ୍ଷେପ ନେବେ। ଏହି ନିର୍ଦ୍ଦେଶାବଳୀ ରାଜ୍ୟ ସଚିବାଳୟଠାରୁ ଆରମ୍ଭ କରି ସମସ୍ତ ସରକାରୀ ବିଭାଗର ଉପଖଣ୍ଡ, ତହସିଲ, ବ୍ଲକ୍ ସ୍ତର ସହ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଉଦ୍ୟୋଗ, ସଂସ୍ଥା, ବିଶ୍ୱବିଦ୍ୟାଳୟ, ସମିତିମାନଙ୍କରେ କଡ଼ାକଡ଼ି ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଖସିପଡ଼ିଲା ଟେଣ୍ଟ...

ଏହା ତଳେ ୪ ଜଣ ଯୁବକ ଶୋଇଥିଲେ। ତେବେ କାଳବୈଶାଖୀଜନିତ ବର୍ଷା ଓ ପବନରେ ଭାଡାଟି ଭାଙ୍ଗିଯାଇଥିଲା। ଫଳରେ ତଳେ ଶୋଇଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ତହସିଲଦାର ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗୁରୁତରଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ଏକ ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ମଧ୍ୟ ଘୋଷଣା କରିଛନ୍ତି।

### ଜେନ-ଜି'ଙ୍କ କ୍ରେଜ୍...

ଦେଉଛି, ବିଜୁ ଜନତା ଦଳ ବହୁ ଦିନରୁ ତାହା କହି ଆସୁଛି। କେନ୍ଦ୍ରରେ ୨୦୧୪ରୁ ଶାସନ କରୁଥିବା ବିଜେପି ଉପରେ ବିଶ୍ୱାସର ସଙ୍କଟ ଉପୁଜିଥିବାରୁ କକ୍ରୋଚ ଜନତା ପାର୍ଟି ଜରିଆରେ ଲୋକ ନିଜ ସରକାରବରୋଧୀ ମତ ଦେଉଥିବା ବିଜେଡି ଅଭିଯୋଗ କରିଛି। ସେହିପରି କଂଗ୍ରେସ ବି ମତ ଦେଇଛି ଯେ ଯୁବ ଗୋଷ୍ଠୀଙ୍କ ଦ୍ୱାରା ପରିବର୍ତ୍ତନ ଆସିବା ଆବଶ୍ୟକ। ଅନ୍ୟପକ୍ଷରେ ଆଜି କକ୍ରୋଚ ଜନତା ପାର୍ଟିର 'ଏକ୍ସ' ଆକାଉଣ୍ଟକୁ ବ୍ଲକ କରାଯାଇଥିଲା। ହେଲେ ଏହାର ଅଳ୍ପ ସମୟ ପରେ ହିଁ ନୂଆ ରୂପରେ ଅଭିଜିତ ଦିପକେ ଆସିଥିଲେ। ଏପରିକି କକ୍ରୋଚ ଜନତା ପାର୍ଟିର ଇନଷ୍ଟାଗ୍ରାମ ଆକାଉଣ୍ଟ ବି ହ୍ୟାକ କରିବାକୁ ଯୋଜନା ଚାଲିଥିବା ନେଇ ସୋସାଆଲ ମିଡିଆରେ ଅଭିଯୋଗ ଆଣିଛନ୍ତି ଅଭିଜିତ। ସେପଟେ ସାମାଜିକ ଅଶାନ୍ତି ସୃଷ୍ଟି କରିବାକୁ ବିଭିନ୍ନ ଏଜେଣ୍ଟଙ୍କ ଦ୍ୱାରା କକ୍ରୋଚ ଜନତା ପାର୍ଟି ପରି ସଂଗଠନ ସୃଷ୍ଟି କରାଯାଉଛି ବୋଲି ବିଜେପି ଅଭିଯୋଗ କରିଛି। ୧୯୯୬ରୁ ୨୦୧୦ ଭିତରେ ଜନ୍ମ ହୋଇଥିବା ଲୋକଙ୍କୁ ଜେନ୍-ଜି' ବୋଲି କୁହାଯାଉଛି। ଜନସଂଖ୍ୟାର ୩୮ କୋଟି ହେଉଛନ୍ତି ଏହି ବର୍ଗର। ଦେଶର କର୍ମକ୍ଷେତ୍ରରେ ସେମାନେ ୨୫ ପ୍ରତିଶତ ସ୍ଥାନ ନେଇଛନ୍ତି। ହେଲେ ରାଜନୈତିକ ନିଷ୍କର୍ଷ ବିନା ସେମାନଙ୍କ ବିଚାର ମୂଲ୍ୟ ନ ଥିବା ଦାବି କରିଛି ବିଜେପି। କାରଣ ସୋସିଆଲ ମିଡିଆ ଭୋଟର୍ ନୁହେଁ। ସବୁ ବର୍ଗ ପାଇଁ ବିଜେପି ଯେ ଏକମାତ୍ର ବିକଳ୍ପ, ତାହା ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ପ୍ରମାଣିତ କରିଛି ବୋଲି ବିଜେପି ଦମ୍ଭୋକ୍ତି ପ୍ରକାଶ କରିଛି।

### ସରି ସରି...

କେଉଁଠି ଦଳର ଭବିଷ୍ୟତ ପାଇଁ ତାଙ୍କୁ ଫେରିଆସିବାକୁ ଅନୁରୋଧ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଦଳର କୌଣସି ପଦାଧିକାରୀ କିମ୍ବା ନବୀନ ପଟ୍ଟନାୟକ ନିଜେ ତାଙ୍କୁ ଅପିଲ କରିନାହାଁନ୍ତି। କିନ୍ତୁ ନବୀନଙ୍କ ପରେ କିଏ ବୋଲି ଯେତେବେଳେ ପ୍ରଶ୍ନ ଉଠୁଛି, ସେତେବେଳେ ଦଳର ବରିଷ୍ଠଙ୍କଠାରୁ କନିଷ୍ଠଙ୍କ ପର୍ଯ୍ୟନ୍ତ କାହା ପାଖରେ ବି ଉତ୍ତର ନାହିଁ। କେବଳ ପାଣ୍ଡିଆନଙ୍କ ଛଡ଼ା ଆଉ କାହାକୁ ଯୋଗ୍ୟ ବୋଲି ବିଜେଡି ନେତାମାନେ ଭାବିପାରୁନାହାଁନ୍ତି। ଏବେ ଯେଉଁ ପୋଷ୍ଟର ଲଗାଯାଉଛି ତାହା ମାଧ୍ୟମରେ ପାଣ୍ଡିଆନଙ୍କୁ ତାଙ୍କ ବନବାସ ଶେଷ କରିବାକୁ ପରୋକ୍ଷ ଚାପ ସୃଷ୍ଟି କରାଯାଉ ଥାଇପାରେ କିମ୍ବା ତାଙ୍କ ପ୍ରତି ସାଧାରଣରେ ଥିବା ଧାରଣାକୁ ଆକଳନ କରାଯାଉଛି।

### ବନ୍ଦ ହୋଇଥିବା...

ତଥ୍ୟ ନ ଥିଲେ ଫାଇନାନ୍ସ ଆକାଉଣ୍ଟରେ ଭୁଲ ଚିତ୍ର ପ୍ରକାଶ ପାଇପାରେ। ସେହିପରି ବନ୍ଦ ହୋଇଥିବା କିମ୍ବା ଅଚଳ ପଡ଼ିଥିବା ସଂସ୍ଥାଗୁଡ଼ିକର ବର୍ତ୍ତମାନ ସ୍ଥିତି ଜଣାଇବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଅର୍ଥ ବିଭାଗ ପକ୍ଷରୁ ନୂତନ ଋଣ ବଣ୍ଟନ, ବକେୟା ଅର୍ଥ, ସୁଧ ଆଦାୟ, ଅର୍ଥ ଫେରସ୍ତ ହୋଇ ନ ଥିବା ସଂସ୍ଥା ଓ ଶେୟାର ନିବେଶର ବର୍ଷଭିତ୍ତିକ ତଥ୍ୟ ମଗାଯାଇଛି। ଓଡ଼ିଶା ଟେକ୍ସଟାଇଲ୍ କର୍ପୋରେସନ୍, ଓଡ଼ିଶା ଷ୍ଟେଟ୍ ଲେଦର କର୍ପୋରେସନ୍, ଓଡ଼ିଶା ଆଗ୍ରିକୋ ଲିମିଟେଡ୍, କୋଣାର୍କ ଟିଭି ଲିମିଟେଡ୍, ଓଡ଼ିଶା ଷ୍ଟେଟ୍ କମର୍ସିଆଲ୍ ଟ୍ରାନ୍ସପୋର୍ଟ କର୍ପୋରେସନ୍, ମୟୂରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍, କଳିଙ୍ଗ ଫାଉଣ୍ଡ୍ରି ଲିମିଟେଡ୍ ଭଳି ଅନେକ ପୁରୁଣା ସରକାରୀ ସଂସ୍ଥା ରହିଛି, ଯାହା ଦୀର୍ଘବର୍ଷ ହେଲା ବନ୍ଦ ହୋଇଗଲାଣି। କେତେକ ବନ୍ଦ ସଂସ୍ଥାରେ ସରକାରଙ୍କ ବଡ଼ ଅଙ୍କର ନିବେଶ ରହିଥିବା ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ଯେମିତିକି, ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍‌ରେ ପ୍ରାୟ ୧୬ କୋଟି ୭୭ ଲକ୍ଷ ଟଙ୍କା, ଓଡ଼ିଶା ଷ୍ଟେଟ୍ ଇଲେକ୍ଟ୍ରୋନିକ୍ସ ଡେଭଲପମେଣ୍ଟ କର୍ପୋରେସନ୍‌ରେ ୨୦ କୋଟିରୁ ଅଧିକ ଟଙ୍କା ଓ ଓଡ଼ିଶା ଷ୍ଟେଟ୍ କମର୍ସିଆଲ୍ ଟ୍ରାନ୍ସପୋର୍ଟ କର୍ପୋରେସନ୍‌ରେ ୬ କୋଟି ୧୦ ଲକ୍ଷ ଟଙ୍କାର ନିବେଶ ଥିବା ଦର୍ଶାଯାଇଛି।

### ଜଳୁଛି...

ତାରିଖ ପୂର୍ବରୁ ଗରମରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ କହିଛି। ଗୁରୁବାର ଭୁବନେଶ୍ୱର ତାପମାତ୍ରା ୪୦ ଡିଗ୍ରୀ ସେଲସିଅସରୁ ଅଧିକ ରହିଛି। ଏପ୍ରିଲ ମାସରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମପ୍ରବାହ ତମାମ ରାଜ୍ୟର ସ୍ୱାଭାବିକ ଜୀବନ ଯାତ୍ରାକୁ ବ୍ୟାହତ କରିଛି। ଦିନ ୧୦ଟା ନ ବାଜୁଣୁ ରାସ୍ତା ଜନଶୂନ୍ୟ ହୋଇଯିବା ସହ ସନ୍ଧ୍ୟା ପୂର୍ବରୁ କେହି ଘରୁ ବାହାରିବାକୁ ସୁରକ୍ଷିତ ମଣୁନାହାନ୍ତି। ପଶ୍ଚିମ ଓଡ଼ିଶାରେ ପରିସ୍ଥିତି ବିଶେଷ ଭାବେ ଚିନ୍ତାଜନକ ହୋଇଛି। ଝାରସୁଗୁଡ଼ା ଓ ସମ୍ବଲପୁରର ତାପମାତ୍ରା ଆସନ୍ତା କିଛିଦିନ ଯାଏ ୪୬ ଡିଗ୍ରୀ ପାଖାପାଖି ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ସେହିଭଳି ବରଗଡ଼, ବୌଦ୍ଧ, ବଲାଙ୍ଗିର, ଟିଟିଲାଗଡ଼, ନୂଆପଡ଼ା ଓ ଅନୁଗୋଳ ଆଦି ସ୍ଥାନର ତାପାମାତ୍ରା ୪୦ ଉପରେ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଆଜି ରାଜଧାନୀ ଭୁବନେଶ୍ୱରବାସୀ ଭୀଷଣ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳିରେ ସନ୍ତୁଳି ହୋଇଛନ୍ତି।

ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

## ବୋରିଗୁମ୍ମାକୁ ଗୌରବାନ୍ୱିତ କଲେ ଅଂଶୁମାନ ଓ ଦିବ୍ୟଜିତ




ବୋରିଗୁମ୍ମା,୨୧।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ କୋରାପୁଟ ଜିଲ୍ଲା ଜୟପୁର ସହରର ଅନ୍ୟତମ ଶ୍ରେଷ୍ଠ ବିଦ୍ୟାନ ଜୁନିୟର ମହାବିଦ୍ୟାଳୟର ଛାତ୍ର ବୋରିଗୁମ୍ମା ସହରର ଶ୍ରୀମାନ ଅଂଶୁମାନ ପଣ୍ଡା ୯୩.୩୩ ଶତକଡା ନମ୍ବର ରଖି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ସର୍ବମୋଟ ୬୦୦ ନମ୍ବର ମଧ୍ୟରୁ ୫୬୦ ନମ୍ବର ରଖି ବୋରିଗୁମ୍ମା ସହରକୁ ଗୌରବାନ୍ୱିତ କରିଛନ୍ତି। ଛାତ୍ର ଶ୍ରୀମାନ ଅଂଶୁମାନ ପଣ୍ଡା ବୋରିଗୁମ୍ମା ସହରର ସୁଶାନ୍ତ ପଣ୍ଡା ଓ ସବିତା ମହାପାତ୍ରଙ୍କ ସୁଯୋଗ୍ୟ ସନ୍ତାନ ଅଟନ୍ତି। ସେହିପରି କୋରାପୁଟ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଟ୍ୟାଲେଣ୍ଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ଦିବ୍ୟଜିତ ପ୍ରଧାନ ୫୫୬ ନମ୍ବର (୯୨.୬୭ ପ୍ରତିଶତ)ରଖି କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି | ଶ୍ରୀମାନ ଦିବ୍ୟଜିତଙ୍କ ପିତା ନିରଞ୍ଜନ ପ୍ରଧାନ (ବୁଲୁ) ଏବଂ ମାତା ରଞ୍ଜିତା ପ୍ରଧାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି | ଶ୍ରୀମାନ ଅଂଶୁମାନ ଓ ଦିବ୍ୟଜିତଙ୍କ ଏହି ସଫଳତା ପାଇଁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବା ସହିତ ଉଭୟଙ୍କ ପିତାମାତା ସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଉଠା ଜଳସେଚନ ବିଭାଗ ଅଧିକାରୀ ଶୂନ୍ୟ

ରହୁନାହାଁନ୍ତି ଅଧିକାରୀ

ହେଉନି ଲୋକଙ୍କ କାମ, ବଢ଼ୁଛି ଅସନ୍ତୋଷ

## ସୁରକ୍ଷା କର୍ମୀ, ଇଲେକ୍ଟ୍ରିକାଲ ଓ ଡ୍ରାଇଭରଙ୍କ ଦ୍ୱାରା ଚାଲୁଛି ଅଫିସ୍




ଆନନ୍ଦପୁର,୨୧।୫ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉଠା ଜଳସେଚନ ବିଭାଗକୁ ନେଇ ଏବେ ଚାଷୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ। ଅଭିଯୋଗ ହେଉଛି, ଦୀର୍ଘ ଦିନ ଧରି ବିଭାଗରେ ସ୍ଥାୟୀ ଭାବେ କୌଣସି ଅଧିକାରୀ ରହୁ ନଥିବାରୁ ସାଧାରଣ ଲୋକଙ୍କ କାମ ଠପ୍ ହୋଇପଡ଼ିଛି। ଅଫିସ୍‌କୁ ଆସୁଥିବା ଚାଷୀ ଓ ଲୋକମାନେ ଦିନ ଦିନ ଧରି ଘୁରି ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ଜଣେ ଅଧିକାରୀ ଏକାଧିକ ପଦବୀର ଦାୟିତ୍ୱ ନେଇଥିବାରୁ ଆନନ୍ଦପୁର ଉଠା ଜଳସେଚନ ବିଭାଗକୁ ସମୟ ଦେଇପାରୁ ନାହାଁନ୍ତି। ଫଳରେ ପ୍ରାୟ ପନ୍ଦର ଦିନ ହେବ ଅଫିସ୍‌ରେ ଅଧିକାରୀଙ୍କ ଦେଖା ମିଳୁନଥିବା ନେଇ ଚର୍ଚ୍ଚା ଚାଲିଛି। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସବୁଠାରୁ ଚମକପ୍ରଦ କଥା ହେଉଛି, ଅଧିକାରୀ ନଥିବା ବେଳେ ଅଫିସ୍‌ଟି ଇଲେକ୍ଟ୍ରିକାଲ, ସୁରକ୍ଷା କର୍ମୀ ଓ ଡ୍ରାଇଭରଙ୍କ ଭରସାରେ ଚାଲୁଥିବା ଅଭିଯୋଗ ହେଉଛି। କେଉଁ କାମ କେବେ ହେବ, କିଏ ଫାଇଲ୍ ଦେଖିବେ ଓ କିଏ ଲୋକଙ୍କୁ ଉତ୍ତର ଦେବେ, ସେନେଇ ଅଫିସ୍‌ରେ କୌଣସି ସ୍ପଷ୍ଟତା ନଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଅଫିସ୍ କର୍ମଚାରୀଙ୍କ କଥାରେ ମଧ୍ୟ ତାଳତୁଳ ନଥିବାରୁ ସନ୍ଦେହ ଆହୁରି ବଢ଼ିଛି।

ଏପଟେ ବିଭାଗରେ ଥିବା ସରକାରୀ ଗାଡ଼ିକୁ ନେଇ ମଧ୍ୟ ଉଠିଛି ସଙ୍ଗିନ ଅଭିଯୋଗ। ଯିଏ ପାଉଛି ସେ ମନଇଚ୍ଛା ଗାଡ଼ି ଚଳାଉଥିବା କୁହାଯାଉଛି। ସରକାରୀ ସମ୍ପତ୍ତିର ଏଭଳି ବ୍ୟବହାର କେତେ ଦୂର ନିୟମସଙ୍ଗତ ତାହାକୁ ନେଇ ପ୍ରଶ୍ନ ଉଠିଛି।

ଚାଷୀମାନେ କହିଛନ୍ତି, ଚାଷ ଋତୁ ଚାଲିଥିବା ବେଳେ ଉଠା ଜଳସେଚନ ବିଭାଗର ଅବହେଳା ସିଧାସଳଖ ଭାବେ ଚାଷ କାମକୁ ପ୍ରଭାବିତ କରୁଛି। ସମୟରେ ମୋଟର ମରାମତି, ପାଣି ଯୋଗାଣ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ହେଉନଥିବାରୁ ଚାଷୀମାନେ ଅସୁବିଧାରେ ପଡ଼ୁଛନ୍ତି। ତେବେ ପ୍ରଶ୍ନ ଉଠୁଛି, କାହିଁକି ଦୀର୍ଘ ଦିନ ଧରି ଆନନ୍ଦପୁର ଉଠା ଜଳସେଚନ ବିଭାଗରେ ସ୍ଥାୟୀ ଅଧିକାରୀ ନିଯୁକ୍ତ ହେଉନାହାଁନ୍ତି ? କାହା ସ୍ୱାର୍ଥରେ ଅଫିସ୍‌କୁ ଅବ୍ୟବସ୍ଥା ଭିତରେ ରଖାଯାଇଛି? ଏବଂ ସରକାରୀ ଗାଡ଼ିର ଦୁର୍ବ୍ୟବହାର ପଛରେ କିଏ ଅଛନ୍ତି? ଏବେ ସାଧାରଣ ଲୋକ ଓ ଚାଷୀମାନେ ଏହାର ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଜଳୁନି ଷ୍ଟ୍ରିଟ୍ ଲାଇଟ୍, ଅନ୍ଧାରରେ ୱାର୍ଡ ବାସିନ୍ଦା



ହିଞ୍ଜିଳିକାଟୁ,୨୧।୫ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବେଙ୍କଟେଶ୍ୱ ନଗର ତଥା ୧୬ ନଂ ୱାର୍ଡରେ କିଛି ଦିନ ହେବ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବାର ଦେଖିବାକୁ ମିଳିଛି। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସହ ଛୋଟ ମୋଟ ଦୁର୍ଘଟଣା ମଧ୍ୟ ଘଟୁଛି । ଷ୍ଟ୍ରିଟ ଲାଇଟ ଜଳୁନଥିବାରୁ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନେ ରାତ୍ରୀ ସମୟରେ ଯିବା ଆସିବାରେ ଭୟଭୀତ ହେଉଛନ୍ତି । ଅନ୍ଧାରର ସୁଯୋଗ ଦେଖି ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ବି ପାଉଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ହାଇମାଷ୍ଟ ଲାଇଟ ଜଳୁ ନ ଥିବା ଜଣାପଡିଛି । ତେବେ ସାହିବାସିନ୍ଦା ତରଫରୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଭାବ କିଛି ପଡୁନଥିବା ଅଭିଯୋଗ ହୋଇଛି | ତେବେ ଏ ନେଇ ତୁରନ୍ତ ପୌର ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ସାହିବାସୀ ଦାବି କରିଛନ୍ତି।

## ଯାଜପୁର ଜିଲ୍ଲାରେ କଳାରେ ୯୨୬୬, ବିଜ୍ଞାନରେ ୫୪୨୮ ଓ ବାଣିଜ୍ୟରେ ୧୦୨୪ ଜଣ ପାସ୍

ଯାଜପୁର,୨୧।୫ (ସଂଚାର ବ୍ୟୁରୋ): ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ)ର ପରୀକ୍ଷା ଫଳ ପ୍ରକାଶ ପାଇଛି। ଯାଜପୁର ଜିଲ୍ଲାରେ ଯୁକ୍ତ ୨ କଳାରେ ମୋଟ ୧୧୫୮୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୪୯୪ ପରୀକ୍ଷା ଦେଇଥିଲେ। କଳାରେ ମୋଟ ୯୨୬୬ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୮୬୬, ଦ୍ୱିତୀୟ ଶ୍ରେଣୀରେ ୧୮୯୭, ୩ୟ ଶ୍ରେଣୀରେ ୫୪୭୬ କମପାର୍ଟମେଣ୍ଟାଲରେ ୨୭ ଛାତ୍ର ଛାତ୍ରୀ ଅଛନ୍ତି। କଳାରେ ପାସ ହାର ଶତକଡା ୮୦.୬୧ । ସେହିପରି ବିଜ୍ଞାନରେ ୫୯୪୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବିଜ୍ଞାନରେ ମୋଟ ୫୪୨୮ ଛାତ୍ରୀ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୭୮୪, ଦ୍ୱିତୀୟ ଶ୍ରେଣୀରେ ୧୨୦୩, ତୃତୀୟ ଶ୍ରେଣୀରେ ୩୫୪ ଏବଂ କମପାର୍ଟମେଣ୍ଟାଲରେ୮୭ ଜଣ ଛାତ୍ରୀଛାତ୍ର ଅଛନ୍ତି। ବିଜ୍ଞାନରେ ଫେଲ ସଂଖ୍ୟା ୫୧୭ । ବିଜ୍ଞାନରେ ପାସ୍ ହାର ଶତକଡା ୯୧.୩। ବାଣିଜ୍ୟରେ ମୋଟ ୧୧୨୫ ଛାତ୍ରୀ ଛାତ୍ରଙ୍କ ମଧ୍ୟରୁ ୧୧୧୮ ଜଣ ପରୀକ୍ଷା ଦେଇଥିଲେ। ବାଣିଜ୍ୟରେ ମୋଟ ୧୦୨୨ ଜଣ ପରୀକ୍ଷାରେ ପାସ କରିଥିଲ। ଏଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୦୯, ଦ୍ୱିତୀୟ ଶ୍ରେଣୀରେ ୨୫୨, ତୃତୀୟ ଶ୍ରେଣୀରେ ୪୫୮, କାମପାର୍ଟମେଣ୍ଟାଲ ୫ ଜଣ ଛାତ୍ରୀଛାତ୍ର ଅଛନ୍ତି। ବାଣିଜ୍ୟରେ ଫେଲ ସଂଖ୍ୟା ୯୪ ଏବଂ ପାସ ହାର ସତକଡା ୯୧.୫୯।

## ଦ୍ୱାଦଶ ପରୀକ୍ଷାରେ ବ୍ୟାସ ଲର୍ନିଙ୍ଗ ଏକାଡେମୀର ଛାତ୍ରଛାତ୍ରୀଙ୍କ ବାଜିମାତ୍



ଯାଜପୁର ରୋଡ୍,୨୧।୫ (ସଂଚାର ବ୍ୟୁରୋ): ଚଳିତ ବର୍ଷ +୨ ପରିକ୍ଷାରେ ବ୍ୟାସନଗର କଲେଜର ଦ୍ୱାଦଶ ବର୍ଷର ବିଜ୍ଞାନ ଛାତ୍ର ସୌମ୍ୟ ରଞ୍ଜନ ସ୍ୱାଇଁ ୫୭୦ ନମ୍ବର୍ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କଳାରେ ରାଜବୀର ମିଶ୍ର ୫୪୮ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରି କଲେଜ ପାଇଁ ଗୌରବ ଆଣିଥିବା ସହିତ ବ୍ୟାସ ଲର୍ନିଙ୍ଗ ଏକାଡେମୀ କୋଚିଂ କେନ୍ଦ୍ରର ଏକ ଅଭୁତପୂର୍ବ ସଫଳତା ଅର୍ଜନ କରିଥିବା ନେଇ ଶିକ୍ଷାନୁଷ୍ଠାନର ଡାଇରେକଟର ମାନସ କୁମାର ମହାପାତ୍ର ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ଭିତରେ ଅମୃତା ପଣ୍ଡା ୫୨୦ନମ୍ବର୍, ଲିପସିତା ଭୂୟାଁ ୫୧୨ ନମ୍ବର, ପ୍ରୀତିପ୍ରଜ୍ଞା ପତ୍ର, ମୋନାଲି ରାଉତ, ରାଜଲକ୍ଷ୍ମୀ ରାଉତ, ହରିଓମ ଫେରାଇ, ସ୍ନେହଙ୍କିତା ନାୟକ ଇତ୍ୟାଦି ଛାତ୍ରଛାତ୍ରୀମାନେ ବ୍ୟାସନଗର କଲେଜରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ୭ ଜଣ ସ୍ଥାନ ଅଳଙ୍କୃତ କରିଥିବା ଦେଖିବାକୁ ମିଳିଛି। ଏହି ଶିକ୍ଷା ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ୬୦ଜଣ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରୁ ୫୫ଜଣ ପ୍ରଥମ ଶ୍ରେଣୀରେ ଉର୍ତ୍ତିର୍ଣ୍ଣ ହୋଇଥିଲା ବେଳେ ବିଜ୍ଞାନରେ ସର୍ବ ମୋଟ ୩୫ରୁ ୩୦ ଜଣ ପ୍ରଥମ ଶ୍ରେଣୀ ଅଧିକାର କରିଛନ୍ତି।

## ବିଶ୍ୱଭାରତୀ ରେସିଡେନ୍ସିଆଲ କଲେଜର ସଫଳତା



ଯାଜପୁର ରୋଡ୍,୨୧।୫ (ସଂଚାର ବ୍ୟୁରୋ):ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ସତ ପ୍ରତିଶତ ସଫଳତା ଅର୍ଜନ କରିଛି ଯାଜପୁର ରୋଡ ସ୍ଥିତ ବିଶ୍ୱଭାରତୀ ରେସିଡେନ୍ସିଆଲ କଲେଜ। ୬୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୫ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୫ଜଣ ଦ୍ୱିତୀୟ ସ୍ଥାନ ଅଧିକାର କରି କଲେଜ ପାଇଁ ଗୌରବ ଆଣିଥିବା ଦେଖିବାକୁ ମିଳିଛି । ୫୪୧ନମ୍ବର ରଖି ଧବଳେଶ୍ୱର ଜେନା କଲେଜରେ ଟପ୍ପର ହୋଇଥିବା ବେଳେ ୭ଜଣ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖିବା ସହିତ ସତ ପ୍ରତିଶତ ଛାତ୍ର ଛାତ୍ରୀ ପାସ କରିଥିବା ଚେୟାରମ୍ୟାନ ଦୀପକ କୁମାର ନାୟକ ସୂଚନା ଦେଇଛନ୍ତି ।

ଜାମୁଡିହ ଆଦର୍ଶ ବିଦ୍ୟାଳୟରେ ଅଘଟଣ


## ଦୁଇ ମହଲା ଛାତରୁ ଖସିପଡ଼ି ଛାତ୍ର ଗୁରୁତର



ନୀଳଗିରି,୨୧।୫ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜାମୁଡିହ ଆଦର୍ଶ ବିଦ୍ୟାଳୟ ରେ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଅଘଟଣ ଘଟିଛି। ହଷ୍ଟେଲର ୨ ତାଲା ଛାତରୁ ଖସି ଜଣେ ୧୩ ବର୍ଷର ଛାତ୍ର ଗୁରୁତର ହୋଇ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି।

ସୂଚନା ମୁତାବକ ଗରଡ଼ିହି ପଞ୍ଚାୟତ ବାଙ୍ଗୀସାହି ଗ୍ରାମର ନୀଳାଦ୍ରି ଜେନାଙ୍କ ପୁତ୍ର ତନ୍ମୟ ଜେନା (୧୩), ଅଷ୍ଟମ ଶ୍ରେଣୀରେ ଅଧ୍ୟାୟନରତ ଛାତ୍ର ଭାବେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତକାଲି ହଷ୍ଟେଲର ସମସ୍ତ ଛାତ୍ର ଖାଇସାରିବା ପରେ ଦୁଇ ତାଲା ଉପରୁ କୌଣସି କାରଣ ପାଇଁ ତନ୍ମୟ ହଷ୍ଟେଲ ଛାତରୁ ତଳକୁ ଖସି ପଡିଥିଲେ। ବିଦ୍ୟାଳୟ ୱାର୍ଡେନ ବା ଶିକ୍ଷକ ସେଠାରେ ପହଞ୍ଚି ପାରିନଥିବା ବେଳେ ଅତି ମୁର୍ମୁଷ ଅବସ୍ଥାରେ ହଷ୍ଟେଲ ସହପାଠୀ ଉଦ୍ଧାର କରି ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ନୀଳଗିରି ମେଡିକାଲରେ ଭର୍ତ୍ତି କରି ଆଶୁ ଚିକିତ୍ସା କରିଥିଲେ। ଏଥିରେ ତାଙ୍କର ଛାତି, ମୁଣ୍ଡ, ମୁହଁରେ ଗଭୀର ଆଘାତ ଲାଗି ନାକ, କାନ ଓ ପାଟିଦେଇ ପ୍ରବଳ ରକ୍ତ ଶ୍ରାବ ହେଉଥିଲା ବେଳେ ଦୁଇ ହାତ ଭାଙ୍ଗି ଯାଇଥିଲା। ଅବସ୍ଥା ଅତି ଉଦବେଗ ଜନକ ଥିବାରୁ ଅକ୍ସିଜେନ ମାସ୍କ ଦେଇ ପରିବାର ଲୋକ କଟକ ବଡ ମେଡିକାଲକୁ ନେଇଥିବା ସୂଚନା ମିଳିଛି।

## 'ଡାଇଗ୍ନୋଷ୍ଟିକ୍ ଅଟୋମେସିନ ଓ ଆଣ୍ଟିମାଇକ୍ରୋବିଆଲ୍ ଷ୍ଟେୱାର୍ଡସିପ୍' ସମ୍ପର୍କିତ କର୍ମଶାଳା ଆୟୋଜିତ



ଭୁବନେଶ୍ୱର,୨୧।୫ (ସଂଚାର ବ୍ୟୁରୋ): ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରା ଅଧିନସ୍ଥ ମାଇକ୍ରୋବାୟୋଲୋଜି ବିଭାଗ ପକ୍ଷରୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ 'ଡାଇଗ୍ନୋଷ୍ଟିକ୍ ଅଟୋମେସିନ ଏବଂ ଆଂଟି ମାଇକ୍ରୋବିଆଲ୍ ଷ୍ଟେୱାର୍ଡସିପ୍' ଶୀର୍ଷକ ଏକ କର୍ମଶାଳା ସଫଳତାର ସହ ନିକଟରେ ଆୟୋଜିତ ହୋଇଯାଇଛି।

ଏହି କର୍ମଶାଳାରେ ଚିକିତ୍ସା ବିଶେଷଜ୍ଞମାନେ ଏକତ୍ରିତ ହୋଇ ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧର ବିଶ୍ୱବ୍ୟାପୀ ଆହ୍ୱାନର ମୁକାବିଲା କରିବା ସହ କିପରି ସ୍ୱୟଂଚାଳିତ ପ୍ରଣାଳୀ ଚିକିତ୍ସା ପ୍ରୋଟୋକଲକୁ ଅଧିକ ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ତାପସୀ ପତି ଏବଂ ଲାବୋରେଟୋରୀ ନିର୍ଦ୍ଦେଶକ ତଥା ମାଇକ୍ରୋବାୟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ଦେବାଶିଷ ସାହୁ ପ୍ରମୁଖ ଯୋଗ ଦେଇ ସ୍ମାର୍ଟ ଡାଇଗ୍ନୋଷ୍ଟିକ୍ ମାଧ୍ୟମରେ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷତା ଆଣିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ବାୟୋମେରିଅକ୍ସର ମେଡିକାଲ୍ ଆଫେୟାର୍ସ ଲିଡ, ବିଶିଷ୍ଟ ଅତିଥି ବକ୍ତା ଡାକ୍ତର ଦେବଜାନୀ ଦେ'ଙ୍କ ଦ୍ୱାରା ପ୍ରଦତ୍ତ ଏକ ଜ୍ଞାନବର୍ଦ୍ଧକ ଅଭିଭାଷଣ। ଏହି ଉପସ୍ଥାପନ ପରେ ଉପସ୍ଥିତ ଶ୍ରୋତାମାନଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସମସ୍ତ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ସମ୍ମାନିତ କରାଯାଇଥିଲା।

## ଦୁଇ ସନ୍ଦିଗ୍ଧ ଯୁବକଙ୍କୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ



ଯୁବକଙ୍କ ପାଖରୁ ବାହାରିଲା ବନ୍ଧୁକ

ଫୁଲବାଣୀ,୨୧।୫ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଗୋଛାପଡା ଅଂଚଳରେ ଦିନକୁ ଦିନ ବିଭିନ୍ନ ପ୍ରକାର ଅପରାଧ ଓ ଅପରାଧିକ କାର୍ଯ୍ୟକଳାପ ବଢ଼ିବଢ଼ି ଚାଲିଥିବା ବେଳେ ବାହାର ଜିଲ୍ଲାର କିଛି ଅସାମାଜିକ ଯୁବକ ଏହି ଅଂଚଳରେ ବିଭିନ୍ନ ଅପରାଧ ଘଟାଇବା ସହ ଆତଙ୍କ ସୃଷ୍ଟି କରିଚାଲିଛନ୍ତି। ଏହି ପରିପେକ୍ଷୀରେ ମଙ୍ଗଳବାର ଏଭଳି ଦୁଇଜଣ ଅସାମାଜିକ ଯୁବକଙ୍କୁ କାବୁ କରି ପୁଲିସର ଜିମା ଦେଇଛନ୍ତି ଗ୍ରାମବାସୀ। ଘଟଣାଟି ଦେଖିବାକୁ ମିଳିଛି ଏହି ଗୋଛାପଡା ଥାନା ପକାରୀ ପଞ୍ଚାୟତର ଗଞ୍ଜୁ ଗାଁରେ।

ମଙ୍ଗଳବାର ଦୁଇଜଣ ଅଚିହ୍ନା ଯୁବକ ଗଞ୍ଜୁ ଗାଁରେ ବୁଲୁଥିବା ବେଳେ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା ପରେ ଗ୍ରାମବାସୀ ଏକଜୁଟ ହୋଇ କୌଶଳ କ୍ରମେ ଏହି ଦୁଇଜଣ ଯୁବକଙ୍କୁ କାବୁ କରି ଅଟକ ରଖିଥିଲେ। ଯୁବକଙ୍କ ପାଖରୁ ଗୋଟିଏ ବନ୍ଧୁକ ବାହାରିବା ପରେ ଏମାନେ କିଛି ଅପରାଧ ଘଟାଇବା ପାଇଁ ଏଠିକି ଆସିଥିବା ଗ୍ରାମବାସୀ ମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ପରେ ଗ୍ରାମବାସୀ ଏହି ଦୁଇ ଜଣ ଯୁବକଙ୍କୁ ଅଟକ ରଖି ପୁଲିସକୁ ଖବର ଦେବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁଇ ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଛି।

ତେବେ ପୁଲିସର କହିବା ଅନୁସାରେ ଏହି ଦୁଇ ଯୁବକ ସମ୍ବଲପୁର ଅଂଚଳର ବୋଲି ଜଣାପଡ଼ିଥିବା ବେଳେ ତଦନ୍ତ ପରେ ଏହି ଯୁବକମାନେ ଏହି ଗଞ୍ଜୁ ଗାଁକୁ କାହିକି ଆସିଥିଲେ ଓ ତାଙ୍କର କଣ ଉଦେଶ୍ୟ ଥିଲା ତାହା ଜଣାପଡିବ।

## ଅବକାରୀ ବିଭାଗର ଚଢ଼ାଉ, ବିପୁଳ ପରିମାଣର ମଦ ଜବତ



ବାଲିଆପାଳ,୨୧।୫ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକରେ ଗୁରୁବାର ଅବକାରୀ ବିଭାଗର ମୋବାଇଲ ଡିମ୍ ସ୍କ୍ୱାଡ ପକ୍ଷରୁ ବ୍ଲକ ଛକ ଠାରୁ ଅନତୀ ଦୂରରେ ରାଜାରାଣୀ ଛକ ଠାରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ଚୋରା ମଦ ବିକ୍ରି ଉପରେ ଜୈନିକ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ଏବଂ ବିଦେଶୀ ମଦ ଜବତ କରିବା ସହିତ ସ୍ୱାମୀ ସ୍ତ୍ରୀ ଦୁଇ ଜଣଙ୍କୁ ବସ୍ତା ଅବକାରୀ ଥାନାକୁ ନିଆଯାଇଛି। ସେହିପରି ବସ୍ତା ବ୍ଲକରୁ ଦରଡା,ବସ୍ତା ଏବଂ ସିଂଲାରେ ପୃଥକ ପୃଥକ ଭାବେ ଚଢ଼ଉ କରି ବିପୁଳ ପରିମାଣରେ ମଦ ଜବତ କରିବା ସହ ଅନ୍ୟ ସାତ ଜଣକୁ ଗିରଫ କରାଯାଇଛି। ବାଲିଆପାଳ ବ୍ଲକରେ ବିଭିନ୍ନ ଛକ ବଜାର ଗାଁ ଗହଳିରେ ଚୋରା ମଦ କାରବାର ବଢୁଛି, ସବୁ ଜାଣି ଶୁଣି ଅବକାରୀ ବିଭାଗର ନିଷ୍କ୍ରିୟତାତାକୁ ସାଧାରଣରେ ପ୍ରକାଶ ପାଉଛି। ବର୍ଷକୁ ଥରେକି ଦୁଇ ଥର ଲୋକ ଦେଖାଣିଆ ଗୋଟିଏ ଦୁଇଟି ସ୍ଥାନରେ ଚଢାଉ କରି ବାଃ ବାଃ ନେଉଛି। ମାତ୍ର ବିଭାଗର ସ୍ଥାଣୁତା ଏବଂ ଆଇନର ଗଳାବାଟ ଦେଇ ଅସାଧୁ ଚୋରା ବ୍ୟବସାୟମାନେ ମଦର ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି।

ଲୋକେ ଅଧିକାରୀଙ୍କୁ ଖବର ଦେଉଥିଲା ବେଳେ ବିଭାଗର କର୍ମଚାରୀ ଅଭାବ କହି ଖସିବାକୁ ଚେଷ୍ଟା କରୁଛନ୍ତି ଉପରିସ୍ଥ ଅଧିକାରୀ। ଚୋରା ମଦ ବ୍ୟବସାୟୀ ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିୟମିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଚୋରା ବ୍ୟବସାୟକୁ ବନ୍ଦ କରିବା ପାଇଁ ଜନନୀ ପରିବାରର ସଭାପତି ଆଇନଜୀବୀ ଜ୍ୟୋତ୍ସ୍ନା ମହାନ୍ତି, ସମାଜସେବୀ ତପସ୍ୱିନୀ କର, ସତ୍ୟକାମ ମହାନ୍ତି ସୁଭଦ୍ରା ରାଉତ,ଝରଣା ରାଉତ, ଯମୁହନା ମଣୀ ମଲ୍ଲୀକ , ସୁଚନା ଅଧିକାର ସଂଘର ସଭାପତି ଅନୁଜ କୁମାର ମହାପାତ୍ର,ପ୍ରମୁଖ ଦାବି କରିଛନ୍ତି। ଏହି ଚଢାଉରେ ମୋବାଇଲ ଡିମ୍ ର ଓଆଇସି ଭବେଶ ଦାସ, ବସ୍ତା ଅବକାରୀ ଓଆଇସି ଜଗନ୍ନାଥ ଭିତିରିଆ ,ଏସଆଇ ଦିଲ୍ଲୀପ ମୁର୍ମୁ, ବାଲିଆପାଳ ଏସାଆଇ ରବିନାରାୟଣ ରଣ ପ୍ରମୁଖ ସାମିଲ ହୋଇଥିଲେ।

ଗ୍ରୋସରୀ ଦୋକାନରୁ ଲୁଟ୍ ଘଟଣା

## ଲୁଟ୍ ବାଇକ, ଟଙ୍କା ଓ ସୁନାମୁଦି ଜବତ



ଯାଜପୁର,୨୧।୫ (ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀସ୍ଥିତ ଗ୍ରୋସରୀ ଦୋକାନ ଲୁଟ ଘଟଣାରେ ପୁଲିସ ସମ୍ପୃକ୍ତ ଲୁଟେରା ୨ ଜଣକୁ ଗିରଫ କରି ଆଣି କୋର୍ଟ ଚାଲାଣ କରିଛି । ଗିରଫଦ୍ୱୟ ହେଲେ ଡୁବୁରୀର ଯୋଗେନ ଦାସ ଏବଂ ସୂଂଗୁଡା ର ପ୍ରତାପ କେଣା । ଏ ସମ୍ପର୍କରେ ଡୁବୁରୀର ଗ୍ରୋସରୀ ଦୋକାନୀ ବିଜୟ ଖଟୁଆ ପୋଲିସ ଠାରେ ଅଭିଯୋଗ କରିଥିଲେ । ପୋଲିସ କେସ ନଂ ୧୩୯ / ୧୫.୫.୨୬ ଧାରା ୩୧୦(୨) ବିଏନ୍‌ଏସ୍ ରେ ମାମଲା ରୁଜୁ କରିଛି । ପୋଲିସ ସେମାନଙ୍କଠାରୁ ଗୋଟିଏ ମୋଟରସାଇକେଲ, ଚୋରି ହୋଇଥିବା ମୋବାଇଲ୍ ଫୋନ୍ ସମେତ ତିନୋଟି ମୋବାଇଲ୍ ଫୋନ୍, ନଗଦ ୬୫୦୦ ଟଙ୍କା ଏବଂ ଦୁଇ ଯୋଡ଼ା ସୁନା ମୁଦି, ଗୋଟିଏ ଛୁରୀ ଜବତ କରିଛି । ଗତ ୧୪ ତାରିଖ ବିଳମ୍ବିତ ରାତିରେ ବିଜୟଙ୍କ ଦୋକାନରୁ ଚୋରୀ ହୋଇଥିଲା।

## ଭାରସାମ୍ୟ ହରାଇ ଗଛକୁ ପିଟିଲା ସାର ବୋଝେଇ ଟ୍ରକ୍, ଚାଳକ ମୃତ



ନବରଙ୍ଗପୁର/ରାଇଘର, ୨୧।୫ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ନିକଟସ୍ଥ କୋଟପାରା ଅଞ୍ଚଳରେ ଆଜି ସକାଳୁ ଘଟିଥିବା ଏକ ଭୟଙ୍କର ସଡ଼କ ଦୁର୍ଘଟଣା ସମଗ୍ର ଅଞ୍ଚଳକୁ ଶୋକାକୁଳ କରିଦେଇଛି। ଜୟପୁରରୁ ସାର ବୋଝେଇ ଆସୁଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଦୁଇଟି ଗଛକୁ ପିଟି ଓଲଟି ପଡ଼ିବାରୁ ଚାଳକଙ୍କ ଘଟଣାସ୍ଥଳରେ ହିଁ କରୁଣ ମୃତ୍ୟୁ ଘଟିଛି। ମୃତ ଚାଳକ ଜଣକ ଜୟପୁର କେନ୍ଦୁଗୁଡା ଗ୍ରାମର କାନ୍ତ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୭ଟା ସମୟରେ ସିଜି-୧୮-କେ-୪୫୮୬ ନମ୍ବର ବିଶିଷ୍ଟ ସାର ବୋଝେଇ ଟ୍ରକ୍‌ଟି ଜୟପୁରରୁ ରାଇଘର ଲ୍ୟାମ୍ପ ଅଭିମୁଖେ ଯାଉଥିଲା। ରାଇଘରଠାରୁ ମାତ୍ର ଏକ କିଲୋମିଟର ଦୂର କୋଟପାରା ନିକଟରେ ହଠାତ୍ ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଦୁଇଟି ବଡ଼ ଗଛକୁ ଭୟଙ୍କର ଭାବେ ପିଟି ହୋଇଥିଲା। ଦୁର୍ଘଟଣାର ଭୟାବହତା ଏତେ ଅଧିକ ଥିଲା ଯେ ଟ୍ରକ୍‌ର ସାମ୍ନା ଅଂଶ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିଲା। ଚାଳକ କାନ୍ତ ଟ୍ରକ୍ ଭିତରେ ଚାପି ହୋଇ ରହିଯାଇଥିବାରୁ ତାଙ୍କୁ ଜୀବନ୍ତ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ଖବର ପାଇ ରାଇଘର ପୋଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚାଲାଇଥିଲେ। ପୋଲିସ ପକ୍ଷରୁ ଘଟଣାର କାରଣ ନେଇ ତଦନ୍ତ ଜାରି ରହିଛି। ଅନ୍ୟପଟେ, ଟ୍ରକ୍‌ରେ ଥିବା ସାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବଢ଼ିଛି। ବର୍ତ୍ତମାନ ସାରର ଅଭାବ ଓ ଚାହିଦାକୁ ଦୃଷ୍ଟିରେ ରଖି ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଉପରେ କଡ଼ା ନଜର ରଖାଯାଇଛି।

# ପଞ୍ଚାୟତ ନିର୍ବାଚନ ପାଇଁ ରାଜନୀତି ସରଗରମ

## ନିର୍ବାଚନକୁ ଦୃଷ୍ଟିରେ ରଖି ୩ ଦଳର ଶିବିର ଚଳଚଞ୍ଚଳ

କାକଟପୁର/ଅସ୍ତରଙ୍ଗ,୨୧।୫ (ସଂଚାର ବ୍ୟୁରୋ): ରାଜ୍ୟ ରାଜନୀତିରେ ହଟସ୍ପଟ ସହ ଚର୍ଚ୍ଚାରେ ଥିବା କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକ ଅଧୀନରେ ପଞ୍ଚାୟତ ନିର୍ବାଚନକୁ ନେଇ ଏବେ ଠାରୁ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଲାଣି । ବିଭିନ୍ନ ରାଜନୈତିକ ଦଳ ମାନସିକ ସ୍ତରରେ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ସହ ବିଭିନ୍ନ ଗ୍ରାମରେ ଆୟୋଜିତ ସଭା ସମିତି ଯୋଗଦେଇ ଜନସମ୍ପର୍କ ବୃଦ୍ଧି କରିବାରେ ଲାଗି ପଡିଛନ୍ତି । ବିଭିନ୍ନ ଦଳର ନେତାମାନେ ଏବେ ମନ୍ଦିର ପ୍ରତିଷ୍ଠା, କ୍ରିକେଟ ଟୁର୍ଣ୍ଣାମେଣ୍ଟ, ନାଟକ ମଞ୍ଚରେ ଉଦ୍‌ଘାଟନ ଭଳି କାର୍ଯ୍ୟକ୍ରମରେ ସାମିଲ ହୋଇ ଜନସମ୍ପର୍କ ଆରମ୍ଭ କରିସାରିଛନ୍ତି । ତେବେ ଦଳୀୟ ଚିହ୍ନରେ ନହେଲେ ବି ପଞ୍ଚାୟତ ନିର୍ବାଚନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ରାଜନୈତିକ ସମର୍ଥନ ଓ ପତିଆରା ବେଶ ଦେଖିବାକୁ ମିଳିଥାଏ ।

୨୦୨୨ ପଞ୍ଚାୟତ ନିର୍ବାଚନକୁ ବିଚାରରେ ନେଲେ ସେତେ ବେଳେ ଏଠାରେ ବିଜେଡିର ପତିଆରା ରହିଥିଲା । କିନ୍ତୁ କିଛି ବର୍ଷପରେ ୨୦୨୪ ନିର୍ବାଚନ ପୂର୍ବରୁ ମିଳିତ ମେଣ୍ଟ ସଦସ୍ୟମାନେ ବିଜେଡି ସମୀକରଣ ବଦଳାଇବାକୁ ବିଜେପିରେ ମିଶିଥିଲେ । ଏହାପରେ ୨୦୨୪ ନିର୍ବାଚନରେ ବିଜେପି କ୍ରମଶଃ ସଶକ୍ତ ହେବାସହ ଜଗତସିଂହପୁର ସାଂସଦ ଡ଼ଃ ବିଭୁପ୍ରସାଦ ତରାଇ ବିଜେପିରୁ ବିଜୟ ହୋଇଥିବା ବେଳେ କାକଟପୁର ବିଧାୟକ ଭାବେ ପୂର୍ବପରି ତୁଷାରକାନ୍ତି ବେହେରା ବିଜୟ ମୁକୁଟ ପିନ୍ଧିଥିଲେ । ସରକାର ପରିବର୍ତ୍ତନ ପରେ ବିଜେପି ମୁହାଁ ଅନେକ ସମର୍ଥକ ହୋଇଥିବା ଚର୍ଚ୍ଚା ଜୋରଧରିଛି । ଫଳରେ ଗୋଟିଏ ପଟେ ବିଜେଡି ସାଧାରଣ ନିର୍ବାଚନର ସଫଳତାକୁ ଦୋହରାଇବାକୁ ଉଦ୍ୟମ ଆରମ୍ଭ କରିଥିବା ବେଳେ ଅନ୍ୟପଟେ ବିଜେପି ବି ସ୍ଥିତି ବଜାୟ ରଖିବାକୁ ସ୍ୱତନ୍ତ୍ର ରଣକୌଶଳ କରିବା ନେଇ ଚର୍ଚ୍ଚା ଜୋରଧରିଛି । ଅନ୍ୟ ପଟେ ବିଜେଡି ଓ ବିଜେପି ମଧ୍ୟରେ ଅନ୍ତଃ କନ୍ଦଳରେ କଂଗ୍ରେସ ନୂତନ ସଭାପତି ପ୍ରତାପ ଖୁଣ୍ଟିଆଙ୍କ ନେତୃତ୍ୱରେ କଂଗ୍ରେସ ମଧ୍ୟ ବୈଠକ ସହ ରଣନୀତି ଆରମ୍ଭ କରିସାରିଛି। କିନ୍ତୁ ୨୦୨୪ ନିର୍ବାଚନ ପରେ ବିଜେପିରେ ବର୍ତ୍ତମାନ ଥିବା ଦୁଇ ପୂର୍ବତନ ବିଧାୟକଙ୍କ ମଧ୍ୟରେ ଅନ୍ତଃ କନ୍ଦଳ ଥିବାରୁ ବିଜେପିରେ ଗୋଷ୍ଠି ସଂଘର୍ଷ ଭିତିରିଆ ରହିଛି । ଯାହାର ଫାଇଦା ବିଜେଡି କିମ୍ବା କଂଗ୍ରେସ ନେଇପାରନ୍ତି ।

ଯାହା ବର୍ତ୍ତମାନ ସୂଚନାରୁ ଜଣା ପଡୁଛି ବିଜେପି ୫ବର୍ଷର ସଫଳତାକୁ ଲୋକଙ୍କ ନିକଟରେ ପହଁଞ୍ଚାଇବାକୁ ରଣନୀତି କରିଥିବା ବେଳେ ବିଜେଡି ମଧ୍ୟ ବ୍ଲକ ସହ ନୂତନ ସରକାରଙ୍କ ବିଫଳତାକୁ ନେଇ ଲୋକଙ୍କ ନିକଟରେ ପହଁଚିବ । ଅନ୍ୟପଟେ ଉଭୟଙ୍କ ପ୍ରତିଦ୍ୱନ୍ଦିତା ମଧ୍ୟରେ କଂଗ୍ରେସ ମଧ୍ୟ ପୁରୁଣା କର୍ମୀମାନଙ୍କୁ ନେଇ ବ୍ଲକ ଦଖଲ ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଛି । ଫଳରେ ୨୦୨୭ରେ ଶାସକ ବିଜେପି ଓ ବିରୋଧୀ ବିଜେଡି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିପାରେ ।

OFFICE OF THE SUPERINTENDING ENGINEER,
KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: pwdoff_khd@yahoo.com
Tender Call Notice
Bid Identification No. S.E.-KHD-(R&B)-03/26-27
Letter No. 265 did. 20/5/26

The **Superintending Engineer, Khordha (R&B) Division, Khordha** on behalf of Governor of Odisha invites **Percentage Rate bids in Single Cover System** from **appropriate Class of contractors as detailed** below registered with the State Governments and Contractors of equivalent Grade / Class registered with Central Government / MES / Railways for execution of the **Civil work.** The bidder not registered under the state government has to register under the state PWD in appropriate class of eligibility before signing of the agreement

| | | |
|---|---|---|
| 1. Nature of Work | : | Building works |
| 2. No of Work | : | 2 Nos. |
| 3. Tender Cost | : | Rs. 6000.00 (Online) |
| 4. Class of Contractor | : | Sl.No. 01 C & B Class Contractor |
| | : | Sl.No. 02 D & C Class Contractor |
| 5. Available of Bid documents in the web site. | : | From Dt. 25.05.2026 at 9.00 A.M to Dt 03.06.2026 at 1.00 PM |
| 6. Date of opening of Bids | : | Dt 04.06.2026 at 11.00 AM |

7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any information regarding Addendum / Corrigendum / Cancellation of tender can be available in the said website.


Superintending Engineer
Khordha (R&B) Division, Khordha

# ଡିଜେଲ ଦର ବଢ଼ିବା ପରେ ମହଙ୍ଗା ହେବ ପରିବହନ ଖର୍ଚ୍ଚ




**ନୂଆଦିଲ୍ଲୀ,୨୧।୫:** ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧିର ପ୍ରଭାବ ଏବେ ସାଧାରଣ ଜନତାଙ୍କ ପକେଟ୍ ଉପରେ ପଡ଼ିବାକୁ ଯାଉଛି। ସମ୍ପ୍ରତି ଇନ୍ଧନ ମୂଲ୍ୟ ବୃଦ୍ଧି ପାଇବା ପରେ ପରିବହନ ବ୍ୟବସାୟୀ ବା ଟ୍ରକ ଅପରେଟରମାନେ ଗାଡ଼ି ଭଡ଼ା ବଢ଼ାଇବା ପାଇଁ ଇନ୍ଧନ ସହ ଜଡ଼ିତ 'ଫୁଏଲ୍-ଲିଙ୍କଡ୍ ସରଚାର୍ଜ' ଲାଗୁ କରିବା ଆରମ୍ଭ କରିଛନ୍ତି। ଏହି ପଦକ୍ଷେପ ଯୋଗୁ ଆଗାମୀ ଦିନରେ ରୋଷେଇ ଘରର ବଜେଟ୍ ବିଗିଡ଼ିବା ସହ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ, କ୍ଷୀର, ପରିବା, ଔଷଧ ଏବଂ ଅନଲାଇନ୍ ଡେଲିଭରି ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ସାଧାରଣ ଖାଉଟିଙ୍କ ଉପରେ ପଡ଼ିବ ପ୍ରଭାବ ଇନ୍ଧନ ମୂଲ୍ୟରେ ଲିଟର ପିଛା ହୋଇଥିବା ମୂଲ୍ୟ ବୃଦ୍ଧି ଯୋଗୁ ଏହାର ପରିଣାମ ସମଗ୍ର ଯୋଗାଣ ଶୃଙ୍ଖଳା ଉପରେ ପଡ଼ିଥାଏ। ଉତ୍ପାଦନ ସ୍ଥଳରୁ ବଜାର ପର୍ଯ୍ୟନ୍ତ ସାମଗ୍ରୀ ପହଞ୍ଚାଇବା ପାଇଁ ଡିଜେଲ ଚାଳିତ ଟ୍ରକ ଉପରେ ନିର୍ଭର କରିବାକୁ ପଡୁଥିବାରୁ, ପରିବହନ ଖର୍ଚ୍ଚ ବଢ଼ିଲେ ବ୍ୟବସାୟୀମାନେ ଏହି ବୋଝ ଗ୍ରାହକମାନଙ୍କ ଉପରେ ପକାଇବେ। ବିଶେଷ କରି ଶୀଘ୍ର ନଷ୍ଟ ହୋଇଯାଉଥିବା ସାମଗ୍ରୀ ଯେପରିକି ପନିପରିବା, ଫଳ, କ୍ଷୀର, ଦହି ଏବଂ ପନିର ଆଦିର ଦାମ୍ ପ୍ରଥମେ ପ୍ରଭାବିତ ହେବ। କାହିଁକି ବଢୁଛି ପରିବହନ ଖର୍ଚ୍ଚ? ପରିବହନ ସଂଘଗୁଡ଼ିକର ସୂଚନା ଅନୁଯାୟୀ, ଟ୍ରକ ଚଲାଇବା ପାଇଁ ହେଉଥିବା ମୋଟ ଖର୍ଚ୍ଚର ପ୍ରାୟ ୪୦-୫୦% ଭାଗ କେବଳ ଡିଜେଲ ବାବଦରେ ହୋଇଥାଏ। ଏହା ବ୍ୟତୀତ ଟାୟାର, ସ୍ପେୟାର୍ ପାର୍ଟସ୍ ଏବଂ ମେଣ୍ଟେନାନ୍ସ ଖର୍ଚ୍ଚ ମଧ୍ୟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ନିଜର ଆର୍ଥିକ କ୍ଷତି ଭରଣା କରିବା ପାଇଁ ଟ୍ରକ ମାଲିକମାନେ ଭଡ଼ା ବୃଦ୍ଧି କରିବାକୁ ବାଧ ହେଉଛନ୍ତି। ଅଲ୍ ଇଣ୍ଡିଆ ଟ୍ରାନ୍ସପୋର୍ଟର୍ସ ୱେଲଫେୟାର ଆସୋସିଏସନ ପକ୍ଷରୁ କୁହାଯାଇଛି ଯେ, ଏହି ଇନ୍ଧନ ଦର ବୃଦ୍ଧି ଯୋଗୁ ମାଲ ପରିବହନ ଖର୍ଚ୍ଚ ପ୍ରାୟ ୩% ରୁ ୨୦% ପର୍ଯ୍ୟନ୍ତ ବଢ଼ିପାରେ। ଲାଷ୍ଟ-ମାଇଲ୍ ଏବଂ ଅନଲାଇନ୍ ଡେଲିଭରି ହେବ ମହଙ୍ଗା କେବଳ ଦୂରଦୂରାନ୍ତର ଟ୍ରକ ପରିବହନ ନୁହେଁ, ବରଂ ସହର ଭିତରେ ସାମଗ୍ରୀ ଯୋଗାଉଥିବା ଲାଷ୍ଟ-ମାଇଲ୍ ଡେଲିଭରି ଏବଂ ବ୍ଲିଙ୍କଇଟ୍ ଭଳି କ୍ୱିକ୍ କମର୍ସ ଆପ୍ ମଧ୍ୟ ଏହା ଦ୍ୱାରା ପ୍ରଭାବିତ ହେବେ। କମ୍ପାନୀଗୁଡ଼ିକ ଉପରେ ପରିବହନ ବାବଦରେ ବଢୁଥିବା ଅତିରିକ୍ତ ଖର୍ଚ୍ଚ ଶେଷରେ ଡେଲିଭରି ଚାର୍ଜ ଆକାରରେ ଗ୍ରାହକଙ୍କ ଠାରୁ ଆଦାୟ କରାଯିବ। ସରକାରଙ୍କୁ ସଂଘର ନିବେଦନ ଇନ୍ଧନ ଦର ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିବା ସହ ପରିବହନ ସଂଘଗୁଡ଼ିକ ମଧ୍ୟସ୍ଥିମାନଙ୍କର ଲୋଭଖୋରୀ ମାନସିକତାକୁ ନେଇ ସତର୍କ କରାଇଛନ୍ତି।


# ୩୮ ମାସରେ ପ୍ରସ୍ତୁତ ହେଲା ବିଶ୍ୱର ସବୁଠାରୁ ବଡ଼ ରେଳ ଷ୍ଟେସନ



**ବେଜିଂ,୨୧।୫:** ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ତଥା ଟେକ୍ନୋଲୋଜି ଜଗତର ମହାନାୟକ ଏଲନ୍ ମସ୍କ ନିକଟରେ ଚୀନ ଗସ୍ତ ସମୟରେ ସୋସିଆଲ ମିଡିଆ ପ୍ଲାଟଫର୍ମ "ଏକ୍ସ" ରେ ଚୀନରେ ନିର୍ମିତ ବିଶ୍ୱର ସବୁଠାରୁ ବଡ଼ ରେଳ ଷ୍ଟେସନ "ଚୋଙ୍ଗକିଙ୍ଗ୍ ଇଷ୍ଟ ରେଲୱେ ଷ୍ଟେସନ"ର ଏକ ଭିଡିଓ ସେୟାର କରିଛନ୍ତି। ସାଧାରଣ ପରିବହନ ବ୍ୟବସ୍ଥା ପ୍ରତି ସର୍ବଦା ସନ୍ଦେହ ପ୍ରକାଶ କରୁଥିବା ମସ୍କ ଭିଡିଓଟିକୁ ସେୟାର କରିବା ପରେ ସମଗ୍ର ବିଶ୍ୱରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଷ୍ଟେସନର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଯେଉଁ ବୃହତ୍ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅନ୍ୟ ଦେଶଗୁଡ଼ିକୁ ଦଶନ୍ଧି ଦଶନ୍ଧି ସମୟ ଲାଗିଯାଏ, ଚୀନ ମାତ୍ର ୩୮ ମାସ ମଧ୍ୟରେ ଏହି ବିଶାଳ ୧.୨୨ ମିଲିୟନ ବର୍ଗ ମିଟର ବିଶିଷ୍ଟ ଷ୍ଟେସନକୁ ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରି ଦେଖାଇଛି। ଚୀନର ସରକାରୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବା ପଛରେ ରହିଛି ଚୀନର ଏକ ବିଶାଳ "ରୋବଟ୍ ସେନା"। ଚୋଙ୍ଗକିଙ୍ଗ୍ ଇଷ୍ଟ ଷ୍ଟେସନର ଭିଡିଓ ସେୟାର କଲେ ଏଲନ୍ ମସ୍କ ଚୀନର ଦକ୍ଷିଣ-ପଶ୍ଚିମ ଭାଗରେ ଅବସ୍ଥିତ ଚୋଙ୍ଗକିଙ୍ଗ୍ ସହର ହେଉଛି ଜନସଂଖ୍ୟା ଓ ପ୍ରଶାସନିକ କ୍ଷେତ୍ର ଅନୁଯାୟୀ ଦେଶର ସବୁଠାରୁ ବଡ଼ ମେଗାସିଟି। ୧୯୬୦ ଦଶକରେ ମାଓ ଜେଡୋଙ୍ଗଙ୍କ "ଥାର୍ଡ ଫ୍ରଣ୍ଟ କ୍ୟାମ୍ପେନ" ଜରିଆରେ ଏହି ଅଞ୍ଚଳର ଶିଳ୍ପାୟନର ମୂଳଦୁଆ ପଡ଼ିଥିଲା। ଆଜି ୪୪୦ ବିଲିୟନ ଡଲାରରୁ ଅଧିକ ଜିଡିପି ସହ ଏହା ଏକ ପ୍ରମୁଖ ଅର୍ଥନୈତିକ ଶକ୍ତି କେନ୍ଦ୍ର ପାଲଟିଛି, ଯେଉଁଠାରେ ମେଟ୍ରୋ ଟ୍ରେନ୍ ଆପାର୍ଟମେଣ୍ଟ ବିଲ୍ଡିଂ ଭିତର ଦେଇ ଗତି କରିଥାଏ। ଏହି ସହରର ବର୍ଦ୍ଧିତ ପରିବହନ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିର୍ମିତ ଚୋଙ୍ଗକିଙ୍ଗ୍ ଇଷ୍ଟ ଷ୍ଟେସନରେ ୧୫ଟି ପ୍ଲାଟଫର୍ମ ଓ ୨୯ଟି ଟ୍ରାକ୍ ରହିଛି ଏବଂ ଏହା ୮ ମହଲା ବିଶିଷ୍ଟ ଏକ ମଲ୍ଟି-ମୋଡାଲ୍ ହବ୍, ଯାହା ହାଇ-ସ୍ପିଡ୍ ରେଲ୍, ମୋନୋରେଲ୍ ଓ ବସକୁ ଏକତ୍ର ସଂଯୋଗ କରେ। ୪୦ ଡିଗ୍ରୀରୁ ଅଧିକ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଏହି ପାହାଡ଼ିଆ ଅଞ୍ଚଳରେ ମାନବ ଶ୍ରମ ବଦଳରେ କୃତ୍ରିମ ବୁଦ୍ଧିମତା ବା 'ଏଆଇ' ଓ ୫ଜି ଜ୍ଞାନକୌଶଳରେ ସଜ୍ଜିତ ଲେଜର-ଗାଇଡେଡ୍ ରୋବଟ୍ ଗୁଡ଼ିକ ମଣିଷ ତୁଳନାରେ ତିନି ଗୁଣ ଅଧିକ ବେଗରେ କଂକ୍ରିଟ୍ ସମତୁଲ କରିଥିଲେ।

# ତେଲ ପାଇଁ ଅନ୍‌ଲାଇନରେ ଖାଦ୍ୟ ବରାଦ ମହଙ୍ଗା ହେବ

**ନୂଆଦିଲ୍ଲୀ,୨୧।୫:** ଅନଲାଇନ୍ ପ୍ଲାଟଫର୍ମରୁ ଖାଦ୍ୟ ଓ ଅନ୍ୟାନ୍ୟ ଜିନିଷ ମଗାଇବା ଆହୁରି ମହଙ୍ଗା ହେବାକୁ ଯାଉଛି। ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ଓ ଅଶୋଧିତ ତୈଳର ବୃଦ୍ଧି ଯୋଗୁଁ ଦେଶରେ ପେଟ୍ରୋଲ୍ ଓ ଡିଜେଲ୍ ମୂଲ୍ୟ ପ୍ରତି ଲିଟରକୁ ୪ ଟଙ୍କା ପାଖାପାଖି ବୃଦ୍ଧି ପାଇଛି। ଏହା ସ୍ୱିଗି ଓ ଜୋମାଟୋ ଭଳି କମ୍ପାନିର ଖର୍ଚ୍ଚ ବୃଦ୍ଧି କରିଛି। ଏଲାଇରା କ୍ୟାପିଟାଲର ଏକ ରିପୋର୍ଟ ଅନୁଯାୟୀ ବର୍ଦ୍ଧିତ ଇନ୍ଧନ ମୂଲ୍ୟ ସିଧାସଳଖ କମ୍ପାନିଗୁଡ଼ିକର ମାର୍ଜିନକୁ ପ୍ରଭାବିତ କରୁଛି। କମ୍ପାନିଗୁଡ଼ିକ ଏହି ଅତିରିକ୍ତ ଖର୍ଚ୍ଚ ଗ୍ରାହକଙ୍କ ଉପରେ ଲଦିବା ଆଶଙ୍କା ରହିଛି। ଫଳସ୍ୱରୂପ ସେମାନେ ପ୍ରତ୍ୟେକ ଅର୍ଡର ପାଇଁ ଡେଲିଭରି ଚାର୍ଜ କିମ୍ବା ଅନ୍ୟାନ୍ୟ ଫି ବୃଦ୍ଧି କରିପାରନ୍ତି। ଜୋମାଟୋ ଓ ସ୍ୱିଗି ମାର୍ଚ୍ଚ ମାସରେ ହିଁ ପ୍ଲାଟଫର୍ମ ଫି ବୃଦ୍ଧି କରିଥିଲେ। ୨୦୨୩ ରୁ ୨୦୨୬ ମଧ୍ୟରେ ଜୋମାଟୋ ଓ ସ୍ୱିଗିରେ ପ୍ଲାଟଫର୍ମ ଫି ନଅ ଗୁଣ ବୃଦ୍ଧି ପାଇଛି। ଜୋମାଟୋ ଗତ ମାର୍ଚ୍ଚ ୨୦ରେ ଏହାର ପ୍ଲାଟ୍‌ଫର୍ମ ଫି ୨ ଟଙ୍କା ୪୦ ବୃଦ୍ଧି କରି ୧୪ ଟଙ୍କା ୯୦ ପଇସା କରିଛି। ଅନ୍ୟପକ୍ଷରେ ସ୍ୱିଗି ଗତ ମାର୍ଚ୍ଚ ୨୪ରୁ ପ୍ରତ୍ୟେକ ବରଦରେ ଏହାର ପ୍ଲାଟ୍‌ଫର୍ମ ଫି ୧୭% ବୃଦ୍ଧି କରିଛି। ପ୍ରତି ବରାଦ ପାଇଁ ୧୪ ଟଙ୍କା ବଦଳରେ ବ୍ୟବହାରକାରୀମାନେ ଏବେ ୧୭.୫୮ ଟଙ୍କା ଦେଉଛନ୍ତି। କ୍ୱିକ୍ କମର୍ସ କମ୍ପାନିଗୁଡ଼ିକର ବରାଦ ପିଛା ଖର୍ଚ୍ଚ ୧ ଟଙ୍କା ୨୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇବ ରିପୋର୍ଟ ଅନୁସାରେ ତେଲ ଦରବୃଦ୍ଧି ପାଇଁ କ୍ୱିକ୍ କମର୍ସ କମ୍ପାନିଗୁଡ଼ିକର ବରାଦ ପିଛା ଖର୍ଚ୍ଚ ୧ ଟଙ୍କା ୨୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇବ। ପ୍ରତି ବରାଦ ପିଛା କ୍ୱିକ୍ କମର୍ସ କମ୍ପାନିଗୁଡ଼ିକର ଖର୍ଚ୍ଚ ୩୫-୫୦ ଟଙ୍କା ମଧ୍ୟରେ ଓ ଭୋଜନ ପହଞ୍ଚାଉଥିବା କମ୍ପାନିଗୁଡ଼ିକର ଖର୍ଚ୍ଚ ୫୫-୬୦ ଟଙ୍କା ମଧ୍ୟରେ ରହୁଛି। ହାରାହାରି ଭାବେ ବରାଦ ପିଛା ଜୋମାଟୋର ଖର୍ଚ୍ଚ ୪୫ ଟଙ୍କା ଓ ସ୍ୱିଗିର ୫୫ ଟଙ୍କା ରହୁଛି। ହାରାହାରି ଭାବେ ମୋଟ୍ ଡେଲିଭରି ଖର୍ଚ୍ଚରେ ଇନ୍ଧନର ଭାଗ ୨୦ ପ୍ରତିଶତ ରହୁଛି। ସେହି ହିସାବରେ ବରାଦ ପିଛା ୯ରୁ ୧୦ ଟଙ୍କାର ତେଲ ପୋଡୁଛି। ନିକଟରେ ପେଟ୍ରୋଲ ଓ ଡିଜେଲ ଦରରେ ହୋଇଥିବା ୪ ଟଙ୍କାର ବୃଦ୍ଧି ପାଇଁ କମ୍ପାନିଗୁଡ଼ିକ ପ୍ରତି ବରାଦ ପିଛା ୪୪ ପଇସା କ୍ଷତି ସହୁଛନ୍ତି। ଯଦି ଆଗାମୀ ଦିନରେ ପେଟ୍ରୋଲ ଦାମ୍ ୧୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ ତେବେ ପ୍ରତି ବରାଦ ପିଛା କ୍ଷତି ୧ ଟଙ୍କା ୨୦ ପଇସା ପର୍ଯ୍ୟନ୍ତ ପହଞ୍ଚିଯିବ। ସେଭଳି ମାମଲାରେ କମ୍ପାନିଗୁଡ଼ିକ ଗ୍ରାହକଙ୍କଠାରୁ ସେହି ଖର୍ଚ୍ଚ ଆଦାୟ କରିବାକୁ ଚାହିଁବେ।




# ବ୍ୟାଙ୍କ୍‌ରୁ ଟଙ୍କା ଟ୍ରାନ୍ସଫର ପାଇଁ ଆସିବ ଦୁଇଟି ଓଟିପି

**ନୂଆଦିଲ୍ଲୀ,୨୧।୫:** ଏବେ, ବ୍ୟାଙ୍କିଙ୍ଗ କାରବାର ସମୟରେ, ଏକ ପ୍ରମାଣୀକରଣ ଓଟିପି କେବଳ ଆକାଉଣ୍ଟଧାରୀଙ୍କୁ ନୁହେଁ ବରଂ ସେମାନଙ୍କ ବିଶ୍ୱସ୍ତ ସମ୍ପର୍କ ଏବଂ ପରିବାର ସଦସ୍ୟଙ୍କ ମୋବାଇଲ ଫୋନକୁ ପଠାଯିବ। ଉଭୟ ଓଟିପି ଯାଞ୍ଚ ହେବା ପରେ ହିଁ ଟଙ୍କା ସ୍ଥାନାନ୍ତରିତ ହେବ। ଏହି ସୁବିଧା ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱେଚ୍ଛାକୃତ। ହରିୟାଣା ପୋଲିସ ଦ୍ୱାରା ଜାରି କରାଯାଇଥିବା ଏକ ଟ୍ୱିଟ ଅନୁଯାୟୀ, ଏହା ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ "ଡବଲ ଓଟିପି ସିଷ୍ଟମ"। ବର୍ତ୍ତମାନ, ଏହି ବ୍ୟବସ୍ଥା ଗୁରୁଗ୍ରାମ ଏବଂ ଫରିଦାବାଦରେ ଏଚ୍‌ଡିଏଫସି ବ୍ୟାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି। ଏହା ସହିତ, ପୋଲିସ ଏକ ଆବେଦନ ଜାରି କରିଛି ଯେଉଁଥିରେ ନାଗରିକମାନଙ୍କୁ ସେମାନଙ୍କର ଓଟିପି, ପିନ୍ କିମ୍ବା ପାସୱାର୍ଡ କାହା ସହିତ ସେୟାର ନକରିବାକୁ ଏବଂ କୌଣସି ସାଇବର ଠକେଇ ହେଲେ ତୁରନ୍ତ ୧୯୩୦ରେ କଲ କରିବାକୁ ଅନୁରୋଧ କରାଯାଇଛି। ହରିୟାଣା ପୋଲିସର ଆଇପିଏସ୍ ଉପାସନା ସାଇବର ଠକେଇ, "ଡିଜିଟାଲ ଗିରଫ" ଏବଂ ଅନ୍ୟାନ୍ୟ ଆର୍ଥିକ ଠକେଇରୁ ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ପଦକ୍ଷେପ ଘୋଷଣା କରିବାକୁ 'ଏକ୍ସ' ବ୍ୟବହାର କରିଛନ୍ତି। ଏହି ପଦକ୍ଷେପ ହେଉଛି "ଡବଲ ଓଟିପି ସିଷ୍ଟମ", ଏକ ସୁବିଧା ଯାହା ଗୁରୁଗ୍ରାମ ଏବଂ ଫରିଦାବାଦରେ ଏଚ୍‌ଡିଏଫସି ବ୍ୟାଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଏହି ପଦକ୍ଷେପ ନିଶ୍ଚିତ କରେ ଯେ ଆକାଉଣ୍ଟରୁ ପାଣ୍ଠି ସ୍ଥାନାନ୍ତର କେବଳ ଆକାଉଣ୍ଟଧାରୀ ଏବଂ ସେମାନଙ୍କର ଜଣେ ନିଯୁକ୍ତ ବିଶ୍ୱସ୍ତ ସମ୍ପର୍କ ଦ୍ୱାରା ଯାଞ୍ଚ ହେବା ପରେ ହୁଏ। ଏହି ସେଚ୍ଛାକୃତ ଡବଲ ଓଟିପି ସୁବିଧାର ଉଦ୍ଦେଶ୍ୟ ହେଉଛି ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କୁ ସାଇବର ଅପରାଧ ଏବଂ ଆର୍ଥିକ କ୍ଷତିରୁ ରକ୍ଷା କରିବା। ଡବଲ ଓଟିପି ସିଷ୍ଟମ ଅଧୀନରେ, ବରିଷ୍ଠ ନାଗରିକ (ଆକାଉଣ୍ଟଧାରୀ) ଏବଂ ସେମାନଙ୍କର ଜଣେ ବିଶ୍ୱସ୍ତ ସମ୍ପର୍କ କିମ୍ବା ପରିବାରର ସଦସ୍ୟ ପ୍ରତ୍ୟେକଙ୍କୁ ଏକ ପୃଥକ ଓଟିପି ମିଳିବ। ଉଭୟ ଓଟିପି ବ୍ୟାଙ୍କରେ ଦାଖଲ ହେବା ପରେ ହିଁ ଏକ ଆର୍ଥିକ ସ୍ଥାନାନ୍ତର ପ୍ରକ୍ରିୟାକରଣ କରାଯିବ; ନଚେତ୍, କାରବାର ଅବରୋଧିତ ହେବ। ହିନ୍ଦୁସ୍ତାନ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଏଚ୍‌ଡିଏଫସି ବ୍ୟାଙ୍କର ପ୍ରୋଜେକ୍ଟ ନୋଡାଲ ଅଧିକାରୀ ବିପିନ ଗୁପ୍ତା କହିଛନ୍ତି ଯେ ହରିୟାଣା ଡିଜିପି ଅଜୟ ସିଂହଲ ମୂଳତଃ ଏହି ଯୋଜନାର ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ପରେ, ବ୍ୟାଙ୍କ ୧୪ ଏପ୍ରିଲ, ୨୦୨୬ରେ ପ୍ରୋଜେକ୍ଟ ଉପରେ କାମ ଆରମ୍ଭ କରିଥିଲା; ବର୍ତ୍ତମାନ, ଗୁରୁଗ୍ରାମ ଏବଂ ପଞ୍ଚକୁଲାରେ ଅତି କମରେ ୫୦ ଟି ଏଚ୍‌ଡିଏଫସି ବ୍ୟାଙ୍କ ଶାଖା ବରିଷ୍ଠ ନାଗରିକମାନଙ୍କୁ ଏହି ସୁବିଧା ପ୍ରଦାନ କରୁଛି।




# କେବଳ ହେଲୋ ପଠାଇଲେ ମିଳିବ ପିଏଫ ଆକାଉଣ୍ଟର ସମସ୍ତ ସୂଚନା

**ନୂଆଦିଲ୍ଲୀ,୨୧।୫:** କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫ୍‌ଓ) ଖୁବଶୀଘ୍ର କୋଟି କୋଟି ଆକାଉଣ୍ଟଧାରୀଙ୍କ ପାଇଁ ଏକ ବଡ଼ ଡିଜିଟାଲ ସୁବିଧା ଆରମ୍ଭ କରିବାକୁ ଯାଉଛି । ଏବେ ପିଏଫ ଆକାଉଣ୍ଟଧାରୀମାନଙ୍କୁ ନିଜ ଆକାଉଣ୍ଟ ବିଷୟରେ ଜାଣିବା ପାଇଁ ୱେବସାଇଟ ଲଗ୍-ଇନ୍ କରିବାକୁ କିମ୍ବା କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ । ଆସନ୍ତା ଏକ ମାସ ମଧ୍ୟରେ ଇପିଏଫ୍‌ଓ ଏକ ହ୍ୱାଟସଆପ ଆଧାରିତ ସେବା ଆରମ୍ଭ କରିବ, ଯେଉଁଠାରେ କେବଳ ଏକ ମେସେଜ ପଠାଇ ସଦସ୍ୟମାନେ ନିଜ ପିଏଫ ଆକାଉଣ୍ଟ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇପାରିବେ । ଏହି ନୂତନ ବ୍ୟବସ୍ଥା ଅଧୀନରେ ଇପିଏଫ୍‌ଓ ଏକ ସାଧାରଣ ହ୍ୱାଟ୍ସଆପ୍ ନମ୍ବର ଜାରି କରିବ, ଯାହା ସାରା ଦେଶରେ ବ୍ୟବହାର କରାଯିବ । ସଦସ୍ୟମାନେ ଏହି ନମ୍ବରକୁ କେବଳ 'ହେଲୋ' ଲେଖି ମେସେଜ ପଠାଇବେ । ଏହା ପରେ ସେମାନଙ୍କୁ ଅନେକ ସେବାର ବିକଳ୍ପ ଦେଖାଯିବ । ଏହି ସୁବିଧା ମାଧ୍ୟମରେ ଲୋକମାନେ ନିଜର ପିଏଫ୍ ବାଲାନ୍ସ, ଶେଷ ପାଞ୍ଚଟି କାରବାର, କ୍ଲେମ ଷ୍ଟାଟସ ଏବଂ ବିଚାରାଧୀନ ମାମଲା ବିଷୟରେ ସହଜରେ ଜାଣିପାରିବେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସଦସ୍ୟମାନେ ନିଜ ଆଞ୍ଚଳିକ ଭାଷାରେ ମଧ୍ୟ ଏହି ସୂଚନା ପାଇପାରିବେ । ଇପିଏଫ୍‌ଓର ଏହି ନୂତନ ସେବା ସମ୍ପୂର୍ଣ୍ଣ ଭାବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ ଚାଟବଟ ସହିତ ଜଡ଼ିତ ହେବ । ଏହି ଚାଟବଟ ଲୋକଙ୍କ ସାଧାରଣ ପ୍ରଶ୍ନର ଉତ୍ତର ୨୪ ଘଣ୍ଟା ଧରି ଦେବ । ଯଦି କୌଣସି ମାମଲା ଅଧିକ ଜଟିଳ ହୁଏ, ତେବେ ସିଷ୍ଟମ ଆଗାମୀ ପ୍ରକ୍ରିୟା ଏବଂ ଆବଶ୍ୟକୀୟ ପଦକ୍ଷେପ ବିଷୟରେ ମଧ୍ୟ ସୂଚନା ପ୍ରଦାନ କରିବ । ସରକାରଙ୍କ ମତରେ ଏହି ସୁବିଧା ଦ୍ୱାରା ଲୋକମାନେ କଲ ସେଣ୍ଟରର ଦୀର୍ଘ ପ୍ରକ୍ରିୟା ଏବଂ ଇପିଏଫ୍‌ଓ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବା ଭଳି ସମସ୍ୟାରୁ ମୁକ୍ତି ପାଇବେ । ଏହାଦ୍ୱାରା ଅଭିଯୋଗଗୁଡ଼ିକର ସମାଧାନ ମଧ୍ୟ ପୂର୍ବ ଅପେକ୍ଷା ଅଧିକ ଶୀଘ୍ର ହୋଇପାରିବ । କେବଳ ଗ୍ରାହକ ଅଦାଲତରେ ନୁହେଁ, ବରଂ ଇପିଏଫ୍‌ଓ ସହ ଜଡ଼ିତ ମୋଟ ବିଚାରାଧୀନ ମାମଲା ସଂଖ୍ୟାରେ ମଧ୍ୟ ହ୍ରାସ ଘଟିଛି । ବର୍ଷକ ପୂର୍ବେ ଯେଉଁଠାରେ ୩୧,୦୩୬ଟି ମାମଲା ବିଚାରାଧୀନ ଥିଲା, ତାହା ଏବେ ହ୍ରାସ ପାଇ ୨୭,୬୩୯ ହୋଇଯାଇଛି । ସରକାରଙ୍କ କହିବା ଅନୁଯାୟୀ, ଡିଜିଟାଲ ସେବାକୁ ପ୍ରୋତ୍ସାହନ ଦେବା ଏବଂ ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ସହଜ କରିବା ଦ୍ୱାରା ଆଗାମୀ ଦିନରେ ଆକାଉଣ୍ଟଧାରୀମାନେ ଆହୁରି ଅଧିକ ସୁବିଧା ପାଇପାରିବେ ।






# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୯୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୬,୬୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୯୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬,୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୦,୨୩୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୧,୬୭୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୮,୧୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୯୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୫.୦୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୬.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା ୨୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନରେ ସମ୍ମାନିତ ହେଲେ ଶୃତି ଚିନ୍ମୟୀ ପ୍ରଧାନ



**ଫୁଲବାଣୀ,୨୧।୫ (ସଂଚାର ବ୍ୟୁରୋ):** ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଛାତ୍ରୀ ଶୃତି ଚିନ୍ମୟୀ ପ୍ରଧାନଙ୍କୁ ଜୟଦେବ ଭବନ ଠାରେ ଆୟୋଜିତ ଭାରତ ରତ୍ନ ଶ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଅବସରରେ, ତା ୨୧ ମେ ରିଖ, ୨୦୨୬ ରାଜ୍ୟସ୍ତରୀୟ "ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ" ପ୍ରଦାନ କରାଯାଇଛି।

ଶୃତି ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀର ପ୍ରାଣୀବିଜ୍ଞାନ ବିଭାଗର ସ୍ନାତକୋତ୍ତରରେ ଅନ୍ତିମ ବର୍ଷର ଛାତ୍ରୀ ଅଟନ୍ତି। ସେ ଯୁବ ରେଡକ୍ରସ୍ ର ଜଣେ ସକ୍ରିୟ ସଦସ୍ୟା ଭାବେ ବିଭିନ୍ନ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ସେବା ପ୍ରଦାନ କରନ୍ତି, ବୃକ୍ଷରୋପଣ ହେଉ, କି ବାଳାଶ୍ରମ ରେ ଶୃଙ୍ଖଳା ଖାଦ୍ୟ ବଣ୍ଟନ ହେଉ, ଏହି ଭଳି ବହୁତ ଗୁଡ଼ିଏ କାର୍ଯ୍ୟକ୍ରମରେ ସେ ନିଃସ୍ୱାର୍ଥପର ସେବା ପ୍ରଦାନ କରିଆସିଛନ୍ତି। ରାଜ୍ୟର ୩୦ ଜଣ ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ଶୃତି ଏକମାତ୍ର ଛାତ୍ରୀ ଯିଏ ଯୁବ ରେଡ୍ କ୍ରସ୍ ର ସ୍ୱେଚ୍ଛାସେବୀ ହେବା ସହ ଓଡ଼ିଶୀ ଏବଂ ଭାରତନାଟ୍ୟମ୍ ନୃତ୍ୟ ରେ ପାରଙ୍ଗମ ହୋଇଥିବାରୁ ଏହି ସମ୍ମାନ ପାଇଛନ୍ତି। ଓଡ଼ିଶାର ବିଭିନ୍ନ ମଞ୍ଚରେ ରେ ଶାସ୍ତ୍ରୀୟ ନୃତ୍ୟ ଉପସ୍ଥାପନା କରି ସମ୍ମାନିତ ହେବା ସହ ଶୈଶବ ରୁ ହିଁ ନୃତ୍ୟ ରେ ପାରଦର୍ଶିତା ଅର୍ଜନ କରିଛନ୍ତି। ଶୃତି ଜଣେ ମେଧାବୀ ଛାତ୍ରୀ ଆଉ ତାୟେକ୍ୱାଣ୍ଡୋ ଖେଳାଳି, ସେ ପାଠ ସହ ନୃତ୍ୟ, ଖେଳ, ଚିତ୍ରାଙ୍କନ, କବିତା ଲେଖା ମଧ୍ୟରେ ଉତ୍ତମ ସନ୍ତୁଳନ ବଜାୟ ରଖିଛନ୍ତି। ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନଏହି ଅବସର ରେ ଶୃତିଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, ତାଙ୍କର ଏହି ସଫଳତା କେବଳ କଲେଜ ପାଇଁ ନୁହେଁ ସମଗ୍ର କନ୍ଧମାଳ ଜିଲ୍ଲା ପାଇଁ ଗର୍ବର ବିଷୟ।

## ଲୋ-ଭୋଲଟେଜ୍, ଅସହ୍ୟ ଗୁଳୁଗୁଳିରେ ସାହିବାସୀ କଲବଲ

**ହିଞ୍ଜିଳିକାଟୁ,୨୧।୫ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ ନଂ ୱାର୍ଡ ରେଗିଡି ସାହିରେ ଦେଖିବାକୁ ମିଳିଛି ଲୋ ଭୋଲ୍ଟେଜ ସମସ୍ୟା । ସହରର ତପମାତ୍ରା ବୃଦ୍ଧି ହେବା ସହ ଅସହ୍ୟ ଗୁଳୁଗୁଳିରେ ସାହିବାସୀ କଲବଲ ହେଉଥିବାବେଳେ ସେଥିରେ ଦାଉ ସାଧୁଛି ଲୋ-ଭୋଲଟେଜ୍ ସମସ୍ୟା । ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୭ଟା ଯାଏ ଗୁଳୁଗୁଳୁ ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି । ଟିପିସିଓଡିଏଲ ଖାମଖିଆଲ ନୀତି ଯୋଗୁ ଲୋ-ଭୋଲଟେଜ୍ ସମସ୍ୟା ସୁଧୁରୁନି। ଖରାଦିନ ପୂର୍ବରୁ ଟ୍ରାନ୍ସଫର୍ମରଗୁଡ଼ିକୁ ଅପଗ୍ରେଡେଶନ କରାଯାଇ ନ ଥିବାରୁ ପରିସ୍ଥିତି ଆହୁରି ଜଟିଳ ହୋଇଛି । ଏହି ସମସ୍ୟାକୁ ନେଇ ଦେଖାଦେଇଛି ତୀବ୍ର ଅସନ୍ତୋଷ । ଉକ୍ତ ୱାର୍ଡର ତଳ ରେଗିଡି ସାହିରେ ପୁରୁଣା ଅଳ୍ପ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମରକୁ ବଦଳା ଯାଉନାହିଁ ।ଉନ୍ନତ ମାନର ବିଜୁଳି ସେବା ପାଇବାକୁ ଲୋକେ ଠିକ ସମୟରେ ବିଦ୍ୟୁତ ଦେୟ ପୈଠ କରୁଛନ୍ତି ସତ କିନ୍ତୁ ସେବା ମିଳି ପାରୁ ନ ଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି ।

### ସେବା ନାଁରେ ଲୁଟୁଛି ଟାଟା

## ନବନିର୍ମାଣ ଯୁବ ଛାତ୍ର ସଂଗଠନ ତରଫରୁ ଟାଟା ପାୱାର ଜୁଲୁମକୁ ବିରୋଧ




**କାକଟପୁର/ଅସ୍ତରଙ୍ଗ,୨୧।୫(ସଂଚାର ବ୍ୟୁରୋ) :** ଅସହ୍ୟ ଗୁଳୁ ଗୁଳିକୁ ଅଘୋଷିତ ବିଦ୍ୟୁତ କାଟ। ବେଡି ଉପରେ କୋରଡ଼ା ମାଡ଼ । ସୌଭାଗ୍ୟ ଯୋଜନା ଭଳି ବିଭିନ୍ନ ସରକାରୀ ଯୋଜନାରେ ହଜାର ହଜାର ଲୋକଙ୍କ ଘରେ ବିଦ୍ୟୁତ ସଂଯୋଗ ହୋଇଥିଲା। କିନ୍ତୁ ଏହାରି ଭିତରେ ଟାଟା ପାୱାର ବିଞ୍ଚି ଦେଇଛି ତାଙ୍କ ଲୁଟ୍ର ଜାଲ। ସରକାରୀ ମିଟରକୁ ମାସକୁ କିଛି ଟଙ୍କା ଲେଖାଏ ଆଦାୟ କଲା ଟାଟା ପାୱାର। ଉପଭୋକ୍ତା କହୁଛନ୍ତି ସରକାର ମାଗଣା ବିଦ୍ୟୁତ ସଂଯୋଗ କରାଇଲେ ,କିନ୍ତୁ ଟାଟା ପାୱାର କାହିଁକି ଭଡା ନେଉଛି । ଟାଟା ପାୱାରର ଏପରି ଗୋଲଖି ଧନ୍ଦା ସହ ଉପଭୋକ୍ତାଙ୍କୁ ଲୁଟୁ ଥିବାରୁ ଗୁରୁବାର ପୁରୀ ଜିଲ୍ଲା କାକଟପୁର ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରି ପ୍ରତିବାଦ କରିଛନ୍ତି ନବ ନିର୍ମାଣ ଯୁବ ଛାତ୍ର ସଂଗଠନ । ଓଡିଶା ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ରାଜ୍ୟ ସଂଯୋଜକ ମାନହୋର ଅଲ୍ଲିଙ୍କ ନେତୃତ୍ୱରେ କାକଟପୁର ବଜାର ମଙ୍ଗଳା ଫାଟକ ସମ୍ମାରୁ କାକଟପୁର ବିଦୂତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଟାଟା ପାୱାର ବିରୁଦ୍ଧରେ ଏକ ଶୋଭାଯାତ୍ରାରେ ଯାଇ ପ୍ରତିବାଦ କରିଥିଲେ । ଦାବି ଗୁଡିକ ମଧ୍ୟରେ ୩୦୦ ୟୁନିଟ ବିଜୁଳି କେବେ ଦବ ଜବାବ ଦିଅ, ମନଇଚ୍ଛା ବିଦୂତ କାଟ କାହିଁକି କରୁଛ ଜବାବ ଦିଅ,କାହିଁକି ଲୋ ଭୋଲ୍ଟେଜ ଅସୁବିଧା ଜବାବ ଦିଅ, ଚାଇନା ମିଟର ମାଧ୍ୟମରେ ଶୋଷଣ କରିବା ବନ୍ଦକର ଆଦି ଦାବି ସହ ଟାଟା ପାୱାର ଜୁଲମ ଉପରେ ପ୍ରତିବାଦ କରିଥିଲେ ନବ ନିର୍ମାଣ ଯୁବ ଛାତ୍ର ସଂଗଠନ ର କର୍ମକର୍ତ୍ତା ।

### ଚିମିନିଭାଟିରେ ପାନୀୟ ଜଳ ଉତ୍କଟ

# ଗରା, ବାଲଟି ଧରି ଗ୍ରାମବାସୀଙ୍କ ରାସ୍ତାରୋକ

**ନୀଳଗିରି,୨୧।୫ (ସଂଚାର ବ୍ୟୁରୋ):** ଆଜି ସନ୍ଧ୍ୟା ୬ ଘଟିକା ସମୟ ରେ ନୀଳଗିରି ଏନଏସି ରେ ପାନୀୟ ଜଳ ସମସ୍ୟା ନେଇ ନୀଳଗିରି ଏନେସି ଅଧିନସ୍ଥ ୮ ନମ୍ବର ୱାଡ଼ ଚିମିନିଭାଟି ଗ୍ରାମ ରେ ଶହେ ରୁ ଉର୍ଦ୍ଧ ମହିଳାମାନେ ନୀଳଗିରି-ମିତ୍ରପୁର ମୁଖ୍ୟରାସ୍ତା ନୀଳଗିରିଥାନା ନିକଟରେ ବାଲତି, ଗଗରା ବସାଇ ରାସ୍ତା ରୋକ କରିଥିଲେ।

ସୂଚନା ଯୋଗ୍ୟ ଚିମିନିଭାଟି ଗ୍ରାମରେ ୫ ଦିନ ହେଲା ପାଇପ ପାଣି ଯାଉନାହିଁ। ଗ୍ରାମରେ ଥିବା ଗୋଟିଏ ମାତ୍ର ଗଭୀର ନଳ କୂପ ବହୁଦିନରୁ ଅଚଳ ହୋଇଯାଇଛି। ପାଇପ ଜଳ ସେମାନଙ୍କର ଏକ ମାତ୍ର ଭରସା ଥିଲା। ଉପାୟ ଶୂନ୍ୟ ହୋଇ ନିକଟ ପରିତ୍ୟକ୍ତ କଲରା ପୋଖରୀ ଜଳ ପାନୀୟ ଠାରୁ ଆରମ୍ଭ କରି ଗାଧୋଇବା, ରୋଷେଇ ରେ ବ୍ୟବହାର କରି ଅତିଷ୍ଠ ହୋଇ ପଡିଲେଣି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ପରେ ମଧ୍ୟ ଫଳ ଶୂନ ହେବାରୁ



ଗ୍ରାମର ଶତାଧିକ ମହିଳା, ପୁରୁଷ ନୀଳଗିରି-ମିତ୍ରପୁର ରାସ୍ତା ଥାନା ପାଖରେ ଅପରାହ୍ନ ୪ ଘଟିକା ସମୟରେ ଗରା, ବାଲତି ବସାଇ ରାସ୍ତା ଅବରୋଧ କରିଥିଲେ।

ନୀଳଗିରି ପୋଲିସ ଉପସ୍ଥିତ ରହି ବୁଝାସୁଝା କରିଥିଲେ ମଧ୍ୟ ଉତ୍ୟକ୍ତ ଜନତା କର୍ଣ୍ଣପାତ କରିନଥିଲେ। ଯାତାୟାତ ଠପ ହେବାରୁ ସାଧାରଣ ଜନତାନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡିଥିଲା। ଘଟଣା ସ୍ଥଳରେ ଜନ ସ୍ୱାସ୍ଥ୍ୟ ବିଭାଗ ବାଲେଶ୍ୱର ଏସ୍ଡ଼ିଓ ଇଂ ସୌମ୍ୟ ରଂଜନ ଦଳେଇ ଓଆଇଆଇସି ଗୋବର୍ଦ୍ଧନ ନାୟକ ପହଁଚି ପାଣିର ସମାସ୍ୟା ନେଇ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଏସଡିଓ ଶ୍ରୀଯୁକ୍ତ ଦଳେଇ ଆସନ୍ତା କାଲିଠାରୁ ପ୍ରତ୍ୟେକ ଦିନ ଉକ୍ତ ସାହିକୁ ୨ଟି ଟ୍ୟାଙ୍କର ଯୋଗେ ପାଣିର ଯୋଗାଇ ଦେବାର ପ୍ରତିଶ୍ରୁତି ପରେ ରାସ୍ତା ରୋକ ରାତ୍ରି ପ୍ରାୟ ୭.୪୫ମିନିଟ ସମୟରେ ପ୍ରତ୍ୟାହୃତ ହୋଇଥିଲା।

ଉକ୍ତ ରାସ୍ତା ରୋକରେ ଚିମିନିଭାଟି ଗ୍ରାମର ମିନତି ବେହେରା, ରାହାସ ମୁଖି, ମାଳତୀ ମୁଖି, ମାମା ମୁଖି, ବବିତା ଜେନା, ରାଧା ମୁଖି, ବିଜୁଳି ମୁଖି, ସୁଲୋଚନା ମୁଖି, ଅଞ୍ଜନା ମୁଖି, ଗୀତାଞ୍ଜଳି ଜେନା, କଳ୍ପନା ବେହେରା ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ।

## +୨ ବିଜ୍ଞାନରେ କିରଣଜ୍ୟୋତି ଓ କଳାରେ ଗାୟତ୍ରୀ ରଣା ଟପ୍ପର



**ଯାଜପୁର ରୋଡ଼, ୨୧।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବ୍ୟାସନଗରସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ +୨ ବିଜ୍ଞାନ ବାର୍ଷିକ ପରୀକ୍ଷାରେ ୨୮୭ ଛାତ୍ରୀ ପାସ କରିଛନ୍ତି। +୨ବିଜ୍ଞାନରେ ୩୦୯ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୭ ଜଣ ଉର୍ତ୍ତିର୍ଣ୍ଣ , ଦ୍ୱିତୀୟ ଶ୍ରେଣୀରେ ୭୦ଛାତ୍ରୀ ଉର୍ତ୍ତିର୍ଣ୍ଣ, ତୃତୀୟ ଶ୍ରେଣୀରେ ୧୦୦ଛାତ୍ରୀ ଉର୍ତ୍ତିର୍ଣ୍ଣ , ଓ ସେହିପରି କଳାରେ ସମୁଦାୟ ଛାତ୍ରୀ ସଂଖ୍ୟା ୮୨ ପରୀକ୍ଷା ଛାତ୍ରୀଙ୍କ ମଧ୍ୟରୁ ୪୬ ଜଣ ପ୍ରଥମ ଶ୍ରେଣୀରେ ଉର୍ତ୍ତିର୍ଣ୍ଣ , ୨୬ଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉର୍ତ୍ତିର୍ଣ୍ଣ , ୪ଛାତ୍ରୀ ତୃତୀୟ ଶ୍ରେଣୀରେ ଉର୍ତ୍ତିର୍ଣ୍ଣ ,ହୋଇଛନ୍ତି। ବିଦ୍ୟାଳୟରେ ଛାତ୍ରୀ ବିଜ୍ଞାନରେ କିରଣ ଜ୍ୟୋତି ନାୟକ ଟପର ସର୍ବୋଚ୍ଚ ୫୯୨ (୯୮.୬୬% ) ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଥିବା ବେଳେ କାଳରେ ଗାୟତ୍ରୀ ରଣା ଟପର ସର୍ବୋଚ୍ଚ ୫୪୧ (୯୦.୧୬% ) ପ୍ରତିଶତ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଇନ୍ଦିରାଗାନ୍ଧୀ ମହିଳା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ହୀରଣ୍ମୟୀ ମିଶ୍ର ତଥା ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି

# କନ୍ଧମାଳରେ ଏସ୍ଆଇଆର୍ ଆରମ୍ଭ

### ଭୋଟର ତାଲିକାରୁ ହଟିବ ଡୁପ୍ଲିକେଟ୍ ନାମ




**ଫୁଲବାଣୀ,୨୧।୫ (ସଂଚାର ବ୍ୟୁରୋ):** ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକାକୁ ଶତପ୍ରତିଶତ ନିର୍ଭୁଲ କରିବା ଲାଗି କନ୍ଧମାଳ ଜିଲ୍ଲାରେ ସୋମବାର ଠାରୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସ୍ଆଇଆର୍) ଆରମ୍ଭ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଅପରାହ୍ନ ୪ଟାରେ ଜିଲ୍ଲା କଲେକ୍ଟରେଟ୍ର ସଦଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ଏଥର ଏସ୍ଆଇଆର୍ ରେ ଘରକୁ ଘର ଯାଇ ଯାଞ୍ଚ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ। ୨୦୨୬ ଜାନୁଆରୀ ୧ ସୁଦ୍ଧା ୧୮ ବର୍ଷ ପୂରଣ କରିଥିବା ଯୋଗ୍ୟ ଭୋଟରଙ୍କ ନାମ ଫର୍ମ-୬ ମାଧ୍ୟମରେ ଯୋଡାଯିବ। ସେହିପରି ମୃତ ଓ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ଭୋଟରଙ୍କ ନାମ ଫର୍ମ-୭ରେ ବାଦ୍ ଦିଆଯିବ ଏବଂ ଡୁପ୍ଲିକେଟ୍, ଭୁଲ୍ ନାମ, ଠିକଣା କିମ୍ବା ଫଟୋ ଫର୍ମ-୮ ଦ୍ୱାରା ସଂଶୋଧନ କରାଯିବ। "ଗୋଟିଏ ବି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡନ୍ତି ଏବଂ ଗୋଟିଏ ବି ଅଯୋଗ୍ୟ ନାମ ତାଲିକାରେ ନ ରୁହେ, ତାହା ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ସାମ୍ବିଧାନିକ ଦାୟିତ୍ୱ", ବୋଲି ଜିଲ୍ଲାପାଳ ବୈଠକରେ ଦୃଢ଼ ଭାବେ କହିଥିଲେ। ଏଥିପାଇଁ ସେ ସମସ୍ତ ରାଜନୈତିକ ଦଳକୁ ପ୍ରତ୍ୟେକ ପୋଲିଂ ବୁଥ୍ ପାଇଁ ତୁରନ୍ତ ଜଣେ ଲେଖାଏଁ ବୁଥ୍ ଲେବଲ୍ ଏଜେଣ୍ଟ (ବିଏଲ୍ଏ) ନିଯୁକ୍ତ କରି ତାଲିକା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ବିଏଲ୍ଏମାନେ ବୁଥ୍ ଲେବଲ୍ ଅଫିସର (ବିଏଲ୍ଓ)ଙ୍କ ସହ ମିଶି ଘରକୁ ଘର ବୁଲି ଭୋଟର ତାଲିକାର ଫିଲ୍ଡ ଭେରିଫିକେସନ୍ କରିବେ ଏବଂ ଦାବି-ଆପତ୍ତି ଦାଖଲରେ ସହଯୋଗ କରିବେ। ଜିଲ୍ଲାପାଳ ଆହୁରି କହିଥିଲେ ଯେ, ଦଳଗୁଡିକ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯୋଗ୍ୟ ବ୍ୟକ୍ତିଙ୍କୁ ଆବେଦନ କରିବାକୁ ଉତ୍ସାହିତ କରନ୍ତୁ। ନିର୍ଭୁଲ ତାଲିକା ହିଁ ସ୍ୱଚ୍ଛ ଓ ଅବାଧ ନିର୍ବାଚନର ଆଧାର।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ (ନିର୍ବାଚନ),ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ସମସ୍ତ ରାଜନୈତିକ ଦଳର ଜିଲ୍ଲା ସଭାପତି ଓ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜର ପରାମର୍ଶ ଦେଇଥିଲେ। ସମସ୍ତ ଦଳ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ସହକାରୀ-ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଟୋରେ ବଢ଼ୁଛି ଜବରଦଖଲ, ପ୍ରଶାସନ ନୀରବ



**ଆନନ୍ଦପୁର,୨୧।୫(ସଂଚାର ବ୍ୟୁରୋ) :** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ତହସିଲ ଅନ୍ତର୍ଗତ ବାଟୋ ପଞ୍ଚାୟତର ବିଭିନ୍ନ ସ୍ଥାନ ସହ ବଜାର ଅଞ୍ଚଳର ମୂଲ୍ୟବାନ ସରକାରୀ ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ଦଖଲ କରି ଘର ନିର୍ମାଣ କରିଥିବା ବେଳେ କେତେକ ସ୍ଥାନରେ ଦୋକାନ ଘର କରି ଭଡ଼ା ଲଗାଇ ମାସକୁ ମୋଟା ଅଙ୍କର ଟଙ୍କା ଆୟ କରୁଥିବା ଅଭିଯୋଗ ହୋଇଛି। ଏହି ଜବର ଦଖଲ ଘଟଣାକୁ ନେଇ ଏବେ ବାଟୋ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି।

କିଛି ବର୍ଷ ପୂର୍ବରୁ ଯେଉଁ ଜାଗା ସାଧାରଣ ଲୋକଙ୍କ ଚଳାଚଳ ଓ ସାର୍ବଜନୀନ କାମରେ ବ୍ୟବହୃତ ହେଉଥିଲା ସେହି ଜମି ଉପରେ ଏବେ ପକ୍କା ଘର ଠାରୁ ଆରମ୍ଭ କରି ବ୍ୟବସାୟିକ ଦୋକାନ ମଧ୍ୟ ତିଆରି ହେଉଛି। ଏହା ସବୁ ପ୍ରଶାସନର ନାକ ତଳେ ଚାଲୁଥିଲେ ମଧ୍ୟ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ସମୟରେ ସ୍ଥାନୀୟ ଲୋକେ ତହସିଲ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଆରଆଇ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ଫାଇଲ କେବଳ ଅଫିସ୍ ଭିତରେ ସୀମିତ ରହୁଛି। ଫଳରେ ଜବର ଦଖଲକାରୀଙ୍କ ମନୋବଳ ଆହୁରି ବଢ଼ୁଥିବା ବେଳେ ସାଧାରଣ ଲୋକଙ୍କ ଭିତରେ ପ୍ରଶାସନ ପ୍ରତି ଆସ୍ଥା କମିବାରେ ଲାଗିଛି।

ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ଯେ ଯଦି ଜଣେ ସାଧାରଣ ଗରିବ ଲୋକ ଅଳ୍ପ ଜାଗାରେ ଘର କରନ୍ତି ତେବେ ପ୍ରଶାସନ ତୁରନ୍ତ ନୋଟିସ ଦେଉଛି। କିନ୍ତୁ ପ୍ରଭାବଶାଳୀ ବ୍ୟକ୍ତି ଓ ମାଫିଆମାନେ ଖୋଲାଖୋଲି ଭାବେ ସରକାରୀ ଜମି ଦଖଲ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ ପ୍ରଶାସନର ନୀରବତା ଏବେ ସନ୍ଦେହ ସୃଷ୍ଟି କରୁଛି। ରାଜ୍ୟରେ ମୋହନ ସରକାର ଦୁର୍ନୀତି, ଜମି ମାଫିଆ ଓ ଜବର ଦଖଲ ବିରୋଧରେ କଠୋର ଆଭିମୁଖ୍ୟ ନେଇଥିବା ବେଳେ ବାଟୋ ଅଞ୍ଚଳରେ ଚାଲିଥିବା ଏହି ଜବର ଦଖଲ ଉପରେ କେବେ ଛାଟ ବାଜିବ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ଦାବି ହେଉଛି ଯଦି ତୁରନ୍ତ ସରକାରୀ ଜମିର ସଠିକ ମାପଚୁପ କରାଯାଇ ଜବର ଦଖଲକାରୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନହୁଏ ତେବେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଗୁରୁତର ହେବ। ଏବେ ଦେଖିବାକୁ ବାକି ରହିଲା ବାଟୋ ବଜାରରେ ବଢ଼ୁଥିବା ଏହି ଜବର ଦଖଲ ଉପରେ ଜିଲ୍ଲା ପ୍ରଶାସନ କେବେ କଠୋର ପଦକ୍ଷେପ ନେଉଛି ଓ ସାଧାରଣ ଲୋକଙ୍କ ଅଭିଯୋଗକୁ କେତେ ଗୁରୁତ୍ୱ ଦିଆଯାଉଛି।

## ଗୋମାତାଙ୍କୁ ଖାଦ୍ୟ ଖୁଆଇ ଝିଅର ଜନ୍ମଦିନ ପାଳିଲେ ସମାଜସେବୀ



**ଯାଜପୁର ରୋଡ଼,୨୧।୫(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହର ଅନ୍ତର୍ଗତ ଦଳା ଗ୍ରାମର ଯୁବ ସମାଜସେବୀ ଚନ୍ଦନ କୁମାର ପରିଡା ତାଙ୍କ ଏକମାତ୍ର କନ୍ୟା ସାଇ ଧ୍ରିତିସ୍ମିତା'ଙ୍କର ଚତୁର୍ଥ ଜନ୍ମଦିନ ଦିନ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସ୍ଥାନୀୟବ୍ୟାସ ସରୋବର ଗୋଶାଳାରେ ପହଂଚି ସେଠାରେ ଥିବା ଗୋମାତା ମାନଙ୍କୁ ଖାଦ୍ୟ ପ୍ରଦାନ କରିଛନ୍ତି। ଶ୍ରୀ ପରିଡ଼ାଙ୍କର ଝିଅ ଜନ୍ମ ଦିନ ପାଳନର ଏପରି ଚିନ୍ତାଧାରା ଅନ୍ୟମାନଙ୍କ ପାଇଁ ଗୋମାତାଙ୍କୁ ସେବା ପ୍ରଦାନ ଦୃଷ୍ଟିକୋଣ କ୍ଷେତ୍ରରେ ପ୍ରେରଣା ଯୋଗାଇବ ବୋଲି ଅଂଚଳର ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଏହି ଦିବ୍ୟ କାର୍ଯ୍ୟକ୍ରମରେ ଦଳା ଗ୍ରାମର ସନ୍ଦୀପ କୁମାର ପରିଡା, ସତ୍ୟଜିତ ବଳ, ବିଶ୍ୱଜିତ ପରିଡା, ଅଭିନାଶ ସାମଲ, ରୀତିକ ପରିଡା, ଦେବାଶିଷ ବିଶୋଇ,ଶୁଭମ ପରିଡା, ଅନୁଅଞ୍ଜଳି ବିଶୋଇ, ରୁକଣୀ ପରିଡା, କୃପାମଇ ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗୋଶାଳା ପକ୍ଷରୁ ଏହି କାର୍ଯ୍ୟକ୍ରମ ନିମନ୍ତେ ଶ୍ରୀପରିଡ଼ାଙ୍କୁ ଅନେକ ଅନେକ ଧନ୍ୟବାଦ'ବି ପ୍ରଦାନ କରାଯାଇଥିଲା।

### ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ

# ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଅବର୍ଣ୍ଣନୀୟ




**କାକଟପୁର/ଅସ୍ତରଙ୍ଗ ,୨୧।୫(ସଂଚାର ବ୍ୟୁରୋ) :** ଜାତିର ପିତା ମହାତ୍ମାଗାନ୍ଧୀ ଙ୍କ ଡାକରାରେ ଅନୁପ୍ରାଣିତ ହୋଇ ଗାନ୍ଧିଜୀଙ୍କର ଦାଣ୍ଡିଯାତ୍ରାର ପ୍ରତିଧ୍ୱନି ଦେଶର ବିଭିନ୍ନ ରାଜ୍ୟରେ ଶୁଣାଯାଇଥିଲା। ସତ୍ୟାଗ୍ରହ ସଂଗ୍ରାମ, ଗୋଟିଏ ନୂତନ କୌଶଳ ଓ ନୂତନ ପ୍ରେରଣାର ଉଦେଶ୍ୟ ନେଇ ଇଂରେଜ ସରକାର ଙ୍କ ଅନ୍ୟାୟ ଓ ଯଥେଚ୍ଛା ପୂର୍ଣ୍ଣ ଦମନ ନୀତିର ଉତ୍ତର ଦେବା ପାଇଁ ଗାନ୍ଧିଜୀ ଲବଣ ସତ୍ୟାଗ୍ରହର ପରିକଳ୍ପନା।ସହିଦ ମାନଙ୍କ ଅବଦାନ ଓ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ତ୍ୟାଗ ଅବର୍ଣ୍ଣନୀୟ ବୋଲି କହିଥିଲେ। ଏହା ସହ ପରାଧୀନ ଭାରତରେ ବ୍ରିଟିଶ ସରକାରଙ୍କ ଲବଣ ବ୍ୟବସାୟରେ ଏକ ଚାଟିଆ ଆଧିପତ୍ୟ ଓ ଲବଣ ଉପରେ ଅତ୍ୟଧିକ ଟିକସ ବିପକ୍ଷରେ ଏକ ଶକ୍ତିଶାଳୀ ଅହିଂସାପୂର୍ଣ୍ଣ ଆନ୍ଦୋଳନ ଥିଲା ବୋଲି ୯୬ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହରେ ଅତିଥି ମାନେ ମତ ଦେଇଥିଲେ ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ଗୁରୁବାର ପୂର୍ବାହ୍ନରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ, ଜିଲ୍ଲା ପ୍ରଶାସନ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ଆନୁକୂଲ୍ୟରେ ୯୬ ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମୀୟ ପଟ୍ଟନାୟକ ଓ ଜିଲ୍ଲା ସୂଚନା ଲୋକସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ ଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସଂଗ୍ରାମୀ ଶ୍ରୁତି ସମିତି ସଭାପତି ଅମୀୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅତିଥି ମାନେ ଲବଣ ସତ୍ୟାଗ୍ରହୀ ଙ୍କ ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ ବୋଲି କହିଥିଲେ।

କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା ନିଜ ବକ୍ତବ୍ୟରେ କହିଥିଲେ ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟଗ୍ରହ ଏକ ପ୍ରମୁଖ ଘଟଣା ବଳି । ଏହା ସ୍ୱାଧୀନତା ସଂଗ୍ରାମୀ କୁ ବୁଦ୍ଧିମନ୍ତ କଫିବ ସହ ଏକ ଜନ ଆନ୍ଦୋଳନ ରେ ପରିଣତ କରିବାକୁ ପ୍ରେରଣା ଦେଇଥିଲା। ଏହାସହ ୧୯୩୦ ମସିହା ଆଜିର ଦିବସରେ ଅସ୍ତରଙ୍ଗ ନିକଟସ୍ଥ କୁହୁଡି ଠାରେ ସଂଗ୍ରାମୀ ନୀଳକଣ୍ଠ ଦାଶ,ଜଗନ୍ନାଥ ରଥଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମକୁ ଅଧିକ ତେଜୋ ଦୀପ୍ତ କରିଥିଲା ବୋଲି କହିବା ସହ ଯୁବ ପିଢ଼ିଙ୍କୁ ଏହି ଐତିହ କୁ ଆଗକୁ ନେବେ ବୋଲି ଆଶା କରିଥିଲେ ।ଅନ୍ୟତମ ଅତିଥି ମୁଖ୍ୟ ବକ୍ତା ସୁ- ସାହିତ୍ୟିକ ଦାସ ବେନୁହର ଓ ପ୍ରଗତିବାଦୀ କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଯୋଗ ଦେଇ ଗାନ୍ଧୀ ଜି ମୂଲ୍ୟ ବୋଧ ଓ ଅଧିକାର ଏକ ଶ୍ରେଷ୍ଠ ପରିଚୟ ବୋଲି କହିଥିଲେ ।ଅନ୍ୟତମ ଅତିଥି ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ,ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ।ଆରତୀ ନାୟକ,ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ ପ୍ରମୁଖ ଯୋଗ ଦେଇଥିଲେ। ଶେଷ ପର୍ଯ୍ୟାୟରେ ଅତିଥି ମାନେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ ସ୍ତରରେ ସର୍ବାଧିକ ନମ୍ବର ରଖି ଥିବା ଚାରିଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ ।

ଅତିଥି ମାନଙ୍କ ଦ୍ୱାରା ପ୍ରାରମ୍ଭରେ ଗାନ୍ଧୀ, ଗୋପବନ୍ଧୁ,ନୀଳକଣ୍ଠ ଦାଶଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ`

# ଜିଲ୍ଲା ସାମ୍ବାଦିକ ସଂଘର ପୂର୍ଣ୍ଣାଙ୍ଗ କମିଟି ଘୋଷଣା

**ଢେଙ୍କାନାଳ,୨୧।୫(ସଂଚାର ବ୍ୟୁରୋ) :** ଜିଲ୍ଲା ସମ୍ବାଦିକ ସଂଘ, ଢେଙ୍କାନାଳର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ଆସନ୍ତା ୩ବର୍ଷ ପାଇଁ ଏହି କମିଟି କାର୍ଯ୍ୟ କରିବ । ଏକ ସାଧାରଣ ବୈଠକରେ ସର୍ବସମ୍ମତି କ୍ରମେ ଏହି ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି । ସୂଚନା ଥାଉକି, ଗତ ୨୯ତାରିଖରେ ରାଜ୍ୟର ସର୍ବପୁରାତନ ତଥା ସର୍ବବୃହତ ଉତ୍କଳ ସମ୍ବାଦିକ ସଂଘ ସହିତ ସହ ବନ୍ଧିତ ଜିଲ୍ଲା ସାମ୍ବାଦିକ ସଂଘ, ଢେଙ୍କାନାଳର ସଭାପତି ଓ ସାଧାରଣ ସଂପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ଉକ୍ତ ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ପ୍ରତାପ କୁମାର ବରାଳ ଓ ସାଧାରଣ ସମ୍ପାଦକ ଭାବେ ଜିତେନ୍ଦ୍ର ପଟ୍ଟନାୟକ ଅପ୍ରତିଦ୍ୱନ୍ଦି ଭାବେ ନିର୍ବାଚିତ ହୋଇଥିଲେ । ତେବେ ସଂଘର କାର୍ଯ୍ୟକାରିଣୀ କମିଟି ପାଇଁ ଏକ ସାଧାରଣ ବୈଠକରେ ସ୍ୱସମ୍ମତି କ୍ରମେ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ନାମ ମନୋନୀତ କରାଯାଇ ସଂଘର ପୂର୍ଣ୍ଣାଙ୍ଗ କମିଟି ଘୋଷଣା କରାଯାଇଛି । ଜିଲ୍ଲା ସାମ୍ବାଦିକ ସଂଘ, ଢେଙ୍କାନାଳର ନିର୍ବାଚିତ ସଭାପତି ପ୍ରତାପ କୁମାର ବରାଳଙ୍କ ପ୍ରେସ ବିଜ୍ଞପ୍ତି ସୂଚନା ମୁତାବକ, ସଂଘ ର ଉପ ସଭାପତି ଭାବେ ସୁବଳ କୁମାର ରାଉତ ଓ ଶୁଭମୟ ନନ୍ଦ, ସହ ସମ୍ପାଦକ ଭାବେ ପ୍ରଭାତ ରଞ୍ଜନ ପୃଷ୍ଟି ଓ ଶ୍ରୀବାସ କୁମାର ନାୟକ, କୋଷାଧକ ଭାବେ ବିଷ୍ଣୁ ପ୍ରସାଦ ସାମଲ, ସେହିପରି ଜିଲ୍ଲା ସଂଯୋଜକ ଭାବେ ସଞ୍ଜୀବ କୁମାର ଶତପଥୀ(ଢେଙ୍କାନାଳ), ସୁମନ୍ତ କୁମାର ଦେହୁରୀ(ହିନ୍ଦୋଳ), ଦିୱାନି କୁମାର ସାହୁ( କାମାକ୍ଷାନଗର), ନବ କିଶୋର ସାହୁ(ଓଡ଼ାପଡା), କୃଷ୍ଣଚନ୍ଦ୍ର ସାହୁ(ଭୁବନ), ରୂପକ ରଞ୍ଜନ ସାହୁ( ପରଜଙ୍ଗ), ପ୍ରତ୍ୟୁଷହରି ପ୍ରଧାନ(ଗଁଦିଆ) ଓ କୃଷ୍ଣଚନ୍ଦ୍ର ସାହୁ( କଙ୍କଡାହାଡ଼) ବ୍ଲକ ଡାଇତ୍ୱରେ ରହିବା ପାଇଁ ମନୋନୀତ ହୋଇଛନ୍ତି । ସେହିପରି ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଲକ୍ଷ୍ମୀଧର ନାୟକ, ସରୋଜ କର, ବାଇଧର ନାଏକ, ମନମୋହନ ସାହୁ, ସରୋଜ କୁମାର ସାହୁ, ଆଶୁତୋଷ ପଟ୍ଟନାୟକ, ଦୀପ୍ତିକାନ୍ତ ପ୍ରଧାନ, ସରୋଜ ସାହୁ, ଚିତରଞ୍ଜନ ଦ୍ୱିବେଦୀ, ପ୍ରକାଶ ଚନ୍ଦ୍ର ପାତ୍ର, ଆଭାସ କୁମାର ବରାଳ,ସୌମେନ୍ଦ୍ର ସାହୁ,ବିମଳ ଚନ୍ଦ୍ର ବିଶ୍ୱାଳ, ହେମନ୍ତ କୁମାର ମହାନ୍ତି, ନିଗମାନନ୍ଦ ନନ୍ଦ ଙ୍କୁ ମନୋନୀତ କରାଯାଇଛି । ଜିଲ୍ଲା ସମ୍ବାଦିକ ସଂଘର ଉପଦେଷ୍ଟା ମଣ୍ଡଳୀରେ ବରିଷ୍ଠ ସମ୍ବାଦିକ ଉମାକାନ୍ତ ପଟ୍ଟନାୟକ, କୃଷ୍ଣକୁମାର ମିଶ୍ର, ଦିଲ୍ଲୀପ କୁମାର ମିଶ୍ର, ଶେଷଦେବ ରାଉତ ଓ ମନୋଜ ପଟ୍ଟନାୟକ ସ୍ଥାନିତ ହୋଇଛନ୍ତି । ତେବେ ଆଇନ ପରାମର୍ଶ ଦାତା ବରିଷ୍ଠ ସାମ୍ବାଦିକ ମାନସ ରଥ ଓ ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି ।

# ଦେଉଳକଣ ପଞ୍ଚାୟତରେ କଂଗ୍ରେସର କର୍ମୀ ସମାବେଶ



**ଯାଜପୁର,୨୧।୫(ସଂଚାର ବ୍ୟୁରୋ) :** ଦାନଗଦି ବ୍ଲକ ଦେଉଳକଣ ଗ୍ରାମପଞ୍ଚାୟତର ମା' ଖଣ୍ଡୁରାଇ ମନ୍ଦିର ପ୍ରାଙ୍ଗଣ ରେ ଦେଉଳକଣ ପଞ୍ଚାୟତରେ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କର୍ମୀ ସମାବେଶରେ ରମେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ । ରାଜୀବ ଗାନ୍ଧିଜୀ ଙ୍କର ଶ୍ରାଦ୍ଧ ଦିବସ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଯୋଗ ଦେଇଥିବାରୁ କର୍ମୀ ମହଲଇ ଉତ୍ସାହ ଦେଖାଦେଇଥିଲା ।

ପୂର୍ବତନ ମନ୍ତ୍ରୀ ରାଉତ କହିଥିଲେ, ଆଉ କିଛି ମାସ ପରେ ପଞ୍ଚାୟତ ନିର୍ବାଚନ । ପଞ୍ଚାୟତ ନିର୍ବାଚଳରେ କିପରି କଂଗ୍ରେସ ପ୍ରାର୍ଥୀ ସଫଳତା ପାଇବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ତେଣୁ ତୃଣ ମୂଳ ସ୍ତରରେ ସଂଗଠନକୁ ମଜବୁତ କରିବାକୁ ମନ୍ତ୍ରୀ ଶରତ କଂଗ୍ରେସ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ବିଧାୟକ ପ୍ରାର୍ଥୀ ଇଂ ବିଭୂ ଭୂଷଣ ରାଉତ, ନିର୍ବାଚନ ମଣ୍ଡଳୀ ବି ଏଲ ଏ -୧ ମହେନ୍ଦ୍ର କୁମାର ଦାଶ, ସୁକିନ୍ଦା ବ୍ଲକ କଂଗ୍ରେସ ସଭାପତି ମଦନ ମୋହନ ଖୁଣ୍ଟିଆ, ଦାନଗଦି ବ୍ଲକ କଂଗ୍ରେସ ସଭାପତି ଦୟାନିଧି ପଲେଇ. ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମାଣି.୮ଜୋନ ପ୍ରାକ୍ତନ ସଭାପତି ଦାମୋଦର ପୁହାଣ,ବ୍ଲକ ମହିଳା ସଭାନେତ୍ରୀ ପ୍ରଭାତୀ ବଳ. ଜିଲ୍ଲା ଉପସଭାପତି ସୁକୁମାର ଦେଓ. ବିର କିଶୋର ସାହୁ. ପ୍ରଭାତ ସାମନ୍ତ. ଦୁର୍ଯ୍ୟୋଧନ ମହାନ୍ତ.ରଙ୍ଗଲତା ମହାନ୍ତ. ମଙ୍ଗଳ ମୁଣ୍ଡା. ରଞ୍ଜନ ଯେନା. ରଇନା ମହାନ୍ତ. ରଞ୍ଜନ ପାତ୍ର. ଭୀମ ପାତ୍ର. ଟୁକୁନୁ ପାତ୍ର. ଶରତ ମହାନ୍ତ. ହୃଦାନନ୍ଦ ସେଠି. ଅନାମ ମହାନ୍ତ. ମଧୁ ପାତ୍ର. ହାଡ଼ିଆ ମହାନ୍ତ ଓ ଅନ୍ୟ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ସାମିଲ ହେଲେ ବିନୋଦ ମୁର୍ମୁ. ବୁଧଦେବ ମୁର୍ମୁ. ଧନସିଂ ମୁର୍ମୁ ସମେତ ବରିଷ୍ଠ. ଯୁବକ ଓ ମହିଳା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ଜୁନ୍ ୪ରେ ରିଲିଜ ହେବ 'ପେଡ୍ଡୀ'



ନୂଆ ଫିଲ୍ମ 'ପେଡ୍ଡୀ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି ତେଲୁଗୁ ସୁପରଷ୍ଟାର୍ ରାମ ଚରଣ । ସୋମବାର ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଛି । ଏଥିରେ ରାମ ଚରଣ ଗୋଟିଏ ନୁହେଁ, ବରଂ ୩-୩ଟି ଖେଳ ପରଦାରେ ଖେଳିବେ । ଫିଲ୍ମରେ ତାଙ୍କ ନାଁ ପେଡ୍ଡୀ, ଯିଏ ଗାଁ ଲୋକଙ୍କ ପାଇଁ ଜଣେ ଈଶ୍ୱରଙ୍କ ଅବତାର । ଗାଁ ଲୋକଙ୍କ ପାଇଁ ଖେଳ କହିଲେ ପେଡ୍ଡୀ । ପ୍ରିୟ କ୍ରିକେଟର୍ କିଏ ପଚାରିଲେ, ଉତ୍ତର ପେଡ୍ଡୀ । ପ୍ରିୟ ମଲ୍ଲଯୋଦ୍ଧା ପେଡ୍ଡୀ । ଏମିତିକି ଦୌଡ଼ରେ ବି ପେଡ୍ଡୀ ସମସ୍ତଙ୍କଠୁ ଆଗରେ । ତେବେ ଗାଁ ଲୋକଙ୍କ ଉପରେ ଏକ ବହୁତ ବଡ଼ ବିପଦ ପଡ଼ିଥିବା ଟ୍ରେଲରରେ ଦେଖିବାକୁ ମିଳିଛି। କିଛି ଲୋକ ସେମାନଙ୍କୁ ହଇରାଣ କରୁଛନ୍ତି, ଯାହାଙ୍କ ପାଇଁ ପେଡ୍ଡୀ ଆଗେଇ ଆସିଛି । ଟ୍ରେଲର୍ ଦର୍ଶକଙ୍କୁ ଯେତିକି ଉତ୍ସାହିତ କରିଛି, ସେତିକି ଦ୍ୱନ୍ଦ୍ୱରେ ବି ପକାଇଛି । ରାମ ଚରଣ 'ପେଡ୍ଡୀ' ପାଇଁ ଖୁବ୍ ପରିଶ୍ରମ କରିଛନ୍ତି । ମଲ୍ଲଯୋଦ୍ଧା ଭଳି ଶରୀର ପାଇବାକୁ ସେ ଅନେକ କିଲୋ ଓଜନ ବଢ଼ାଇଛନ୍ତି ଏବଂ କଠିନ ତାଲିମ ନେଇଛନ୍ତି, ଯାହାର ଝଲକ୍ ବି ଟ୍ରେଲର୍‌ରେ ଦେଖିବାକୁ ମିଳିଛି। ରାଜାମୌଲୀଙ୍କ ହିଟ୍ ଫିଲ୍ମ 'ଆର୍‌ଆର୍‌ଆର୍' ପରେ ତାଙ୍କର କୌଣସି ହିଟ୍ ଫିଲ୍ମ ଆସିନାହିଁ । 'ପେଡ୍ଡୀ' ତାଙ୍କୁ କେତେ ସଫଳତା ଦେବ, ତାହା ଦେଖିବାକୁ ଦର୍ଶକ ଖୁବ୍ ଉତ୍ସାହିତ । ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଜାହ୍ନବୀ କପୁର। ଫିଲ୍ମର ରିଲିଜ୍ ତାରିଖ ବାରମ୍ବାର ବଦଳିବା ଯୋଗୁ ଫ୍ୟାନ୍‌ଙ୍କ ଅପେକ୍ଷା ବଢ଼ିଚାଲିଛି । ମାର୍ଚ୍ଚ ୨୭ରେ ରାମ ଚରଣଙ୍କ ଜନ୍ମଦିନରେ ଫିଲ୍ମ ମୁକ୍ତିଲାଭ କରିବାର ଥିଲା । କିନ୍ତୁ 'ଧୁରନ୍ଧର-୨' ଯୋଗୁ ଏପ୍ରିଲ ୩୦କୁ ଘୁଞ୍ଚାଇ ଦିଆଗଲା । ତା'ପରେ ପୁଣି ରିଲିଜ୍ ବାତିଲ ହେଲା । ସଦ୍ୟ ରିପୋର୍ଟ ଅନୁସାରେ, ଆସନ୍ତା ଜୁନ୍ ୪ରେ ଫିଲ୍ମ ଥିଏଟରକୁ ଆସିବ । 'ଟକ୍ସିକ୍'ର ରିଲିଜ୍ ବାତିଲ ହେବା ପରେ ନିର୍ମାତା ଏହି ନିଷ୍ପତ୍ତି ନେଲେ ।

## କେଉଁଠି ଅଛନ୍ତି 'ଶ୍ରୀକୃଷ୍ଣ'ର ରାଧା



ଯେତେବେଳେ ଦୂରଦର୍ଶନର ପୌରାଣିକ ଧାରାବାହିକ ଗୁଡିକ ବିଷୟରେ ଆଲୋଚନା ହୁଏ, ସେତେବେଳେ ରାମାନନ୍ଦ ସାଗରଙ୍କ ନାମ ପ୍ରଥମେ ମନକୁ ଆସେ। ତାଙ୍କର ଅନେକ ଧାରାବାହିକ ପ୍ରତିଟି ଭାରତୀୟଙ୍କ ଘରେ ନିଜର ଛାପ ସୃଷ୍ଟି କରିଥିଲା, ତାଙ୍କର ଅନେକ ଚରିତ୍ର ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ତାଙ୍କର ଅନେକ ଧାରାବାହିକ ଗୁଡିକ ମଧ୍ୟରୁ, ସେ " ଶ୍ରୀ କୃଷ୍ଣ " ମଧ୍ୟ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା। ଯାହା ଏକ ଲୋକପ୍ରିୟ ଧାରାବାହିକ ଥିଲା ଯାହାକୁ ଦର୍ଶକ ମାନେ ଦେଖିବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିଲେ। ଏହି ଧାରାବାହିକରେ ରାଧା ଭୂମିକାରେ ଅଭିନୟ କରିଥିବା ଅଭିନେତ୍ରୀ ସମସ୍ତଙ୍କ ହୃଦୟରେ ଏକ ଚିରସ୍ଥାୟୀ ଛବି ସୃଷ୍ଟି କରିଥିଲେ, ଯାହାଙ୍କ ହସ ଏବଂ ସୁନ୍ଦର ଆଖି ଆଜି ପର୍ଯ୍ୟନ୍ତ ଅବିସ୍ମରଣୀୟ ହୋଇ ରହିଛି। ରାମାନନ୍ଦ ସାଗର "ରାମାୟଣ" ସମେତ ଅନେକ ପୌରାଣିକ ଧାରାବାହିକ ତିଆରି କରିଥିଲେ ଏବଂ ଏଗୁଡିକ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ।

## ୩ ଦିନରେ 'କରୁପ୍ପୁ' କଲା ୫୦କୋଟି ପାର୍



ସୂର୍ଯ୍ୟଙ୍କ ଫିଲ୍ମ 'କରୁପ୍ପୁ' ରିଲିଜ୍ ହେବା ପରଠାରୁ ଧମାଲ୍ କରୁଛି । ଦର୍ଶକଙ୍କୁ ଏହା ବହୁ ପସନ୍ଦ ଆସୁଛି । ଯଦିଓ ଫିଲ୍ମଟି ହିନ୍ଦୀରେ ରିଲିଜ୍ ହୋଇନାହିଁ ମାତ୍ର ଏହା ତାମିଲ ଏବଂ ତେଲୁଗୁରେ ଦମଦାର୍ କଲେକ୍ସନ କରୁଛି। ଖାଲି ଏତିକି ନୁହେଁ, ଏହାକୁ ଗୋଟିଏ ଦିନ ବିଳମ୍ବରେ ରିଲିଜ୍ କରାଯାଇଥିଲା । ତା'ପରେ ବି ଫ୍ୟାନ୍ସମାନଙ୍କଠାରୁ ବହୁ ଭଲପାଇବା ମିଳିଛି। ରବିବାର ଏହାର ଭାରତରେ ନେଟ୍ କଲେକ୍ସନ ୫୦କୋଟି ପାର୍ କରିଛି । ଆସନ୍ତୁ ନଜର ପକାଇବା ଏହାର ମୋଟ୍ କଲେକ୍ସନ ଉପରେ । ସୂର୍ଯ୍ୟଙ୍କ ଫିଲ୍ମ 'କରୁପ୍ପୁ'କୁ ୱିକେଣ୍ଡର ଲାଭ ମିଳୁଥିବା ଦେଖାଯାଉଛି। ଅଭିନେତାଙ୍କ ଫିଲ୍ମ ରବିବାର ବମ୍ପର କଲେକ୍ସନ କରିଛି। ଯାହାପରେ ଏହାର ମୋଟ୍ କଲେକ୍ସନ ୫୦କୋଟି ପାଖାପାଖି ପହଞ୍ଚିଛି । ଯାହାକି ଏବେ ଫିଲ୍ମର କେତେକ ଶୋ ଆହୁରି ରହିଛି । ସାକନିଲ୍କ ଅନୁସାରେ, ଫିଲ୍ମ ରବିବାର ପ୍ରାୟ ୬୮କୋଟି(ଇଣ୍ଡିଆ ନେଟ୍ କଲେକ୍ସନ) କରି ସାରିଛି। ଏଥିରେ ତାମିଲରେ ୫୭.୭୦କୋଟି ଏବଂ ତେଲୁଗୁରେ ୧୦.୩୦କୋଟିର କଲେକ୍ସନ କରି ସାରିଛି। 'କରୁପ୍ପୁ' କେବଳ ରବିବାର ନୁହେଁ ବରଂ ଆରମ୍ଭ ଦୁଇ ଦିନରେ ମଧ୍ୟ ଜବରଦସ୍ତ କଲେକ୍ସନ କରିଥିଲା। ଏହାର ଆୟ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ସାକନିଲ୍କ ଅନୁସାରେ, ଫିଲ୍ମଟି ୧୫.୫୦କୋଟି ସହ ଓପନିଂ ହୋଇଥିଲା ।

## ରିଲିଜ୍ ହେଲା 'ଡ୍ରାଗନ୍'ର ପ୍ରଥମ ଟିଜର୍



ସାଉଥ୍ ସିନେ ଅଭିନେତା ଜୁନିୟର ଏନ୍‌ଟିଆର ବୁଧବାର ୪୩ତମ ଜନ୍ମଦିନ ପାଳନ କରିଛନ୍ତି । ଏ ଅବସରରେ ତାଙ୍କର ଆଗାମୀ ଫିଲ୍ମ 'ଡ୍ରାଗନ୍'ର ପ୍ରଥମ ଟିଜର୍ ରିଲିଜ୍ ହୋଇଛି । ଫିଲ୍ମରେ ଏନ୍‌ଟିଆର୍ ଜଣେ ଭୟଙ୍କର ହତ୍ୟାକାରୀ ଭୂମିକାରେ ପରଦାକୁ ଆସିଛନ୍ତି । ଫିଲ୍ମର କାହାଣୀ ବିଶ୍ୱ ଅଫିମ ଯୁଦ୍ଧ ଉପରେ ପର୍ଯ୍ୟବସିତ । ଇଂରେଜ ମୂଳତଃ ଅଫିମ ଚାଷ ପାଇଁ ଭାରତ ଆସିଥିଲେ, ଯେଉଁଥିରୁ ହେରୋଇନ୍ ପ୍ରସ୍ତୁତ ହୁଏ । ସେମାନେ ଭାରତରେ ରହି ସେହି ଦୁଇଟି ମୁଖ୍ୟ ସ୍ଥାନକୁ ନିୟନ୍ତ୍ରଣ କରିଥିଲେ, ଯେଉଁଠି ପ୍ରତିବନ୍ଧିତ ଡ୍ରଗ୍ସ ସର୍ବାଧିକ ଚାଷ ହେଉଥିଲା । ଏଥିରେ ଆଫଗାନିସ୍ତାନ ଓ ଥାଇଲାଣ୍ଡ, ଲାଓସ ଓ ବର୍ମାର ଅଞ୍ଚଳ ସାମିଲ । ଇଂରେଜମାନେ ଯିବା ପରେ ଦୁଇ ମୁଖ୍ୟ ସମୂହ-ଆଫଗାନ ଟ୍ରେଡିଂ କମ୍ପାନି ଓ ଗୋଲ୍ଡେନ୍ ଟ୍ରାୟଂଗଲ ମଧ୍ୟରେ ଅଫିମ ବ୍ୟବସାୟ ଉପରେ କବ୍‌ଜାକୁ ନେଇ ଯୁଦ୍ଧ ଆରମ୍ଭ ହୋଇଗଲା । ଫିଲ୍ମରେ ଜୁନିୟର ଏନ୍‌ଟିଆର ଆଫଗାନ ଟ୍ରେଡିଂ କମ୍ପାନିର ସବୁଠୁ ବଡ଼ ଶୁଟର୍ ଓ ହତ୍ୟାକାରୀ ଲୁଗର୍ ଭୂମିକା ନିର୍ବାହ କରିଛନ୍ତି । ଫିଲ୍ମରେ ତାଙ୍କୁ ଡ୍ରାଗନ୍ କୁହାଯାଇଛି । ଟିଜର୍‌ରେ ତାଙ୍କ ଲୁକ୍ ଅତ୍ୟନ୍ତ ଆକ୍ରାମକ ଓ ଦମ୍‌ଦାର ହୋଇଛି । ଭିଡିଓରେ ତାଙ୍କର ଏକ ଡାଏଲଗ୍ ବି ରହିଛି। ଏଥିରେ ସେ କହିଛନ୍ତି 'ଯେତେବେଳେ ଶୋଇବା ପାଇଁ ମୁଁ ଆଖି ବନ୍ଦ କରେ, ମୋତେ ସେମାନଙ୍କ ଚେହେରା ଦିଶେନାହିଁ ଯାହାଙ୍କୁ ମୁଁ ହତ୍ୟା କରିଛି।

## ମୁଁ ଏକୁଟିଆ, କେହି ସାଥୀରେ ରହିବାକୁ ଚାହୁଁନାହାଁନ୍ତି



ବଲିଉଡ ସୁପରଷ୍ଟାର ଭାଇଜାନ୍ ସଲମାନ ଖାନ । ସେ କେବଳ ତାଙ୍କ ଫିଲ୍ମ ପାଇଁ ନୁହେଁ ବରଂ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି। ୬୦ ବର୍ଷ ବୟସରେ ମଧ୍ୟ ସଲମାନ ଖାନ ଅବିବାହିତା ଅଛନ୍ତି। ବିବାହ ପ୍ରସଙ୍ଗରେ କୌଣସି ପ୍ରତିକ୍ରିୟା ବି ଦେଉ ନାହାଁନ୍ତି । ବର୍ତ୍ତମାନ, ତାଙ୍କର ସଦ୍ୟତମ ସୋସିଆଲ ମିଡିଆ ପୋଷ୍ଟ ସହିତ ଚର୍ଚ୍ଚାକୁ ଆସିଛନ୍ତି । ସଲମାନ ଖାନ ଏକ ପୋଷ୍ଟ ସେୟାର କରିଛନ୍ତି ଯାହା ତାଙ୍କ ପ୍ରଶଂସକମାନଙ୍କୁ ଚିନ୍ତିତ କରିଛି । ତାଙ୍କ ପୋଷ୍ଟରେ ଥିବା କିଛି ଧାଡି ଲୋକମାନଙ୍କୁ ଭାବିବାକୁ ବାଧ କରିଛି ଯେ, ସଲମାନ ଖାନ୍ କଣ ହୋଇଛି ? ତାଙ୍କ ପୋଷ୍ଟ କ୍ୟାପସନକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ଫ୍ୟାନ୍ସଙ୍କୁ ଭାବପ୍ରବଣ କଲା ସଲମାନଙ୍କ ପୋଷ୍ଟ- ସଲମାନ ଖାନ ତାଙ୍କ ଷ୍ଟାଇଲ୍ ଏବଂ ପର୍ସନାଲିଟି ପାଇଁ ଜଣାଶୁଣା । କିନ୍ତୁ ଏଥର ତାଙ୍କର ଭାବପ୍ରବଣ ପୋଷ୍ଟ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି । ପ୍ରଶଂସକମାନେ ଲଗାତାର ମନ୍ତବ୍ୟ ହେଉଛନ୍ତି ଏବଂ ତାଙ୍କୁ ପଚାରୁଛନ୍ତି ଯେ ସବୁକିଛି ଠିକ୍ ଅଛି ତ ? ସଲମାନ୍ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏକ ସାର୍ଟଲେସ୍ ଫଟୋ ପୋଷ୍ଟ କରିଛନ୍ତି । ଫଟୋ ଅପେକ୍ଷା ତାଙ୍କ କ୍ୟାପସନଟି ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । କ୍ୟାପସନରେ ସେ ଲେଖିଛନ୍ତି, " ଏକା ରହିବା ଆପଣଙ୍କ ପସନ୍ଦ ହୋଇପାରେ, କିନ୍ତୁ ଯେତେବେଳେ କେହି ଆପଣଙ୍କ ସହିତ ରହିବାକୁ ଚାହାନ୍ତି ନାହିଁ ସେତେବେଳେ ଏକାକୀ ଅନୁଭବ ହୁଏ । ଏବେ, ତୁମେ କ'ଣ କରିବା ଉଚିତ୍ ତାହା ନିଷ୍ପତ୍ତି ନେବା ତୁମ ଉପରେ ନିର୍ଭର କରେ। " ସଲମାନଙ୍କର ଏହି ପୋଷ୍ଟ ତାଙ୍କ ଫ୍ୟାନ୍ସଙ୍କୁ ଚିନ୍ତାରେ ପକାଇଛି । ଅନେକ ଏହାକୁ ତାଙ୍କ ବ୍ୟକ୍ତିଗତ ଜୀବନ ସହିତ ଯୋଡିଛନ୍ତି । ଅନ୍ୟମାନେ ଏହାକୁ ଜୀବନର ବାସ୍ତବତା ବୋଲି କହିଛନ୍ତି । ସଲମାନ ଖୁବଶୀଘ୍ର "ମାତୃଭୂମି" ଫିଲ୍ମରେ ନଜର ଆସିବେ । ଏହି ଫିଲ୍ମରେ ଚିତ୍ରାଙ୍ଗଦା ସିଂହ ମଧ୍ୟ ନଜର ଆସିବେ । ଅପୂର୍ବ ଲାଖିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ମୂଳ ନାମ "ବ୍ୟାଟଲ୍ ଅଫ୍ ଗାଲୱାନ୍" ଥିଲା । ଫିଲ୍ମର ମୁକ୍ତିଲାଭ ପ୍ରଥମେ ଏପ୍ରିଲ ୧୭ରେ ହେବାକୁ ସ୍ଥିର କରାଯାଇଥିଲା, ତାହାକୁ ସ୍ଥଗିତ ରଖାଯାଇଛି ଏବଂ ନୂଆ ତାରିଖ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ । ଅଭିନେତ୍ରୀ ନୟନତାରାଙ୍କ ସହିତ ସଲମାନ ତାଙ୍କର ଦ୍ୱିତୀୟ ଫିଲ୍ମର ସୁଟିଂ ଆରମ୍ଭ କରିଛନ୍ତି, ଯାହାର ନାମ SVC63 ।

## ଶିଲ୍ପା ସେଟ୍ଟୀଙ୍କ ଶୋ'ରେ ପହଞ୍ଚିଲେ ଗୋବିନ୍ଦା ଓ ଟିନା



ବଲିଉଡର ଜଣାଶୁଣା କଳାକାର ଗୋବିନ୍ଦା ପ୍ରାୟ ସମୟରେ ଗଣମାଧ୍ୟମରେ ଶିରୋନାମା ପାଲଟି ଥାନ୍ତି। ନିକଟରେ ତାଙ୍କ ସୁରକ୍ଷାକର୍ମୀଙ୍କ ସହ ଫ୍ୟାନଙ୍କ ଝଗଡ଼ାର ଭିଡିଓ ବେଶ ଭାଇରାଲ ହୋଇଥିଲା । ଗୋବିନ୍ଦା ନିଜେ ଏହି ଘଟଣାରେ ହସ୍ତକ୍ଷେପ କରିଥିଲେ । ଏଭଳି ଅନେକ ଖବର ପାଇଁ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ଏକ ରିଆଲିଟି ଶୋ'ରେ ଝିଅ ଟିନା ଭାଗ ନେଇଥିବାବେଳେ ଗୋବିନ୍ଦା ମଧ୍ୟ ଏଠାରେ ପହଞ୍ଚିଥିଲେ । ଯାହାର ହୋଷ୍ଟ କରୁଛନ୍ତି ଶିଲ୍ପା ସେଟ୍ଟୀ । ବାପା-ଝିଅ ଶିଲ୍ପାଙ୍କ ସହ ଫଟୋ ଉଠାଇଥିଲେ । ଏହାସହ ସେମାନେ ଏକାଠି ଫଟୋ ଉଠାଇଥିଲେ । ଯାହାର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଯାହାକୁ ନେଇ ୟୁଜର୍ସମାନେ ବିଭିନ୍ନ କମେଣ୍ଟମାନ କରୁଥିବା ଦେଖିବାକୁ ମିଳିଛି । ତେବେ ଏହି ଶୋ' ମାଆ ଝିଅ ଯୋଗ ଦେବା କଥା । ମାଆ-ଝିଅଙ୍କ ସମ୍ପର୍କକୁ ନେଇ ଏହି ଶୋ' ଅନୁଷ୍ଠିତ । ମାତ୍ର ଗୋବିନ୍ଦାଙ୍କ ସହ ନଜର ଆସିଥିଲେ ଟିନା । ସେ ବାପାଙ୍କ ସହ ଏହି ଶୋ'ରେ ଯୋଗ ଦେଇଥିବାବେଳେ ସୁନୀତା ଅନୁପସ୍ଥିତ ଥିଲେ । ଯାହାକୁ ନେଇ ଫ୍ୟାନ୍ସମାନେ ବିଭିନ୍ନ ପ୍ରଶ୍ନ କରିଛନ୍ତି । କହିଛନ୍ତି କି, କାହିଁକି ଅନୁପସ୍ଥିତ ଅଛନ୍ତି ସୁନୀତା ?

## CM2026 ଥାଲାପତି ବିଜୟଙ୍କ କାର ନମ୍ବର, ଉପହାରରେ ଦେଲେ ନିର୍ଦ୍ଦେଶକ

ତାମିଲ ସିନେମାରେ ଏବେ ଥାଲାପତି ବିଜୟଙ୍କ ଯାଦୁ ଆଉ ଦେଖିବାକୁ ମିଳିବ ନାହିଁ, କାରଣ ସେ ରାଜନୀତିକୁ ଆସିଛନ୍ତି। ବିଜୟ ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟରେ ଏବେ ତାଙ୍କ ସରକାର ଚାଲିବ। ଥାଲାପତିଙ୍କୁ ନାୟକ ସଜାଇବା ପଛରେ ତାଙ୍କର ପ୍ରଶଂସକଙ୍କର ବହୁତ ବଡ଼ ହାତ ରହିଛି। ହେଲେ ତାମିଲ ସିନେମାରୁ ତାଙ୍କର ପ୍ରସ୍ଥାନ ଏକ ବହୁତ ବଡ଼ ଧକ୍କା ମଧ୍ୟ। ଥାଲାପତି ବିଜୟ ତାଙ୍କର ଫିଲ୍ମ କ୍ୟାରିୟରରେ ତାମିଲ ସିନେମାକୁ ଅନେକ ବଡ଼ ବଡ଼ ହିଟ୍ ଫିଲ୍ମ ଦେଇଛନ୍ତି। ଯେଉଁଥି ପାଇଁ ତାଙ୍କର ଲକ୍ଷ ଲକ୍ଷ ଶୁଭେଚ୍ଛୁ ଓ ପ୍ରଶଂସକ। ଗତ ୧୦ ବର୍ଷରେ ବିଜୟଙ୍କ ପ୍ରାୟ ପ୍ରତି ଫିଲ୍ମ ବଡ଼ ବ୍ଲକବଷ୍ଟର ହିଟ୍ ସାବ୍ୟସ୍ତ ହୋଇଛି। ଯେବେ ଗତ ଥର ଥାଲାପତି ଫିଲ୍ମ ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍ (GOAT)ରେ ନଜର ଆସିଥିଲେ, ସେତେବେଳେ ସେ ମଧ୍ୟ ବହୁ ଅର୍ଥ କମାଇ ଥିଲେ। ଫିଲ୍ମ ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମକୁ ଭେଙ୍କଟ ପ୍ରଭୁ ନିର୍ଦ୍ଦେଶନା ଦେଇ ଥିଲେ, ଯିଏ ତାମିଲ ସିନେମାର ଜଣେ ବଡ଼ ବ୍ୟକ୍ତିତ୍ୱ। ସେ ବିଜୟଙ୍କ ସହ ମିଶି ଦୁଇଟି ବଡ଼ ଫିଲ୍ମ କରିଥିଲେ।




## ବିବାହ କରିବାକୁ ମନା କଲେ ଗାୟିକା, କାନାଡାରୁ ଆସି ହତ୍ୟାର ଶିକାର

ପଞ୍ଜାବର ଲୁଧିଆନାରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି, ଯାହା ସଙ୍ଗୀତ ଶିଳ୍ପ ସମେତ ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ପ୍ରଖ୍ୟାତ ପଞ୍ଜାବୀ ଗାୟିକା ଇନ୍ଦର କୌର ଓରଫ ଯାସିନ୍ଦର କୌରଙ୍କୁ ୬ ଦିନ ପୂର୍ବେ ବନ୍ଧୁକ ମୁନରେ ଅପହରଣ କରାଯାଇଥିଲା। ଏବେ ତାଙ୍କୁ ହତ୍ୟା କରାଯାଇଛି। ଗାୟିକାଙ୍କ ମୃତଦେହ ନୀଲୋ କେନାଲରୁ ଉଦ୍ଧାର କରାଯାଇଛି।



ମୃତଦେହ ଚିହ୍ନଟ ହେବା ପରେ ପରିବାରରେ ଗଭୀର ଶୋକ ଖେଳିଯାଇଛି। ପୋଲିସ ପୋଷ୍ଟମର୍ଟମ ପାଇଁ ସମରାଲା ସିଭିଲ ହସ୍ପିଟାଲର ଶବାଗାରରେ ମୃତଦେହ ଜମା କରିଛି। ପୋଲିସରେ ଦାଖଲ ହୋଇଥିବା ଏକ ଅଭିଯୋଗରେ, ଗାୟିକା ଇନ୍ଦର କୌରଙ୍କ ଭାଇ ଜୋତିନ୍ଦର ସିଂହ କହିଛନ୍ତି ଯେ, ମେ ୧୩ ରାତିରେ ପ୍ରାୟ ୮:୩୦ ସମୟରେ ଇନ୍ଦର କୌର ବଜାରରୁ କିରାଣା କିଣିବା ପାଇଁ ତାଙ୍କ ଫୋର୍ଡ ଫିଗୋ କାରରେ ବାହାରିଥିଲେ କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଖୋଜାଖୋଜି ଆରମ୍ଭ କରିଥିଲେ। ସେମାନଙ୍କର ସନ୍ଦେହ ମୋଗାର ଭଲ୍ଲୁର ଗ୍ରାମର ସୁଖବିନ୍ଦର ସିଂ ଉପରେ କେନ୍ଦ୍ରିତ ହୋଇଥିଲା। ସୁଖବିନ୍ଦର ଇନ୍ଦର କୌରଙ୍କୁ ବିବାହ କରିବାକୁ ବାଧ କରିବାକୁ ଚେଷ୍ଟା କରୁଥିଲେ।

